



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-236 ◆SATURDAY ◆21 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୩୬ ◆ଶନିବାର ◆୨୧ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବିକାଶ ସ୍ୱପ୍ନ; ଋଣ ଭରସା

## ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍ ବାଢ଼ିଲେ ମୋହନ ସରକାର

■ ଭୁବନେଶ୍ୱର, ୨୦।୨ (ସମିସ): ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍। ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ୨.୯ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ସେହି ତୁଳନାରେ ଆଗାମୀ ଆର୍ଥିକ ବର୍ଷର ବଜେଟ୍ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଟିକସ ଓ ଅଣ ଟିକସରୁ ୧.୪୧ ଲକ୍ଷ କୋଟି ଆୟ ଲକ୍ଷ୍ୟ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଅଂଶ ଓ ଅନୁଦାନ ବାବଦରେ ଯଥାକ୍ରମେ ୪୦୦୩୯.୫୪ କୋଟି ଓ ୬୭୪୬୦.୪୬ କୋଟି ଆୟ ହେବ ବୋଲି ଆଶା କରିଛନ୍ତି।

ଅନ୍ୟପକ୍ଷରେ ଆବଶ୍ୟକତା ଭରଣା ପାଇଁ ଆଗାମୀ ଆର୍ଥିକ ବର୍ଷ ୪୭୮୦୦ କୋଟି ଟଙ୍କା ଋଣ କରିବେ ଓ ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ ୧୩୦୦୦ ଟଙ୍କା, ଋଣ ଆଦାୟରୁ ୭୦୦ ଟଙ୍କା ପାଇବେ ବୋଲି ବଜେଟ୍‌ରେ କୁହାଯାଇଛି। ଅପରପକ୍ଷରେ ସରକାର ପେନସନ, ଦରମା ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟବାବଦରେ ୧୯୧୩୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। କ୍ୟାପିଟାଲ ସେକ୍ଟରରେ ୭୨୧୦୦ କୋଟି ବ୍ୟୟକରିବେ ଓ ପୂର୍ବ ଋଣର ସୁଧ ବାବଦରେ ୮୨୦୦ କୋଟି ଟଙ୍କା ପରିଶୋଧ କରିବେ। ଏହାବ୍ୟତୀତ ପୁରୁଣା ଋଣରୁ ୨୨ ୦୦୦ କୋଟି ପରିଶୋଧ କରିବେ। ଅନ୍ୟପକ୍ଷରେ ବିପର୍ଯ୍ୟୟ ପରିଚାଳନା ବାବଦରେ ୫୩୭୫ କୋଟି ଓ ଅନ୍ୟାନ୍ୟ ସ୍ଥାନାନ୍ତରଣ ବାବଦରେ ୧୦୬୨୫ କୋଟି ବ୍ୟୟ କରିବେ।



କାର୍ଯ୍ୟକ୍ରମ ବ୍ୟୟ ୧.୮୦ ଲକ୍ଷ କୋଟି; ଋଣ ଓ ଅନୁଦାନ ଭରସାରେ ଯୋଜନା

୩ ବର୍ଷରେ ନିର୍ମାଣ ହେବ ୧୧ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ


କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ


'ସୁଭଦ୍ରା' ପାଇଁ ୧୦୦୦୦ କୋଟି, ଗ୍ରାମାଞ୍ଚଳର ଉନ୍ନତି ପାଇଁ ୪୪୩୦୯ କୋଟି

୬ ଲକ୍ଷ ନୂତନ ହିତାଧିକାରୀଙ୍କୁ ଭତ୍ତା, ଗରିବ ଝିଅଙ୍କ ପାଇଁ 'କନ୍ୟା ସୁମଙ୍ଗଳ'

ଦୀର୍ଘ ୨ ଘଣ୍ଟାର ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଚଳିତ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କା ବରାଦ କରିଛନ୍ତି। ଧାନ କିଣା ବାବଦରେ ୬ ହଜାର ୮୮ କୋଟି ଟଙ୍କା ବ୍ୟବସ୍ଥା ରଖିଛନ୍ତି। ପୁନଶ୍ଚ ଯୋଗାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠ ଗଠନ ପାଇଁ ବଜେଟରେ ପ୍ରସ୍ତାବ ରହିଛି ଏବଂ ୩ ବର୍ଷ ମଧ୍ୟରେ ୧୧ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ସୁଭଦ୍ରା ଯୋଜନା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ହାତ ଖୋଲିଦେଇଛନ୍ତି। ଏହି ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରାଇବା ପାଇଁ ରାଜ୍ୟ ସରକାର ୨୦୨୬-୨୭ ପାଇଁ ୧୦ ହଜାର ୧୪୫ କୋଟି ଟଙ୍କା। ବରାଦ କରିଛନ୍ତି। ଅନୁରୂପ ଭାବରେ 'ସୁଭଦ୍ରା ଶକ୍ତି ସମ୍ବାଦ' ନାମରେ ଏକ ନୂତନ ଯୋଜନା ପ୍ରଣୟନ ସହ ଏହା ଅଧୀନରେ ସୁଭଦ୍ରା ୱେଲ୍‌ନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ନାମରେ ଏକ ନୂତନ ଯୋଜନା ପ୍ରଣୟନ ପାଇଁ ପ୍ରସ୍ତାବ ରଖିଛନ୍ତି। ଏହି ଯୋଜନାରେ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଞ୍ଚୟ ଉପକରଣ ସୃଷ୍ଟି କରାଯିବ। ସ୍ନାତକ ଶିକ୍ଷା ଶେଷ ପରେ ଏହି ଯୋଜନାରେ ତାଙ୍କୁ ୧ଲକ୍ଷ ୧ ହଜାର ଟଙ୍କା ପ୍ରଦାନ କରାଯିବ।

ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ପାଇଁ ୪୪ ହଜାର ୩୦୯ କୋଟି ଟଙ୍କାର ବ୍ୟାପକ ନିବେଶ ଲାଗି ମୁଖ୍ୟମନ୍ତ୍ରୀ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୨୦୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସରକାର ମନରେଗା ଆଇନ୍ ବଦଳରେ ▸ପୃଷ୍ଠା-୭




## ୧୬ ନୂଆ କାର୍ଯ୍ୟକ୍ରମ


ଭିବି ଜି ରାମ ଜି ॥ ସମୃଦ୍ଧ ଅଙ୍ଗନବାଡି ଯୋଜନା ॥ ମଡେଲ ମଣ୍ଡି ॥ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ॥ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ॥ ୱାର୍ଲଡ ଗ୍ରେନ ଷ୍ଟୋରେଜ ପ୍ଲାନ ॥ ରେଆର ଆର୍ଥ କରିଡର ॥ ଷ୍ଟେଟ ଇନ୍‌ଷ୍ଟିଟ ଅଫ ଟ୍ରାନ୍ସଫର୍‌ମେଟିଭ ଇନିସିଏଟିଭ ॥ ବିଚ୍ଛିନ୍ନଅଞ୍ଚଳକୁ ଯୋଗାଯୋଗ ॥ ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର ॥ ୱାର୍ଲଡ ଟୁରିଜିମ ସେଣ୍ଟର (ପୁରୀ) ॥ ଷ୍ଟେଟ ଏଆଇ ମିଶନ ॥ ଟୁରିଜିମ ଲାଣ୍ଡ ବ୍ୟାଙ୍କ ସ୍କିମ ॥ ଡାଲଖାଇ ॥ ମୁଖ୍ୟମନ୍ତ୍ରୀ ଅର୍ଥ ପରାମର୍ଶଦାତା ପରିଷଦ ॥ ଫିଟ୍ ଓଡ଼ିଶା ମିଶନ

### ନବୀନଙ୍କ ତୀକ୍ଷ୍ଣ କଟାକ୍ଷ

# ରୋଷେଇ ଘର ଖାଲି; ଖାଦ୍ୟ ତାଲିକା ଲମ୍ବା

■ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟ ସରକାରଙ୍କ ବଜେଟ୍‌କୁ ଅତି ସଂକ୍ଷେପରେ ତୀକ୍ଷ୍ଣ କଟାକ୍ଷ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ବଜେଟ ସମ୍ପର୍କରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ରୋଷଘର ଶୂନ୍ୟ, ମାତ୍ର ଖାଦ୍ୟ ତାଲିକା ଲମ୍ବା। ସାଧାରଣତଃ ଲୋକେ ବ୍ୟଞ୍ଜନ ପ୍ରସ୍ତୁତି ସମୟରେ ରୋଷଘରେ ଥିବା ସାମଗ୍ରୀକୁ ନେଇ ବ୍ୟଞ୍ଜନ ସୂଚୀ ପ୍ରସ୍ତୁତ କରିଥାଆନ୍ତି । ମାତ୍ର ଯେଉଁଠି ରୋଷଘର ଖାଲି, ରୋଷଘରେ ବ୍ୟଞ୍ଜନ ସାମଗ୍ରୀ ନାହିଁ, ସେଠାରେ ଲମ୍ବା ଖାଦ୍ୟ ସୂଚୀର ଅର୍ଥ କ'ଣ ବୋଲି ପରୋକ୍ଷରେ ନବୀନ କହିଛନ୍ତି।

ଆଉ ଏକ ବଜେଟ୍ ଉପସ୍ଥାପନ କରିବା ପାଇଁ ଓଡ଼ିଶା ବିଜେପି ସରକାରଙ୍କୁ ଅଭିନନ୍ଦନ ଜଣାଇ ନବୀନ କହିଛନ୍ତି ଯେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାର ଜନସାଧାରଣଙ୍କ ହାତରେ ଜହ୍ନ ଦେବାର ପ୍ରତିଶ୍ରୁତି ଦେଇ ଏବେ ଓଲଟା ଦିଗରେ ନେଉଛନ୍ତି । ରାଜ୍ୟ ଏକ ନୂଆ ଯୁଗ ଦିଶାରେ ଗତି କରୁଛି, ଯେଉଁଠି ଜନ୍ମ ହେଉହେଉ ଓଡ଼ିଶାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡରେ ୩୦ ହଜାର ଟଙ୍କାର ଋଣ ବୋଝ ପଡ଼ିବ । ଯେତେବେଳେ ବିଜେଡି ସରକାର ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ଋଣ ପରିଶୋଧ ପରେ ଲୋକଙ୍କ କଲ୍ୟାଣ ଓ ବିକାଶ ପ୍ରକଳ୍ପ ପାଇଁ କମ୍ ପାଣ୍ଠି ବଳକା ରହୁଥିଲା। ବର୍ଷ ବର୍ଷର ସୁଚିନ୍ତିତ ଯୋଜନା ଓ ସୁସଙ୍ଗତ ବିତ୍ତୀୟ ପରିଚାଳନା ଦ୍ୱାରା ଆମେ ▸ପୃଷ୍ଠା-୭



ଜହ୍ନର ପ୍ରତିଶ୍ରୁତି ଦେଇ ଅନ୍ଧାର ଯୁଗକୁ ନେଉଛନ୍ତି ରାଜ୍ୟ ସରକାର

ପ୍ରତ୍ୟେକ ନବଜାତ ଶିଶୁ ମୁଣ୍ଡରେ ପଡ଼ିବ ୩୦ ହଜାର ଟଙ୍କାର ଋଣ

ରାଜ୍ୟ ଉପରେ ବଢ଼ିବ ଆର୍ଥିକ ଚାପ, ପଥଭ୍ରଷ୍ଟ ହେବ ଜନକଲ୍ୟାଣ

# ବୃତ୍ତି ଟିକସ ପ୍ରତ୍ୟାହୃତ

## ଏପ୍ରିଲ ପହିଲାରୁ ହେବ ଲାଗୁ

■ ଭୁବନେଶ୍ୱର, ୨୦।୨ (ସମିସ): ଚଳିତଥର ବଜେଟ୍‌ରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ବୃତ୍ତି ଟିକସ (ପ୍ରଫେସନାଲ ଟ୍ୟାକ୍ସ)କୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି। ଫଳରେ ବୃତ୍ତିଧାରୀମାନଙ୍କୁ ବର୍ଷକୁ ଦେଉଥିବା ୨୫୦୦ ଟଙ୍କାର ଟିକସ ଆଉ ଦେବାକୁ ପଡ଼ିବ ନାହିଁ। ବୃତ୍ତି ଟିକସ ଉଚ୍ଛେଦ ପ୍ରସ୍ତାବ ଆସନ୍ତା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟ ସରକାର ବାର୍ଷିକ ପ୍ରାୟ ୩୨୦ କୋଟି ଟଙ୍କାର ରାଜସ୍ୱ ହରାଇବେ। ଏଠାରେ ସୂଚନାଯୋଗ୍ୟ, ପ୍ରାକ୍-ବଜେଟ୍ ବୈଠକରେ ଅର୍ଥନୀତି କ୍ଷେତ୍ରର ବିଶେଷଜ୍ଞ ଏବଂ ବିଭିନ୍ନ ସଂଗଠନଗୁଡ଼ିକ ବୃତ୍ତି ଟିକସ ହଟାଇବାକୁ ଦାବି କରିଥିଲେ। ସେମାନେ ଯୁକ୍ତି କରିଥିଲେ ଯେ ସମାନ କରଦାତା ଦୁଇ ଥର କର ଭାରର ପରିସ୍ଥିତି ସମ୍ମୁଖୀନ ହେଉଛନ୍ତି। ଯେହେତୁ ବୃତ୍ତି ଉପରେ ଟିକସ ଅସୁଲ ଏକ ଟିକସ, ତାହା କରଦାତାଙ୍କଠାରୁ ଅସୁଲ କରାଯାଉଛି। ଏହାସହ ସେହି କରଦାତାଙ୍କଠାରୁ ଆୟକର ପୃଥକ୍ ଭାବେ ଆଦାୟ କରାଯାଉଛି। ତେଣୁ ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର ବଜେଟ୍‌ରେ ବୃତ୍ତି ଟିକସକୁ ହଟାଇ ଦେଇଛନ୍ତି।

# କୃଷି ବ୍ୟୟବରାଦ ମାତ୍ର ୬୮ ଲକ୍ଷ ବୃଦ୍ଧି

■ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟରେ ଧାନକିଣା ଓ କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ମଣ୍ଡିରେ ମାଳମାଳ ସମସ୍ୟା, ଚାଷୀଙ୍କ ଧାନ କିଣିବାକୁ ନେଇ ସରକାରଙ୍କ ଅସ୍ପଷ୍ଟ ନୀତିକୁ ନେଇ ସରକାରଙ୍କୁ ସାଧାରଣରେ ସମାଲୋଚନା କରାଯାଉଛି। ଏହି ପ୍ରସଙ୍ଗକୁ ନେଇ ଚାଷୀ ସଂଗଠନ ଓଡ଼ିଶା ବନ୍ଦ ଡ଼ାକରା ଦେଇଛି। ବିଧାନସଭାରେ ଏହି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି ଓ ଗଲା ୩ ଦିନ ଧରି ବିରୋଧୀ ଗୃହ ଚଳାଇ ଦେଉନାହାନ୍ତି। ଏହି ସମୟରେ ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପାଇଁ ବଜେଟ୍ ବରାଦ ସାଧାରଣ ଲୋକ ଓ ରାଜ୍ୟର ଅର୍ଥନୀତିଜ୍ଞଙ୍କୁ ବିସ୍ମିତ କରିଛି। କୃଷି ବିଭାଗ ରାଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ। ସେଥିପାଇଁ ପୂର୍ବ ବିଜେଡି ସରକାର ସମୟରେ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ ହେଉଥିଲା। ମାତ୍ର ସରକାର ବଦଳିବା ସହ କୃଷକଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ବି ବଦଳି ଯାଇଥିବା ଅଭିଯୋଗ ହୋଇଛି। ବର୍ଷକ ମଧ୍ୟରେ ବଜେଟ ବରାଦ ୨୦ ହଜାର କୋଟି ଟଙ୍କା ବୃଦ୍ଧି କରିଥିବା ବେଳେ କୃଷି ବିଭାଗ ବ୍ୟୟ ଅଟକଳ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ କରାଯିବା ସାଧାରଣରେ ଆଲୋଚନାର ପ୍ରସଙ୍ଗ ହୋଇଛି ।

ସୂଚନାଯୋଗ୍ୟ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ବଜେଟରେ ୧୪୭୦୦.୭୧ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ତେବେ ୨୦୨୬-୨୭ ▸ପୃଷ୍ଠା-୭

ପ୍ରଥମଥର ୧୦ ହଜାର କୋଟି ଟପିଲା ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ

ଚଳିତ ବର୍ଷଠାରୁ ପ୍ରାୟ ୧୧୦୦ କୋଟି ଅଧିକ ଟିକସ ଆଦାୟ ଯୋଜନା

### ପଶ୍ଚିମବଙ୍ଗ ଏସ୍ଆଇଆର୍‌କୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବେ କଲକତା ହାଇକୋର୍ଟ

■ ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ପଶ୍ଚିମବଙ୍ଗ ଏବଂ ନିର୍ବାଚନ କମିଶନ (ଇସି)ଙ୍କ ମଧ୍ୟରେ ବିବାଦ ଜାରି ରହିଛି। ସୁପ୍ରିମକୋର୍ଟରେ ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଜାରି ରହିଛି। ରାଜ୍ୟ ସରକାର ଏବଂ ଇସି ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି। ଏପରି ସ୍ଥଳେ ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ଅସାଧାରଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟାରେ ସହଯୋଗ କରିବା ପାଇଁ କଲକତା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବା ପାଇଁ ମୁଖ୍ୟ ବିଚାରପତି ସୁଜୟ ପାଲଙ୍କୁ କହିଛନ୍ତି। ଏଥିପାଇଁ ବର୍ତ୍ତମାନର ଏବଂ ପୂର୍ବତନ ଜିଲ୍ଲା ଜଜ୍ ମୁତୟନ ହେବେ। ଏମାନେ ଏସଆଇଆର ଦାବି ଏବଂ ଅଭିଯୋଗର ସମାଧାନ କରିବେ। ସେହିପରି ରାଜ୍ୟର ମୁଖ୍ୟ ସଚିବ, ଡିଜିପି ଏବଂ ▸ପୃଷ୍ଠା-୭



ମୁଖ୍ୟ ସଚିବ, ଡିଜିପି ଓ ଇସି ଅଧିକାରୀଙ୍କ ବୈଠକ ଡାକିବେ ହାଇକୋର୍ଟ

ସରକାର ଓ ଇସିଙ୍କ ମଧ୍ୟରେ ବିଶ୍ୱସନୀୟତା ନାହିଁ

ଅସହଯୋଗ ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କଲେ ସିଜେଆଇ

### ଟ୍ରମ୍ପଙ୍କୁ ଝଟ୍‌କା

# ଟାରିଫ୍ ରଦ୍ଦ କଲେ ଆମେରିକା ସୁପ୍ରିମକୋର୍ଟ

## ରାଷ୍ଟ୍ରପତିଙ୍କର ନାହିଁ ଟାରିଫ୍ ଲଗାଇବାର କ୍ଷମତା

■ ୱାଶିଂଟନ, ୨୦।୨ (ଏଜେନ୍ସି): ମନଇଚ୍ଛା ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ 'ସୁପ୍ରିମ' ପ୍ରହାର ବାଜିଛି। ବିଶ୍ୱବ୍ୟାପୀ ଟ୍ରମ୍ପ ଲଗାଇଥିବା ଶୁଳ୍କ ତଥା ଟାରିଫକୁ ଶୁକ୍ରବାର ଆମେରିକାର ସର୍ବୋଚ୍ଚ ଅଦାଲତ ରଦ୍ଦ କରିଦେଇଛନ୍ତି। ଅନ୍ୟ ଦେଶ ଉପରେ ଲଗା ଯାଇଥିବା ଏହି ଶୁଳ୍କକୁ ବେଆଇନ ଦର୍ଶାଇବା ସହିତ ଶୁଳ୍କ ଲଗାଇବାର କୌଣସି ଅଧିକାର ରାଷ୍ଟ୍ରପତିଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଶୁଳ୍କ ଲଗା ଯାଇଥିବା ସବୁ ଦେଶ ସହ ଆମେରିକା ଯୁଦ୍ଧରେ ଲିପ୍ତ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଶୁଳ୍କର ପରିସର, ସମୟ ଏବଂ ପରିମାଣର ମଧ୍ୟ କୌଣସି ସୀମା ନାହିଁ। କଂଗ୍ରେସ କ୍ଷମତା ଦେବା ପରେ ଯାଇ ସତର୍କତାର ସହ ଏଭଳି ଶୁଳ୍କ ଲଗାଇବାର ଥିଲା; ମାତ୍ର ରାଷ୍ଟ୍ରପତି ଲଗାଇଥିବା ଶୁଳ୍କରେ ଏଭଳି କିଛି କରାଯାଇ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନ୍ୟପଟେ ଶୁଳ୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଟ୍ରମ୍ପ ସମାଲୋଚନା କରିଛନ୍ତି। ଏହା ଉପରେ ଅସନ୍ତୋଷ ପ୍ରକାଶ କରି ମୋ ପାଖରେ 'ବ୍ୟାକଅପ୍ ପ୍ଲାନ' ତଥା ଅନ୍ୟ ଯୋଜନା ଅଛି ବୋଲି ଟ୍ରମ୍ପ କହିଛନ୍ତି।

ଜରୁରୀକାଳୀନ ସାମ୍ବିଧାନିକ କ୍ଷମତାର ବ୍ୟବହାର କରି ଟ୍ରମ୍ପ ଏହି ଶୁଳ୍କ ଲଗାଇ ଥିଲେ। ଏହି କ୍ଷମତା କେବଳ ଜରୁରୀ ସ୍ଥିତି ସମୟରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ପରିପ୍ରେକ୍ଷୀରେ ଶୁଳ୍କ ଉପରେ ସୁପ୍ରିମକୋର୍ଟଙ୍କ ଆସନ୍ନ ରାୟକୁ ନେଇ ଟ୍ରମ୍ପ ମଧ୍ୟ ଭୟଭୀତ ଥିଲେ। ଯଦି ମାମଲା ହାରିଯାଏ, ତେବେ ଦେଶ ବର୍ବାଦ ହୋଇଯିବ କହି ଟ୍ରମ୍ପ ସୁପ୍ରିମକୋର୍ଟଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ କୋର୍ଟଙ୍କ ଏହି ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ଆର୍ଥିକ ନୀତି ପାଇଁ ଶକ୍ତ ଚାପୁଡ଼ା ସଦୃଶ ହୋଇଛି।

ସୂଚନାଯୋଗ୍ୟ ଯେ ଗତ ବର୍ଷ ଏପ୍ରିଲରେ ଟ୍ରମ୍ପ ରାଷ୍ଟ୍ରୀୟ ସୁରକ୍ଷାକୁ ଆଧାର କରି ବିଶ୍ୱର ଅନେକ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଶୁଳ୍କ ଲଗାଇଥିଲେ। ମାତ୍ର ଟ୍ରମ୍ପ ଏହି ଶୁଳ୍କ ପାଇଁ ବ୍ୟବହାର କରିଥିବା ନିୟମକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସେ ଇଣ୍ଟରନ୍ୟାସନାଲ ଏମର୍ଜେନ୍ସି ଇକୋନମିକ୍ ପାୱାର୍ସ ଆକ୍ଟ (ଆଇଇଇପିଏ) ବ୍ୟବହାର କରି ଶୁଳ୍କ ଲଗାଇ ଥିଲେ। ଏହି ଆଇନ ୧୯୭୭ର। ଦେଶ ପ୍ରତି ଗମ୍ଭୀର ବିପଦ କିମ୍ବା ଯୁଦ୍ଧ ଭଳି ସ୍ଥିତି, ବିଦେଶୀ ଶତ୍ରୁ ଦ୍ୱାରା ବଡ଼ ଆର୍ଥିକ ବିପଦ ଦେଖାଗଲେ, ଅନ୍ତର୍ଜାତୀୟ ସଙ୍କଟ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ। ▸ପୃଷ୍ଠା-୭

ଟାରିଫ୍ ଲଗାଇବା ପୂର୍ବରୁ ନିଆଯାଇନି କଂଗ୍ରେସର ଅନୁମତି

ଭାରତ ଉପରେ ଲଗାଯାଇଥିବା ୧୮ ପ୍ରତିଶତ ଶୁଳ୍କ ରଦ୍ଦ

ରାୟକୁ ଟ୍ରମ୍ପଙ୍କ ସମାଲୋଚନା: 'ବ୍ୟାକଅପ୍ ପ୍ଲାନ' ଅଛି







# ଅଣ୍ଟିରେ ନାହିଁ ଧନ; ପୁଅ ବାହାଘର ପାଇଁ ମନ

ଭୁବନେଶ୍ୱର,୨୦।୨(ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଛନ୍ତି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ । ଏଥିରେ ଅନେକ ନୂଆ ଯୋଜନା ପ୍ରଣୟନ କରିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ପ୍ରସ୍ତାବ ରଖିଛନ୍ତି । ମାତ୍ର ଏହି ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପାଖରେ ଧନ ନାହିଁ । ରାଜ୍ୟ ସରକାରଙ୍କ ପ୍ରଶାସନିକ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଅନୁଦାନ ବାବଦରେ ସରକାର ୪୦୦୩୯ କୋଟି ଟଙ୍କା ଓ ଟିକସ ଅଂଶ ଭାବରେ ୬୭୪୬୦ କୋଟି ଟଙ୍କା ମିଳିବ । ତେଣୁ ସବୁ ମିଶାଣ ଫେଡ଼ାଣ ପରେ ବଜେଟ ନିଅଣ୍ଟ ପ୍ରାୟ ୬୦ ହଜାର କୋଟି ଟଙ୍କା ହେବ ଏବଂ ଏହି ଅର୍ଥକୁ ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ଭରଣା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଆଗାମୀ ବର୍ଷ ନିଜସ୍ୱ ସୂତ୍ରରୁ ୭୦ ହଜାର କୋଟି ଟଙ୍କା ରାଜସ୍ୱ ପାଇବେ । ସେହିପରି ଅଣରାଜସ୍ୱ ସୂତ୍ରରୁ ୭୧ ହଜାର କୋଟି ଟଙ୍କା, କେନ୍ଦ୍ରୀୟ ଟିକସ ଅଂଶ ଓ କେନ୍ଦ୍ରୀୟଅନୁଦାନ ବାବଦରେ୧ଲକ୍ଷ ୭ ହଜାର କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି । ଏହାବ୍ୟତୀତ ଅଗ୍ରୀମ ସୂତ୍ରରୁ ୭୦୦ କୋଟି ଟଙ୍କା ପାଇବେ ବୋଲି ହିସାବ ରଖିଛନ୍ତି ।

## ୨୦୨୬-୨୭ରେ ୪୭,୮୦୦ କୋଟି ଟଙ୍କା ଋଣ କରିବେ ସରକାର

ଖର୍ଚ୍ଚ ଅର୍ଥାତ୍ ସରକାରୀ କର୍ମଚାରୀଙ୍କ ଦରମା, ପେନସନ ଓ ଅନ୍ୟାନ୍ୟ ବ୍ୟୟ ପାଇଁ ସରକାର ୧.୯୧ ଲକ୍ଷ କୋଟି ଟଙ୍କା ବରାଦ କରିଛନ୍ତି । ବିଡ଼ମ୍ବନା ହେଉଛି ଏତିକି ବ୍ୟୟ ପାଇଁ ସରକାରଙ୍କ ପାଖରେ ବି ଧନ ନାହିଁ । ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ଆୟରୁ ମାତ୍ର ୧.୪୧ ଲକ୍ଷ କୋଟି ଆୟ ହୋଇପାରିବ ବୋଲି ସରକାର ଆକଳନ କରିଛନ୍ତି । ଅନୁରୂପ ଭାବରେ

ଆସନ୍ତା ଆର୍ଥିକ ବର୍ଷରେ ସରକାର ଖୋଲାବଜାର ଓ ଅନ୍ୟାନ୍ୟ ସୂତ୍ରରୁ ୪୭୮୦୦ କୋଟି ଟଙ୍କା ଋଣ କରିବେ ବୋଲି ବଜେଟ୍ ପୁସ୍ତିକାରେ ସୂଚନା ଦିଆଯାଇଛି । ସେହିପରି ପ୍ରୋଭିଡ଼େଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ ୧୩୦୦୦ କୋଟି ଟଙ୍କା ସରକାର ଆହରଣ କରିବେ । ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସରକାର

୨୦୦୦ ମସିହାରେ ବିଜେଡି ସରକାର କ୍ଷମତାକୁ ଆସିବା ସମୟରେ ଓଡିଶାର ଋଣ ଭାର ୧୮ ହଜାର କୋଟି ଟଙ୍କା ଥିଲା । ୨୪ ବର୍ଷ ଭିତରେ ସରକାର ୭୮ ହଜାର କୋଟି ଟଙ୍କା ଋଣ କରିଥିଲେ। ୨୦୨୪ରେ ବିଜେଡି ସରକାର ଛାଡ଼ିବା ବେଳେ ରାଜ୍ୟର ଋଣ ଭାର ଥିଲା ୯୪ ହଜାର କୋଟି। ରାଜ୍ୟରେ ବିଜେପି ସରକାର ଗଢ଼ିବା ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩ ହଜାର କୋଟି ଟଙ୍କା ଋଣ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୪୭ ହଜାର କୋଟି ଋଣ କରିବାକୁ ବଜେଟରେ ବ୍ୟବସ୍ଥା କରିଥିଲେ। ଆଗାମୀ ଆର୍ଥିକ ବର୍ଷ ପାଇଁ ୪୮୭୦୦ କୋଟି ଟଙ୍କା ଋଣ କରିବାକୁ

### ୩ଟି ବଜେଟରେ ୧ଲକ୍ଷ ୩୭ ହଜାର ୮୦୦ କୋଟି ଋଣ ଯୋଜନା

### ୨୪ ବର୍ଷରେ ୭୮ ହଜାର କୋଟି ଋଣ କରିଥିଲା ବିଜେଡି ସରକାର

ବଜେଟରେ ସରକାର ଯୋଜନା କରିଛନ୍ତି । ଏକପକ୍ଷରେ ରାଜସ୍ୱ ଆୟ ବୃଦ୍ଧି ପାଉ ନ ଥିବା ସମୟରେ ଋଣଭାର ବୃଦ୍ଧି ରାଜ୍ୟ ଉପରେ ବୋଝ ହେବାକୁ ଯାଉଛି ।

ଅର୍ଥନୀତି ବିଶାରଦମାନେ ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଯଦି ସରକାର ବଜେଟ ପାଣ୍ଠି ଭଲ ଭାବେ ବ୍ୟୟ କରୁଛନ୍ତି ଏବଂ ତା ସହିତ ଋଣ କରୁଛନ୍ତି ତା ହେଲେ ବିକାଶ ତ୍ୱରାନ୍ୱିତ ହେବ । କିନ୍ତୁ ଚଳିତ ଆର୍ଥିକ ବର୍ଷରେ ବଜେଟ ବ୍ୟୟ ନୈରାଶ୍ୟଜନକ ରହିଥିବା ବେଳେ ପୂର୍ବାପେକ୍ଷା ଅଧିକ ଋଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିତ୍ତୀୟ ପରିଚାଳନାରେ ସମଗ୍ର ଦେଶରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଆସୁଥିବା ଓଡିଶା ପୁଣି ୨୦୦୦ ମସିହା ପୂର୍ବକୁ ଫେରିଯିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି । ହାତରେ ଧନ ନ ଥାଇ ପୁଅ ବାହାଘରକୁ ମନ କରିବା ପରି ଆବଶ୍ୟକ ଆୟ ସାଧନ ନ ଥିବା ସତ୍ତ୍ୱେ ସରକାର ମାଲମାଲ ଯୋଜନା କରି ଚାଲିଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି ।

## ଖଣି, ଅବକାରୀ, ବିକ୍ରି କର ଭରସା

ଭୁବନେଶ୍ୱର, ୨୦।୨ (ସମିସ): ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେବଳ ଖଣି ଓ ଅବକାରୀରୁ ୬୩୯୦୦ କୋଟି ଟଙ୍କା ଟିକସ ଆଦାୟ ଲକ୍ଷ୍ୟ ରଖିଛନ୍ତି । ସେହିପରି ବିକ୍ରିକରରୁ ୧୬ ହଜାର କୋଟି ଓ ଏସ୍‌ଜିଏସ୍‌ଟିରୁ ୨୯୫୦୦ କୋଟି ଟଙ୍କା ସରକାର ଆଦାୟ କରିବେ। ରାଜ୍ୟ ସରକାର ନିଜସ୍ୱ ରାଜସ୍ୱ ଓ ଅଣ ରାଜସ୍ୱ ବାବଦରେ ମୋଟ ୧.୪୧ ଲକ୍ଷ କୋଟି ଟଙ୍କା ପାଇବେ ବୋଲି ଆଶା କରିଥିବାବେଳେ ଖଣି, ଅବକାରୀ, ବିକ୍ରିକର ଓ ଏସ୍‌ଜିଏସ୍‌ଟିରୁ ମୋଟ ରାଜସ୍ୱରୁ ୮୦ ପ୍ରତିଶତ ଆଦାୟ ହେବ । ଖଣିରୁ ରାଜ୍ୟ ସରକାର ଆଗାମୀ ବର୍ଷ ୫୩୦୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛନ୍ତି ସେହିପରି ଅବକାରୀରୁ ସରକାର ୧୦୯୦୦ କୋଟି ଟଙ୍କା ପାଇବେ ବୋଲି ସରକାର ଆକଳନ କରିଛନ୍ତି ଏହାବ୍ୟତୀତ ମୋଟରଗାଡ଼ି ଟିକସରୁ ୩୬୦୦ କୋଟି, ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଫି ବାବଦରେ ୩୪୦୦ କୋଟି, ଅନ୍ୟ ଟିକସ ଓ ବିଦ୍ୟୁତରୁ ୫୧୦୦ କୋଟି ଟଙ୍କା ମିଳିବ ବୋଲି କୁହାଯାଇଛି । ବିଭିନ୍ନ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ୧୪୨୧ କୋଟି ଟଙ୍କା ମିଳିବ ବୋଲି ବଜେଟ୍‌ରେ କୁହାଯାଇଛି ।

**ଖଣିରୁ ୫୩,୦୦୦ କୋଟି ଓ ଅବକାରୀରୁ ୧୦,୯୦୦ କୋଟି ଟିକସ ଆଦାୟ ଲକ୍ଷ୍ୟ**

**ବିକ୍ରି କରରୁ ୧୬ ହଜାର କୋଟି, ଏସ୍‌ଜିଏସ୍‌ଟିରୁ ୨୯,୫୦୦ କୋଟି ଟଙ୍କାର ରାଜସ୍ୱ**

## ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର୍‌ର ଅର୍ଥନୀତି

ଭୁବନେଶ୍ୱର, ୨୦।୨(ସମିସ): ବିକଶିତ ଓଡ଼ିଶା ଭିଜନ୍ ଅନୁସାରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ୍ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିରେ ଆଗାମୀ ପିଢ଼ିର ଆବଶ୍ୟକତା ପୂରଣ କରିବା ପାଇଁ ଭୁବନେଶ୍ୱରରେ କେତେକ



### ନିର୍ମାଣ ହେବ ନୂତନ ସରକାରୀ କୋଠା

ନୂତନ ସରକାରୀ କୋଠା ନିର୍ମାଣ କରିବା ନେଇ ଯୋଜନା ବଜେଟ୍‌ରେ ରଖାଯାଇଛି। ଏହି ଅନୁଯାୟୀ, ଏକ ଜନଆଶ୍ରୟ ଭବନ ନିର୍ମାଣ ହେବ। ଜନ ଆଶ୍ରୟ ଭବନ ନିର୍ମାଣ ପ୍ରସ୍ତାବ ଅଧୀନର ରାଜଧାନୀରେ ଏକ ଅତିଥି ଗୃହ ତିଆରି କରାଯିବ। ଏହା ବିଭିନ୍ନ କାର୍ଯ୍ୟ ପାଇଁ ରାଜ୍ୟ ରାଜଧାନୀକୁ ଆସୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିବ। ଏହାବାଦ୍ ନୂତନ ରାଜ୍ୟ ବିଧାନସଭା ସୌଧ, ନୂତନ ସଚିବାଳୟ ଭବନ, ବିଶ୍ୱମାନର ନୂତନ ସଂଗ୍ରହାଳୟ ଏବଂ ଓଡ଼ିଶା ମଣ୍ଡପମ୍ ନିର୍ମାଣ କରାଯିବ।

## ପୁରୀରେ ହେବ 'ଶାମୁକା' ପ୍ରକଳ୍ପ

ଭୁବନେଶ୍ୱର, ୨୦।୨ (ସମିସ): ଚଳିତଥର ବଜେଟରେ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ଆଣିବା ପାଇଁ ପୁରୀରେ 'ଶାମୁକା' ପ୍ରକଳ୍ପ ଏବଂ ହୀରାକୁଦକୁ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ନୈସର୍ଗିକ ବେଳାଭୂମିର ଅନୁଭୂତି ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ସହ ଏକ ବିଶ୍ୱମାନର ଉପକୂଳ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଣତ କରିବା ପାଇଁ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ 'ଶାମୁକା ପ୍ରକଳ୍ପ'ର ପରିକଳ୍ପନା କରାଯାଇଛି।

- 'ଚିଲିକା ପୁନରୁଦ୍ଧାର' ଯୋଜନା
- ବାରିପଦାରେ ପ୍ରତିଷ୍ଠା ହେବ ମୟୂରଭଞ୍ଜ ଛଉ ଏକାଡେମୀ

ସେହିପରି ହୀରାକୁଦର ସମନ୍ୱିତ ପର୍ଯ୍ୟଟନ ବିକାଶର ଲକ୍ଷ୍ୟ ହେଉଛି ଡ୍ୟାମ୍ ଅଞ୍ଚଳ, ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦ୍ୱୀପ ସମୂହ ଏବଂ ଆଖପାଖ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ମାଷ୍ଟରପ୍ଲାନ୍ ମାଧ୍ୟମରେ ଏହି ଅଞ୍ଚଳକୁ ଏକ ସ୍ଥାୟୀ, ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳରେ ପରିଣତ କରିବା। ଜଳଭଣ୍ଡାର କ୍ଷେତ୍ର ବିକାଶ ପାଇଁ ୯୯କୋଟି ଟଙ୍କା ପୂର୍ବରୁ ଅନୁମୋଦନ କରାଯାଇଛି। 'ଚିଲିକା ପୁନରୁଦ୍ଧାର' ନାମରେ ଏକ ନୂତନ ଯୋଜନା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଭୁବନେଶ୍ୱରରେ ଏକ ବିଶ୍ୱମାନର ସଂଗ୍ରହାଳୟ ନିର୍ମାଣ କରାଯିବ। ସାମରିକ କଳା କୌଶଳ 'ଛଉ' ଆମର ଗର୍ବ। ଏହାକୁ ନଜରରେ ରଖି ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରାଯିବ। ଏଥିପାଇଁ ବଜେଟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ଆରମ୍ଭ ହେବ 'ରାଜ୍ୟ ଏଆଇ ମିଶନ୍'

ବଜେଟରେ ରାଜ୍ୟ ସରକାର ଏକ ନୂତନ ମିଶନ୍ ଆରମ୍ଭ କରିଛନ୍ତି। ଆରମ୍ଭ ହେବ ରାଜ୍ୟ ଏଆଇ ମିଶନ୍। ଏଥିପାଇଁ ବଜେଟରେ ୨୩କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଏଆଇକୁ ଶାସନ ଏବଂ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭିନ୍ନ ବିଭାଗଗୁଡ଼ିକୁ ସାହାଯ୍ୟ କରିବ, ଯାହା ରାଜ୍ୟ ଶାସନ ବ୍ୟବସ୍ଥାର ଦକ୍ଷତା, ସଠିକତା ଏବଂ ସମ୍ବେଦନଶୀଳତା ବୃଦ୍ଧି ପାଇଁ ଜରୁରୀ। ଏହା ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ସକ୍ଷମ କରି ସାର୍ବଜନୀନ ସେବା କ୍ଷେତ୍ରରେ ଉନ୍ନତି ଆଣିବ।

### ବଜେଟର ଗତି

| ବିଭାଗ/ବର୍ଷ | ୨୦୨୪-୨୫ (କାମଚଳା) | ୨୦୨୪-୨୫ (ପୂର୍ଣ୍ଣାଙ୍ଗ) | ୨୦୨୫ | ୨୦୨୬ |
|---|---|---|---|---|
| ଗୃହ | ୮୬୪୧.୨୭ | ୮୯୯୪ | ୧୦୭୫୯.୯ | ୧୧୦୨୮.୫୬ |
| ସାଧାରଣ ପ୍ରଶାସନ | ୬୯୫.୭୨ | ୭୩୨ | ୭୪୦.୭୮ | ୮୦୫.୧୧ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୭୫୧.୪୪ | ୧୭୬୯ | ୧୯୧୩.୨୮ | ୨୨୭୧.୬୪ |
| ଅର୍ଥ | ୬୬୩୨୧.୮୯ | ୫୯୩୧୨ | ୬୩୫୧୧.୯ | ୬୫୨୯୫.୨୭ |
| ବାଣିଜ୍ୟ | ୧୯୫.୮୯ | ୨୦୩ | ୩୦୮.୮୧ | ୩୧୭.୦୦ |
| ଆଇନ | ୯୧୫.୪୨ | ୧୫୯୦ | ୧୦୫୯.୪ | ୧୦୯୪.୪୧ |
| ପୂର୍ତ୍ତ | ୧୦୯୫୦ | ୧୦୭୫୦ | ୧୨୦୦୦ | ୧୩୪୫୧.୦୦ |
| ଓଡ଼ିଶା ବିଧାନସଭା | ୮୫.୯୮ | ୮୬ | ୧୪୪.୬୨ | ୧୪୭.୪୦ |
| ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ | ୧୩୦୭.୭୫ | ୧୩୦୮ | ୧୫୨୭.୭୭ | ୧୫୩୭.୨୦ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୨୪୭୬୪.୨୮ | ୨୬୩୯୧ | ୩୧୧୮୫.୪୭ | ୩୧୯୯୭.୫୩ |
| ଏସ୍‌ସି, ଏସ୍‌ଟି,ପଛୁଆବର୍ଗ ଓ ସଂଖ୍ୟାଲଘୁ | ୫୫୪୪.୧୮ | ୫୭୫୦ | ୬୪୩୬.୧୦ | ୬୬୪୯.୩୩ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୯୭୨୯.୩୩ | ୨୦୮୩୭ | ୨୨୭୪୧.୨୧ | ୨୩୧୮୨.୧୪ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୯୮୬୮.୩୮ | ୯୬୦୩ | ୯୯୭୩.୫୭ | ୨୩୧୮୨.୧୪ |
| ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା | ୩୧୦.୨୨ | ୩୧୮ | ୩୭୩.୨୨ | ୩୮୫.୦୩ |
| କ୍ରୀଡ଼ା ଓ ଯୁବସେବା | ୧୩୦୪.୯୫ | ୧୩୧୫ | ୧୩୧୯.୭୯ | ୧୩୫୯.୨୯ |
| ଯୋଜନା ଓ ସମନ୍ୱୟ | ୧୨୦୪୩.୪୪ | ୨୦୧୮ | ୨୮୦୮.୨୨ | ୩୪୩୭.୫୭ |
| ପଞ୍ଚାୟତିରାଜ | ୨୨୫୪୩.୩୩ | ୨୬୪୬୬ | ୨୮୪୫୧.୩୧ | ୩୪୦୦୪.୦୬ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ | ୨.୮୦ | ୩ | ୨.୯୬ | ୩.୧୧ |
| ଶିଳ୍ପ | ୮୦୭.୬୩ | ୮୦୮ | ୮୦୫.୧୫ | ୧୨୦୭.୫୦ |
| ଜଳସମ୍ପଦ | ୧୩୨୬୭.୪୦ | ୧୩୨୭୨ | ୧୪୮୯୪.୨୧ | ୧୬୪୮୮.୯୨ |
| ପରିବହନ | ୩୦୯୬.୯୨ | ୩୭୪୨ | ୩୭୯୪.୮୮ | ୪୦୭୯.୮୧ |
| ଜଙ୍ଗଲ ଓ ପରିବେଶ | ୧୨୧୯.୩୧ | ୧୪୧୮ | ୧୪୯୧.୪୯ | ୧୯୧୬.୦୫ |
| କୃଷି ଓ କୃଷକ ସଶକ୍ତିକରଣ | ୭୯୨୩.୮୭ | ୧୨୯୨୬ | ୧୪୭୦୦.୭୧ | ୧୪୭୦୧.୩୯ |
| ଇସ୍ପାତ ଓ ଖଣି | ୪୬୪.୪୬ | ୪୫୬ | ୪୦୪.୩୯ | ୩୬୫.୧୧ |
| ସୂଚନା ଓ ଲୋକସମ୍ପର୍କ | ୧୪୫.୮୦ | ୧୫୬ | ୧୬୦.୭୦ | ୧୬୬.୫୪ |
| ଅବକାରୀ | ୨୩୦.୨୨ | ୨୪୧ | ୨୪୪.୯୯ | ୨୮୨.୧୬ |
| ବିଜ୍ଞାନ ଓ ବୈଷୟିକ | ୧୨୬.୦୬ | ୧୨୨ | ୩୫୩.୨୨ | ୩୫୩.୪୫ |
| ଗ୍ରାମ୍ୟ ଉନ୍ନୟନ | ୯୩୩୦.୦୦ | ୯୪୫୬ | ୧୦୦୨୦.୧୨ | ୧୦୨୦୪.୬୦ |
| ସଂସଦୀୟ ବ୍ୟାପାର | ୮୫.୦୪ | ୮୫ | ୭୪.୭୧ | ୭୪.୯୨ |
| ଶକ୍ତି | ୩୩୫୧.୭୨ | ୩୩୫୫ | ୩୯୬୨.୩୩ | ୪୫୯୬.୭୦ |
| ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ | ୨୬୧.୬୧ | ୨୬୨ | ୨୬୬.୫୮ | ୩୮୨.୩୫ |
| ପର୍ଯ୍ୟଟନ | ୮୧୭.୯୫ | ୮୧୮ | ୮୨୦.୦୮ | ୧୦୨୨.୭୫ |
| ମତ୍ସ୍ୟ ଓ ପଶୁସମ୍ପଦ | ୧୯୩୭.୬୫ | ୧୮୯୬ | ୧୯୦୯.୧୨ | ୨୦୧୯.୩୫ |
| ସମବାୟ | ୨୧୦୭.୯୯ | ୨୧୧୬ | ୨୨୭୬.୯୬ | ୨୩୩୪.୪୬ |
| ସାଧାରଣ ଉଦ୍ୟୋଗ | ୧୧.୫୪ | ୧୨ | ୧୧.୦୪ | ୧୧.୦୦ |
| ମହିଳା ଓ ଶିଶୁକଲ୍ୟାଣ | ୫୦୧୫.୧୫ | ୧୫୧୮୧ | ୧୫୨୨୨.୮୫ | ୧୬୧୫୨.୯୩ |
| ସୂଚନା ଓ ପ୍ରଯୁକ୍ତିବିଦ୍ୟା | ୩୭୩.୮୩ | ୫୦୯ | ୬୮୮.୮୩ | ୧୧୦୮.୦୨ |
| ଉଚ୍ଚଶିକ୍ଷା | ୩୪୬୯.୮୩ | ୩୪୭୮ | ୩୬୫୫.୮୩ | ୩୬୬୪.୪୦ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୧୫୮୨.୭୬ | ୧୫୮୩ | ୧୭୮୪.୫୪ | ୧୮୨୩.୧୧ |
| ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୪୭.୧୫ | ୭୪୭ | ୭୫୮.୮୬ | ୭୬୨.୭୮ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୪୬୯୮.୯୦ | ୭୭୧୦ | ୯୧୨୦.୬୬ | ୯୬୧୦.୮୫ |
| ବିପର୍ଯ୍ୟୟ ପରିଚାଳନା | ୩୯୭୦.୨୯ | ୪୦୨୩ | ୪୦୪୯.୮୫ | ୫୫୫୮.୦୭ |
| ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | ୨୧୯.୮୨ | ୪୨୦ | ୪୮୧.୮୩ | ୬୧୪.୯୭ |
| ମିଶନ ଶକ୍ତି | ୨୭୬୦ | ୨୭୬୨ | ୨୭୭୪.୭୩ | ୨୮୦୪.୨୩ |
| ମୋଟ (କୋଟି ଟଙ୍କା) | ୨୫୫୦୦୦ | ୨୬୫୦୦୦ | ୨୯୦୦୦୦ | ୩୧୦୦୦୦ |


## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରର ଶୁଭାରମ୍ଭ

ଚଳିତ ବଜେଟରେ ରାଜ୍ୟର ବିକାଶ ପାଇଁ ଅର୍ଥନୈତିକ କ୍ଷେତ୍ର ଯୋଜନାର ଶୁଭାରମ୍ଭ ନେଇ ଘୋଷଣା କରିଛନ୍ତି ସରକାର। ରାଜ୍ୟ ସରକାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର(ବିସିପିପିଇଆର) ପାଇଁ ଅର୍ଥନୈତିକ ଯୋଜନା ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ ମଡେଲ୍ ଭାବେ ଗ୍ରହଣ କରି ପର୍ଯ୍ୟାୟକ୍ରମେ ତିନୋଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ।

## ଶ୍ରୀମନ୍ଦିର ପାଇଁ ଅନଲାଇନ୍ ଦାନ ପ୍ଲାଟଫର୍ମ 'ସମର୍ପଣ'

ବଜେଟ୍ ଆରମ୍ଭରୁ ହିଁ ମହାପ୍ରଭୁ ଜଗନ୍ନାଥ ଓ ପୁରୀ ସହ ଜଡ଼ିତ ବିକାଶ ପ୍ରକଳ୍ପ ବାବଦରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ବିକାଶ ପ୍ରକଳ୍ପ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମଗ୍ର ବିଶ୍ୱରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁ ଜଗନ୍ନାଥଙ୍କୁ କୌଣସି ସାମଗ୍ରୀ କିମ୍ବା ରାଶି ଦାନ କରି କାର୍ଯ୍ୟ କରିବାକୁ ଶୁଭ ମନେ କରିଥା'ନ୍ତି। ଏଥିପାଇଁ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ପାଇଁ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ୍ ଦାନ ପ୍ଲାଟଫର୍ମ ଡିଜିଟାଲ୍ ହୁଣ୍ଡି ପ୍ରଚଳନ କରିଛନ୍ତି। ଏହି ପ୍ଲାଟଫର୍ମ ଶ୍ରୀମନ୍ଦିର ପ୍ରଶାସନର ସରକାରୀ ପୋର୍ଟାଲ ସହ ସମନ୍ୱିତ ଏକୀକୃତ ପ୍ରବେଶପଥ ମାଧ୍ୟମରେ ଭାରତ ତଥା ବିଦେଶର ଭକ୍ତମାନଙ୍କୁ ଶ୍ରୀମନ୍ଦିର ସହ ସଂଯୋଗ କରିବ। ସହଜ ସୁବିଧା ପାଇଁ ଏଥିରେ ବହୁବିଧ ଦେୟ ସୁବିଧା ରହିଛି। ଏହାସହ, ବଜେଟ୍‌ରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

**ରତ୍ନଭଣ୍ଡାର ଗଣତିମଣତି ପାଇଁ ୫ କୋଟି**



## 'ସମୃଦ୍ଧ କୃଷକ' ପାଇଁ ୬,୦୮୮ କୋଟି

ଭୁବନେଶ୍ୱର, ୨୦।୨ (ସମିସ): ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। କୃଷକଙ୍କ ଆୟବୃଦ୍ଧିକୁ ସୁନିଶ୍ଚିତ କରିବା ଲାଗି 'ସମୃଦ୍ଧ କୃଷକ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହା ଅଧୀନରେ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟର ସୁବିଧା ଯୋଗାଇ ଦିଆଯାଉଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ଅଧୀନରେ ୬ ହଜାର ୮୮କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି। ରାଜ୍ୟରେ ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୧୧ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ବଜେଟ୍‌ରେ ୨୦୩୦କୋଟି ଟଙ୍କାର ପ୍ରସ୍ତାବ ରହିଛି।

ଶ୍ରୀ ଅନ୍ନ ଅଭିଯାନ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୪ଶହ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଧାନ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦେଇ ବିଭିନ୍ନ କିସମର ଡାଲି, ତୈଳବୀଜ ଏବଂ ଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଏଥିଲାଗି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ପାଇଁ ମୋଟ ୪ଶହ ୬୯ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ୬ଟି ଜିଲ୍ଲାରେ କଫି ଚାଷ ପାଇଁ ୧ଶହ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉନ୍ନତ ଆଖୁ ଚାଷ ପାଇଁ ୨୭କୋଟି ଟଙ୍କା ଏବଂ ବଳଭଦ୍ର ଜୈବିକ ଚାଷ ମିଶନ ନିମନ୍ତେ ୨୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। କୃଷି ଉପକରଣର ଲୋକପ୍ରିୟତା ଯୋଜନା ଅଧୀନରେ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୪୦୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି। ରାଜ୍ୟ କୃଷିନୀତିରେ କୃଷି ଉଦ୍ୟୋଗ ଏବଂ କୃଷି ସେବା କେନ୍ଦ୍ରଗୁଡ଼ିକୁ ପୁଞ୍ଜିନିବେଶ ସହାୟତା ବାବଦକୁ ୪ଶହ ୪୧କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

## ଏଥର ବି ଭୁଲିଗଲେ ୩୦୦୦ ଟଙ୍କା ଭତ୍ତା

ଭୁବନେଶ୍ୱର, ୨୦।୨ (ସମିସ): ପ୍ରଥମଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ବିଧାନସଭାରେ ଉପସ୍ଥାପନ କରିଛି ନିଜ ସରକାରଙ୍କ ୩ୟ ବଜେଟ୍। ମାତ୍ର ୨୦୨୪ ନିର୍ବାଚନ ସମୟରେ ରାଜ୍ୟର ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧାଙ୍କ ପେନସନ୍ ୩୦୦୦ ଟଙ୍କାକୁ ବୃଦ୍ଧି ନିମନ୍ତେ ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇ ପାରିଲା ନାହିଁ । ପୂର୍ବ ଦୁଇଟି ବଜେଟରେ ଏଥିପାଇଁ ଅର୍ଥ ବରାଦ କରାଯାଇ ନ ଥିଲା, ତେଣୁ ନିଜ ପ୍ରତିଶ୍ରୁତି ଅନୁସାରେ ୨୦୨୬-୨୭ ଆର୍ଥିକ ବର୍ଷରେ ବୃଦ୍ଧ ଓ ବୃଦ୍ଧାଙ୍କୁ ୩୦୦୦ ଟଙ୍କା ଭତ୍ତା ମିଳିବ ବୋଲି ସେମାନେ ଆଶା ରଖିଥିଲେ। ବଜେଟରେ ଏ ବାବଦରେ କୌଣସି ପ୍ରାବଧାନ କରାଯାଇ ନଥିବା ରାଜ୍ୟର ଲକ୍ଷଲକ୍ଷ ହିତାଧିକାରୀଙ୍କୁ ନିରାଶ କରିଛି।



## କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ 'ଉଦ୍ୟମୀ' ଯୋଜନା

ଆସନ୍ତା ଦୁଇବର୍ଷ ମଧ୍ୟରେ ମୋଟ ୪୦କୋଟି ଟଙ୍କାର ବ୍ୟୟବରାଦ ସହିତ ୬ ହଜାର କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ 'ଉଦ୍ୟମୀ' ନାମରେ ଏକ ନୂତନ ଯୋଜନା ପାଇଁ ପ୍ରସ୍ତାବ ରହିଛି। ଏହି ଯୋଜନାରେ ସଂରଚନା ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ, ଆନୁଷ୍ଠାନିକ ଋଣ ପାଇବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି, ସ୍ଥାୟୀ ଉଦ୍ୟୋଗ ସୃଷ୍ଟିକୁ ସକ୍ଷମ କରିବା ପାଇଁ ମାର୍ଗଦର୍ଶନ ଏବଂ ପ୍ରତ୍ୟକ୍ଷ ସହାୟତା ଅନ୍ତର୍ଭୁକ୍ତ। ଓଡ଼ିଶାର ଦ୍ରୁତଗତିରେ ବୃଦ୍ଧି ପାଇଥିବା ଖଣି ଓ ଧାତୁ କ୍ଷେତ୍ରରେ କୁଶଳୀ ପେସାଦାରଙ୍କ ବର୍ଦ୍ଧିତ ଚାହିଦାକୁ ସ୍ମରଣ କରିବା ପାଇଁ କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି। ଟେକ୍ନୋଲୋଜିକାଲ ବିଶ୍ୱବିଦ୍ୟାଳୟ ତଥା ଇଞ୍ଜିନିୟରିଂ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୨୦୨୬-୨୭ ବଜେଟ୍‌ରେ ମୋଟ ୨୩୫କୋଟି ଟଙ୍କା ବରାଦ କରାଯାଇଛି। ସେହିଭଳି, ଭୁବନେଶ୍ୱରରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବୁର୍ଲା ବୀରସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତା' ସହ ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପ୍ରସ୍ତାବ ରଖିଛନ୍ତି।

ଛତ୍ରପୁରରେ ଚାଞ୍ଚଲ୍ୟ

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

**ଛତ୍ରପୁର, ୨୦।୨ (ସମିସ):** ଛତ୍ରପୁର ଥାନା ରିକାପଲ୍ଲୀ ରେଳ ଫାଟକ ନିକଟରେ ବୁଧବାର ବିଳମ୍ବିତ ରାତିରେ ସଂଘବଦ୍ଧ ଭାବେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ସାହେବଜନାପଲ୍ଲୀ ଗ୍ରାମର ଆର୍. ରାଜା ରାଓ (୨୮)। ବୁଧବାର ରାତିରେ ରାଜା ରିକାପଲ୍ଲୀ ଗେଟ୍ ନିକଟ ଏକ ଚିକେନ ଦୋକାନ ପାଖରେ ବସିଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରିଥିଲେ। ରାଜା ପ୍ରାଣ ବିକଳରେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ପଛରୁ ଖଣ୍ଡାରେ ହାଣିଥିଲେ। ସେଠାରେ ରାଜାର ଜୀବନ ଚାଲିଯାଇଥିଲା। ଗୁରୁବାର ସକାଳୁ ସ୍ଥାନୀୟ ଲୋକ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ ଓ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ମୋବାଇଲ ଓ ବ୍ଲୁ-ଟୁଥ୍ ଜବତ କରିଥିଲେ। ରାଜାର ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ରାଜାଙ୍କ ଭାଇ ଆର୍. ଶ୍ରୀକାନ୍ତଙ୍କ ଅଭିଯୋଗକ୍ରମେ ନଂ.୭୨/୨୦୨୬ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀ ମଲ୍ଲ ସୂଚନା ଦେଇଛନ୍ତି।

ଅବକାରୀ ବିଭାଗ ଜବତ ଗାଡ଼ି ଗୋଦାମରେ ନିଆଁ

# ଜଳିଗଲା ୨୪ରୁ ଉର୍ଦ୍ଧ୍ୱ ଗାଡ଼ି




**ବ୍ରହ୍ମପୁର,୨୦।୨(ସମିସ):** ଗୋପାଳପୁର ଥାନା ଆମ୍ବପୁଆ ସିଟି କଲେଜ ନିକଟରେ ଅବକାରୀ ଗୁଇନ୍ଦା ବିଭାଗ ବିଭିନ୍ନ ମାମଲାରେ ଜବତ କରି ରଖିଥିବା ଗାଡ଼ି ଗୋଦାମରେ ଶୁକ୍ରବାର ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅବକାରୀ ବିଭାଗ ପକ୍ଷରୁ ସୂଚନା ପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ ରେଞ୍ଜ ଅଫିସର ବିଚିତ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ୫ ଦମକଳ ଗାଡ଼ି ଓ ଆଗ୍ନିକ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ଅବକାରୀ ଗୁଇନ୍ଦା କାର୍ଯ୍ୟାଳୟ ପଛପଟେ ରଖାଯାଇ ଥିବା ଜବତ ଗାଡିରେ ହଠାତ୍ ନିଆଁ ଲାଗିଥିବା କିଛି କର୍ମଚାରୀ ଦେଖିବାକୁ ପାଇଥିଲେ। ଏନେଇ ଉଭୟ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଆଗ୍ନିକ ପହଞ୍ଚିବା ବେଳେ ସେଠାରେ ମହଜୁଦ ଥିବା ୨୪ରୁ ଉର୍ଦ୍ଧ୍ୱ ଗାଡ଼ି ଜଳିଯାଇଥିଲା। କ୍ଷତିର ପରିମାଣ ୩୦ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ପ୍ରାୟ ଅଢ଼େଇ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ସେଠାରେ କିଏ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରାଯାଇଛି। ଜବତ ଗାଡ଼ିରେ ପେଟ୍ରୋଲ ଥିବା ଯୋଗୁ ନିଆଁକୁ ଆୟତ୍ତ କରିବାରେ ଆଗ୍ନିକଙ୍କ ପାଇଁ ସମସ୍ୟା ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ସହାୟତାରେ ତଦନ୍ତ କରୁଛି।

# ବିଜେଡି ରାଜ୍ୟର କୋଟିକୋଟି ମା' ମାନଙ୍କର ଦଳ: ନବୀନ



**ଭୁବନେଶ୍ୱର,୨୦।୨(ସମିସ):** ବିଜୁ ମହିଳା ଜନତା ଦଳର ନୂତନ କର୍ମକର୍ତ୍ତାମାନଙ୍କୁ ଶୁକ୍ରବାର ଭେଟିଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ଶଂଖଭବନଠାରେ ଦଳର ମହିଳା

**ବିଜେଡି ଉପରେ ମା' ମାନଙ୍କର ଅଖଣ୍ଡ ଭରସା ରହିଛି**

**ମହିଳାଙ୍କ ପ୍ରତି ଅତ୍ୟାଚାର ବିରୋଧରେ ଲଢ଼େଇ ଆହ୍ୱାନ**

କର୍ମକର୍ତ୍ତାଙ୍କୁ ସାକ୍ଷାତ ଅବସରରେ ନବୀନ କହିଛନ୍ତି ଯେ ବିଜୁ ଜନତା ଦଳ ହେଉଛି ଓଡିଶାର କୋଟି କୋଟି ମା' ମାନଙ୍କର ଦଳ। ଗତ ୨୭ ବର୍ଷର ଯାତ୍ରା ଭିତରେ ବିଜେଡି ମା' ମାନଙ୍କର ସଶକ୍ତିକରଣ ଉପରେ ସବୁବେଳେ ପ୍ରାଥମିକତା ଦେଇ ଆସିଛି। ମା' ମାନଙ୍କ ସଶକ୍ତିକରଣ ହିଁ ଓଡିଶାର ପ୍ରକୃତ ସଶକ୍ତି କରଣ। ବିଜୁ ମହିଳା ଜନତା ଦଳ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏକ ଆଦର୍ଶ ସଶକ୍ତି କରଣ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରି ଗାଁ ଗାଁରେ ମା' ମାନଙ୍କୁ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ କରିବାକୁ ଉଦ୍ୟମ କରିଛି ଏବଂ ସେମାନଙ୍କ ଆର୍ଥିକ ବିକାଶ ଦିଗରେ ସବୁବେଳେ କାର୍ଯ୍ୟ କରିଛି। ମା' ମାନଙ୍କ ରୋଜଗାର ବୃଦ୍ଧି ସହିତ ସେମାନଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିବା ହେଉଛି ବିଜୁ ମହିଳା ଜନତା ଦଳର ଆଦର୍ଶ। ମା' ମାନଙ୍କର ସଶକ୍ତିକରଣକୁ ଏକ ସାମାଜିକ ଆନ୍ଦୋଳନ ଭାବରେ ଗଢି ତୋଳିବାରେ ବିଜୁ ଜନତା ଦଳର ଭୂମିକା ଉଲ୍ଲେଖନୀୟ ବୋଲି ନବୀନ କହିଛନ୍ତି। ମହିଳାମାନଙ୍କ ଉପରେ ବଢି ଚାଲିଥିବା ଅତ୍ୟାଚାର ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ମହିଳା ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଲଢେଇକୁ ଆହୁରି ଜୋରଦାର କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଦଳୀୟ କର୍ମକର୍ତ୍ତାମାନେ ସଭାପତିଙ୍କୁ ତାଙ୍କର ମାର୍ଗ ଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ।

■ ୪ ବର୍ଷୀୟ ବିଇଡି ନାମଲେଖା

# ପ୍ରବେଶିକା ପରୀକ୍ଷା ପାଇଁ ମାର୍ଚ୍ଚ ୧୦ ଯାଏଁ ଆବେଦନ

**ଭୁବନେଶ୍ୱର, ୨୦।୨ (ସମିସ):** ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରୁ ରାଜ୍ୟରେ ୪ ବର୍ଷୀୟା ଇଣ୍ଟିଗ୍ରେଟେଡ୍ ବିଇଡି (ଆଇଟିଇପି) ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଜାତୀୟ ଏକକ ପ୍ରବେଶିକା ପରୀକ୍ଷା (ଏନସିଇଟି-୨୦୨୬) ମାଧ୍ୟମରେ ନାମଲେଖା ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପାଠ୍ୟକ୍ରମ ପାଇଁ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନଟିଏ) ପରୀକ୍ଷା ପରିଚାଳନା କରିବ। ଏନ୍‌ଟିଏ ବିଜ୍ଞପ୍ତି ଅନୁଯାୟୀ ଗତ ୧୨ ତାରିଖରୁ ଅନଲାଇନ୍ ଆବେଦନ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏପ୍ରିଲ ୧୭ ତାରିଖରେ ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୫ଟି ବିଶ୍ୱବିଦ୍ୟାଳୟ ଏବଂ ୮ଟି ସରକାରୀ ମହାବିଦ୍ୟାଳୟରେ ୪ବର୍ଷୀୟା ବିଏଡ୍ ପାଠ୍ୟକ୍ରମ ପଢ଼ା ହେବ। ଆସନ୍ତା ଶିକ୍ଷାବର୍ଷ ପାଇଁ ସମୁଦାୟ ୧୩୦୦ଟି ସିଟ୍ ରହିଛି। ଏହି ସମସ୍ତ ସିଟ୍‌ରେ ପ୍ରବେଶିକ ପରୀକ୍ଷାର ମାର୍କ ଅନୁସାରେ ନାମଲେଖା ହେବ।

**ଗୃହରେ ଧାନ ମଣ୍ଡି ତାତି**

# ଲଗାତାର ତୃତୀୟ ଦିନରେ ପ୍ରଥମାର୍ଦ୍ଧ ଅଚଳ

**ଭୁବନେଶ୍ୱର, ୨୦।୨ (ସମିସ):** ଲଗାତାର ତୃତୀୟ ଦିନ ପାଇଁ ଧାନ କିଣା ଏବଂ ଚାଷୀ ପ୍ରସଙ୍ଗକୁ ନେଇ ଗୃହ ଅଚଳ କରିଛନ୍ତି ବିରୋଧୀ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଶୁକ୍ରବାର ବିଧାନସଭାର ପ୍ରଥମାର୍ଦ୍ଧ ଗୃହକାର୍ଯ୍ୟ ଧୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକି ସମାଧାନର ରାସ୍ତା ବାହାର କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସଫଳ ହୋଇପାରିନଥିଲା। ଏପରିକି, ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ଅଣାଯାଇଥିବା ଧାନକିଣାରେ ସମସ୍ୟା ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନା ମଧ୍ୟ ହୋଇନଥିଲା। ଗୃହ ବାରମ୍ବାର ମୁଲତବୀ ପରେ ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ୧୨ଟା ୧୫ରୁ ଅପରାହ୍ଣ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ପରେ ଅପରାହ୍ଣରେ ବଜେଟ୍ ବେଳେ ବିରୋଧୀ ଦଳ ସହଯୋଗ କରିଥିଲେ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ହାତରେ ପ୍ଲା'କାର୍ଡ ଧରି ଗୃହ ମଧ୍ୟରେ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ କଳାବ୍ୟାଜ୍ ପିନ୍ଧି ସ୍ଲୋଗାନ୍ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବିଧାୟିକା ସଞ୍ଜଳି ମୁର୍ମୁଙ୍କ ତାରକା ପ୍ରଶ୍ନର ଉତ୍ତର ଦେବାକୁ ବାଚସ୍ପତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ବିରୋଧୀ ପ୍ରତିବାଦ ଜାରି ରଖିଥିଲେ। ଫଳରେ ବାଚସ୍ପତି ୧୦ଟା ୩୬ରୁ ସାଢ଼େ ୧୧ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଦିନ ସାଢ଼େ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ଭାବେ ବିରୋଧୀ ନାରାବାଜି କରିଥିଲେ। ନିଜ ଆସନକୁ ଫେରିଯାଇ ଆଲୋଚନାରେ ଭାଗ ନେବାକୁ ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ହେଁ ସେମାନେ ପ୍ରତିବାଦ ଜାରି ରଖିଥିଲେ।

**ସର୍ବଦଳୀୟ ବୈଠକ ବି ନିଷ୍କର୍ଷଶୂନ୍ୟ**

ଦିନ ୧୧ଟା ୩୭ରେ ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକକୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜୟ ନାରାୟଣ ମିଶ୍ର, ପ୍ରତାପ ଦେବଙ୍କୁ ଡକାଯାଇଥିଲା। କିନ୍ତୁ, ସର୍ବଦଳୀୟ ବୈଠକରେ କୌଣସି ନିଷ୍କର୍ଷ ବାହାରି ନଥିବା ବେଳେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ରଖିଥିଲେ।

ଅନ୍ୟପକ୍ଷରେ ଗୃହ ବାହାରେ ଗଣମାଧ୍ୟମରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆକ୍ଷେପ-ପ୍ରତ୍ୟାକ୍ଷେପ ଲାଗି ରହିଥିଲା। ମୁଖ୍ୟ ବିରୋଧୀ ଦଳ ବିଜେଡିର ବରିଷ୍ଠ ବିଧାୟକ ଧ୍ରୁବଚରଣ ସାହୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ୩ଟି ଦାବି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ସହ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି, କୃଷିମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ନେଇ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ରଖିଥିଲେ। ଚାଷୀଙ୍କୁ ନ୍ୟାୟ ନ ମିଳିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଥିଲେ।

କଂଗ୍ରେସର ମୁଲତବୀ ପ୍ରସ୍ତାବକୁ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ କଂଗ୍ରେସ ମୁଲତବୀ ପ୍ରସ୍ତାବ ଦେଇଛି। କିନ୍ତୁ, ଗୃହ ସ୍ୱାଭାବିକ ନାହିଁ। ବିଧାନସଭାକୁ ବନ୍ଦ କରିବା କଂଗ୍ରେସର ଉଦ୍ଦେଶ୍ୟ ନୁହେଁ। ସରକାରୀ ଦଳ ଓ ମୁଖ୍ୟ ବିରୋଧୀ ଗୃହକୁ ଚଳାଇ ଦେଉନାହାନ୍ତି।

ଗୃହର ଅଚଳାବସ୍ଥାକୁ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଆଲୋଚନା ପାଇଁ ଆମେ ପ୍ରସ୍ତୁତ। ବିରୋଧୀ ଦଳର ଉଦ୍ଦେଶ୍ୟ ଚାଷୀ ସମସ୍ୟାର ସମାଧାନ ନୁହେଁ। କଂଗ୍ରେସ ପକ୍ଷରୁ ମୁଲତବୀ ପ୍ରସ୍ତାବ ପରେ ବି ପ୍ରଶ୍ନକାଳକୁ ବନ୍ଦ କଲେ ବିରୋଧୀ। ଓଡ଼ିଶାବାସୀଙ୍କୁ ଭଲ ପାଇବାର ଡ୍ରାମା ନ କରନ୍ତୁ, ବିରୋଧୀ ପଳାୟନପନ୍ଥୀ। ଓଡ଼ିଶାବାସୀ ନୂଆପଡ଼ାରେ ଜବାବ ଦେଇଛନ୍ତି, ଆଗକୁ ବି ଜବାବ ଦେବେ ବୋଲି ସେ କହିଥିଲେ।

# ଫରେଷ୍ଟରଙ୍କ ଅଢ଼େଇ କୋଟିର ସଂପତ୍ତି ଠାବ




**ଭବାନୀପାଟଣା, ୨୦।୨ (ସମିସ):** ଫରେଷ୍ଟର୍‌ଙ୍କ ଅଢ଼େଇ କୋଟି ସଂପତ୍ତି। ୨୦୦୦ ମସିହାରେ ମାତ୍ର ୩ ହଜାର ଟଙ୍କା ଦରମାରେ ଫରେଷ୍ଟ ଗାର୍ଡ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ଫରେଷ୍ଟର୍ ଏବେ ଅଚଳାଚଳ ସଂପତ୍ତିର ମାଲିକ। କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ଭବାନୀପାଟଣା ରେଞ୍ଜ ଭଟାଙ୍ଗପଦର ଫରେଷ୍ଟର୍ ଭାଗବତ ଭୂଷଣ ବେହେରା ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଫରେଷ୍ଟର୍ ଶ୍ରୀ ବେହେରାଙ୍କ ୩ଟି ଠିକଣାରେ ଏକକାଳୀନ ଚଢ଼ଉ କରି ବିପୁଳ ସ୍ଥାବର ଓ ଅସ୍ଥାବର ସଂପତ୍ତି ଠାବ କରିଛି। ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସର ୩ଟି ଟିମ୍ ଆଜି ସକାଳ ପ୍ରାୟ ୬ଟାରେ ଭବାନୀପାଟଣା ହିଲ୍ ଟାଉନ୍‌ରେ ଥିବା ଫରେଷ୍ଟରଙ୍କ ତିନିମହଲା ବାସଭବନ, ଜୁନାଗଡ଼ ଥାନା ଦେଉଣ୍ଡି ଗାଁରେ ଥିବା ପୈତୃକ ବାସଭବନ ଏବଂ ଭଟାଙ୍ଗପଦର ସେକ୍ସନସ୍ଥିତ ଫରେଷ୍ଟରଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଫରେଷ୍ଟର୍‌ଙ୍କ ହିଲ ଟାଉନ୍‌ରେ ୫୩୦୦ ବର୍ଗଫୁଟ୍‌ରେ ଠିଆ ହୋଇଥିବା ଏକ ବହୁତଳ କୋଠା, ଭବାନୀପାଟଣା ସହର ମଧ୍ୟରେ ଥିବା ୯ଟି ପ୍ଲଟ୍, ୨୧୦ ଗ୍ରାମ ସୁନା ଅଳଙ୍କାର, ୨ଟି ଧାନକଟା ମେସିନ, ଗୋଟିଏ ଦାମୀ କାର୍, ଗୋଟିଏ ଦାମୀ ବାଇକ୍, ଟ୍ରାକ୍ଟର ଓ ବୋଲେରୋ ସମେତ ଲକ୍ଷ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ଜୀବନବୀମା ଆଦି ଠାବ କରିଛି। ଖବର ଲେଖା ହେବା ସୁଦ୍ଧା ତାଙ୍କର ଅଢ଼େଇ କୋଟି ଟଙ୍କାର ସଂପତ୍ତି ଠାବ କରିଛି। ଚଢ଼ଉ ଜାରି ରହିଥିବାରୁ ଏହି ପରିମାଣ ବଢ଼ିବ ବୋଲି କୁହାଯାଉଛି। ଫରେଷ୍ଟର୍‌ଙ୍କ ଘରୁ ନଗଦ ୪୪ ହଜାର ଟଙ୍କା ମିଳିଥିବା ବେଳେ ବ୍ୟାଙ୍କ୍ ଆକାଉଣ୍ଟ ଖାତାରେ ୨୩ ଲକ୍ଷ ଟଙ୍କା ଜମା ଥିବା ଜଣାଯାଇଛି। ସେହିପରି, ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଫରେଷ୍ଟର୍ ଶ୍ରୀ ବେହେରାଙ୍କୁ ଭିଜିଲାନ୍ସ ଗିରଫ କରି ଅଧିକ ପଚରାଉଚରା ଚଳାଇଛି।

ସୂଚନାନୁଯାୟୀ, ୨୦୦୦ ମସିହା ଅଗଷ୍ଟ ୨୦ ତାରିଖରେ ଫରେଷ୍ଟର୍ ଶ୍ରୀ ବେହେରା କଳାହାଣ୍ଡି ଉତ୍ତର ବନଖଣ୍ଡରେ ଫରେଷ୍ଟଗାର୍ଡ ଭାବେ ନିଯୁକ୍ତି ପାଇଥିଲେ। ସେହି ସମୟରେ ତାଙ୍କ ଦରମା ମାତ୍ର ୩ ହଜାର ରହିଥିଲା।

# ସ୍ତ୍ରୀର ଶବକୁ ୩ ଦିନ ଜଗି ରହିଲା ସ୍ୱାମୀ



**ବ୍ରଜରାଜନଗର, ୨୦।୨(ସମିସ):** ସ୍ତ୍ରୀକୁ ଶବ ପାଖରେ ୩ ଦିନ ଧରି ଜଗି ରହିଲା ସ୍ୱାମୀ। ପୁଲିସକୁ ଦେଖିବା କ୍ଷଣି ମୂର୍ଚ୍ଛା ହୋଇଗଲା। ପୁଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

■ ଡାକ୍ତରଖାନରେ ସ୍ୱାମୀ ମୃତ
■ ଘର ଭିତରୁ ସ୍ତ୍ରୀର ଗଳିତ ଶବ ଉଦ୍ଧାର
■ ହତ୍ୟା ସନ୍ଦେହ; କାରଣ ଅସ୍ପଷ୍ଟ

ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ବ୍ରଜରାଜନଗର ପୌରପରିଷଦର ସନଯୋବ ଗ୍ରାମ ହନୁମାନ ମନ୍ଦିର ପଡ଼ାରେ ଏଭଳି ଏକ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ବ୍ରଜରାଜନଗର ପୌରପରିଷଦ ସାନଯୋବ ଗ୍ରାମ ହନୁମାନ ମନ୍ଦିର ପଡ଼ାରେ ରହୁଥିବା ଗୋବିନ୍ଦ ଭୋଇ(୬୧) ଓ ତାଙ୍କ ପତ୍ନୀ ରୁକ୍ମିଣୀ ଭୋଇ(୫୫)।

ସୂଚନାନୁଯାୟୀ, ଭୋଇ ଦମ୍ପତି ଏହି ଘରେ ରହୁଥିଲେ। ୪ ଦିନ ହେଲା ଭିତରପଟୁ କବାଟ ବନ୍ଦ ଥିଲା। ନିକଟରେ ରହୁଥିବା ରୁକ୍ମିଣୀଙ୍କ ସାନ ଭଉଣୀ ବାରମ୍ବାର ଫୋନ୍ କରିଥିଲେ ହେଁ କେହି ନ ଉଠାଇବାରୁ ଶୁକ୍ରବାର ସକାଳ ୧୧ଟାରେ ଗୋବିନ୍ଦଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ଗୋବିନ୍ଦ ଭିତରପଟୁ ଆସି କବାଟ ଖୋଲିଥିଲେ। ସାନ ଭଉଣୀ ଘର ଭିତରେ ପଶି ବଡ଼ ଭଉଣୀର ଗଳିତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘର ଭିତରେ ପଶିବା ଦେଖି ଗୋବିନ୍ଦ ମୂର୍ଚ୍ଛା ହୋଇଯାଇଥିଲେ। ପୁଲିସ ତୁରନ୍ତ ଗୋବିନ୍ଦଙ୍କୁ ପୁଲିସ୍ ଭ୍ୟାନ୍ ସହାୟତାରେ ମଣ୍ଡଳୀୟା ହସ୍ପିଟାଲକୁ ପଠାଇଥିଲେ। ଗୋବିନ୍ଦଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ରୁକ୍ମିଣୀଙ୍କର ୩ ଦିନ ତଳୁ ମୃତ୍ୟୁ ହୋଇଥିବା ପୁଲିସ ପ୍ରକାଶ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୁଲିସ ମହିଳାଙ୍କ ଶବ ଜବତ କରି ଜଗି ରହିଥିବା ବେଳେ ଅନ୍ୟପଟରେ ଡାକ୍ତରଖାନାରେ ଗୋବିନ୍ଦଙ୍କ ଶବ ପଡ଼ି ରହିଛି। ଉଭୟ ଜାଗାରେ ପୁଲିସ ଜଗି ରହିଛି। ଘଟଣାସ୍ଥଳରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ, ଗୋବିନ୍ଦ ଜଣେ ଅବସରପ୍ରାପ୍ତ ଏମ୍‌ସିଏଲ କର୍ମଚାରୀ। ଅବସରକାଳୀନ ଟଙ୍କା, ପେନସନ୍ ଟଙ୍କା ସହ ନିକଟରେ ତାଙ୍କର ପୈତୃକ ଜମି ବିକି ବଡ଼ ଆକାରର ଟଙ୍କା ସେ ନିଜ ପାଖରେ ରଖିଥିଲା। ତାଙ୍କ ଘରକୁ ସର୍ବଦା ଅନେକ ଲୋକଙ୍କ ଯିବା ଆସିବା ରହିଥିବା ପଡ଼ୋଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମହିଳାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି।

**କଟକ ନୂଆପଡ଼ା ଗୁଳିକାଣ୍ଡ ଘଟଣା**

# ଚୋରା ବାଲି କାରବାରରୁ ଗଢ଼ିଛି ମୁଣ୍ଡ!



**କଟକ, ୨୦।୨(ସମିସ):** କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ପ୍ରେସ୍ କଲୋନୀରେ ଘଟିଥିବା ସୌମ୍ୟରଞ୍ଜନ ଜେନା ଓରଫ୍ ରିଙ୍କୁ ହତ୍ୟାକାଣ୍ଡ ଉପରୁ ପୁଲିସ ପରଦା ହଟାଇଛି। ଏହି ସମ୍ବେଦନଶୀଳ ମାମଲାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଉତ୍କଳ କେଶରୀ ପଶାୟତ (ହୁକୁ), ଅଭିଜିତ ମହାନ୍ତି (ନାଣ୍ଟୁ), ପ୍ରିୟବ୍ରତ ତ୍ରିପାଠୀ (ପୋଡ଼ା), ହିମାଂଶୁ ଶେଖର ନାୟକ (ବାଉଁ) ଓ ରୁଦ୍ରପ୍ରସାଦ ଚାନ୍ଦ (ଓମ)। ଥଟ୍ଟାମଜାରୁ ବଚସା ଏବଂ ଏଥିରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ କହୁଛି। କିନ୍ତୁ, ପୁଲିସର ଏହି ଯୁକ୍ତିକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ବାଲି କାରବାରକୁ ନେଇ ଏହି ଜଘନ୍ୟ କାଣ୍ଡ ଘଟିଛି ବୋଲି ସେମାନେ କହିଛନ୍ତି। ରାଜନୈତିକ ଛତ୍ରଛାୟା ତଳେ ରହି ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରି ଆସୁଥିଲେ ବୋଲି ଅଭିଯୋଗ ହୋଇଛି।

ଏହି ହତ୍ୟାକାଣ୍ଡ ପଛରେ କଟକ ସଦର ଅଞ୍ଚଳରେ ଚାଲିଥିବା ବେଆଇନ ବାଲି କାରବାରର ବଡ଼ ଭୂମିକା ରହିଛି। ମୃତ ରିଙ୍କୁଙ୍କ ଭାଇ ପିଙ୍କୁ ବାଲି, ଗୋଡ଼ି ବ୍ୟବସାୟ କରୁଥିବା ବେଳେ ଅଭିଯୁକ୍ତ ହୁକୁ ମଧ୍ୟ ଏହି ବ୍ୟବସାୟରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିଲା। ଏହି ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ହିଁ ହତ୍ୟାକାଣ୍ଡର କାରଣ ବୋଲି ଆଲୋଚନା ହେଉଛି। ଏହି ମାମଲା ଏବେ ରାଜନୈତିକ ରୂପ ନେଇଛି।


ମୁଖ୍ୟ ଅଭିଯୁକ୍ତ ଉତ୍କଳ କେଶରୀ ପଶାୟତ ଓରଫ୍ ହୁକୁ କିଛି ଦିନ ତଳେ କଟକ ସଦରର ବିଜେପି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିଲା। ଅଭିଯୋଗ ହେଉଛି ଯେ ରାଜନୈତିକ ଛତ୍ରଛାୟାରେ ରହି ହୁକୁ ସ୍ଥାନୀୟ ଅଞ୍ଚଳରେ ଚୋରା ବାଲି କାରବାର ନିୟନ୍ତ୍ରଣ କରୁଥିଲା ଏବଂ ତା'ର ଆତଙ୍କ ବଢ଼ିଯାଇଥିଲା। ଘଟଣା ସମ୍ପର୍କରେ ପୂର୍ବତନ ବିଧାୟକ

**କିଛି ଦିନ ତଳେ ବିଜେପିରେ ମିଶିଥିଲା ମୁଖ୍ୟ ଅଭିଯୁକ୍ତ ହୁକୁ**

**ବିଜେପି ନେତାଙ୍କ ଛତ୍ରଛାୟାରେ ଆତଙ୍କ ଖେଳାଇଥିଲେ ଅଭିଯୁକ୍ତ**

ଚନ୍ଦ୍ର ସାରଥୀ ବେହେରା ଆଜି ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରଙ୍କୁ ଭେଟିବା ସହ କଟକ ସଦର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ବିଭିନ୍ନ ଅସାମାଜିକ ଯୁବକମାନେ ମନଇଚ୍ଛା ବନ୍ଧୁକ ଧରି ବୁଲିବା ଓ ଚୋରା ବାଲିଚାଲାଣ କାରବାର ବୃଦ୍ଧି ପାଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ରାଜନୈତିକ ଚାପର ବଶବର୍ତ୍ତୀ ନହୋଇ ତଦନ୍ତ କରିବା ସହ ଘଟଣାରେ ଯେଉଁମାନେ ସଂପୃକ୍ତ ଅଛନ୍ତି, ସମସ୍ତଙ୍କୁ ଗିରଫ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ପ୍ରେସ୍ କଲୋନୀର ଏକ ପରିତ୍ୟକ୍ତ ଘରେ ଭୋଜି ଚାଲିଥିବା ବେଳେ ସମସ୍ତେ ନିଶାସକ୍ତ ଥିଲେ। ସେଠାରେ ଥଟ୍ଟାମଜାରୁ ଆରୋପ-ପ୍ରତ୍ୟାରୋପ ଆରମ୍ଭ ହୋଇଥିଲା। ଅଭିଯୁକ୍ତ ନାଣ୍ଟୁ ଘରୁ ବନ୍ଧୁକ ଆଣିବା ପରେ 'ଖାଲି ନାଁରେ ବନ୍ଧୁକ ଧରୁଛୁ ନା ଫୁଟାଇ ପାରିବୁ' ବୋଲି ଚ୍ୟାଲେଞ୍ଜ ଦିଆଯାଇଥିଲା। ପରେ ହୁକୁ ରିଙ୍କୁଙ୍କ ଛାତିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା। ଦୁଃଖର ବିଷୟ ହେଉଛି, ଗୁଳିମାଡ଼ ପରେ ଅଭିଯୁକ୍ତମାନେ ରିଙ୍କୁଙ୍କୁ ହସ୍ପିଟାଲ ନେବା ପରିବର୍ତ୍ତେ ଦୋଷ ଲଦାଲଦି ହେବା ପାଇଁ ଯୋଜନା କରି ସମୟ ନଷ୍ଟ କରିଥିଲେ। ଏସସିବି ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ବିଧାନସଭାରେ ରାଜ୍ୟ ବଜେଟ ଉପସ୍ଥାପନ କରିବା ପୂର୍ବରୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦହି କୁଆଉଛନ୍ତି

# କୃଷି ବିଭାଗ ବରାଦ ମାତ୍ର ୬୮ ଲକ୍ଷ ବୃଦ୍ଧି

**ପ୍ରଥମଥର ୧୦ ହଜାର କୋଟି ଟପିଲା ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ■ ଚଳିତ ବର୍ଷଠାରୁ ପ୍ରାୟ ୧୧୦୦ କୋଟି ଅଧିକ ଟିକସ ଆଦାୟ ଯୋଜନା**

ଭୁବନେଶ୍ୱର,୨୦।୨(ସମିସ): ରାଜ୍ୟରେ ଧାନକିଣା ଓ କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ମଣ୍ଡିରେ ମାଲମାଲ ସମସ୍ୟା, ଚାଷୀଙ୍କ ଧାନ କିଣିବାକୁ ନେଇ ସରକାରଙ୍କ ଅସ୍ପଷ୍ଟ ନୀତିକୁ ନେଇ ସରକାରଙ୍କୁ ସାଧାରଣରେ ସମାଲୋଚନା କରାଯାଉଛି। ଏହି ପ୍ରସଙ୍ଗକୁ ନେଇ ଚାଷୀ ସଂଗଠନ ଓଡ଼ିଶା ବନ୍ଦ ଡ଼ାକରା ଦେଇଛି। ବିଧାନସଭାରେ ଏହି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି ଓ ଗଲା ୩ ଦିନ ଧରି ବିରୋଧୀ ଗୃହ ଚଳାଇ ଦେଉ ନାହାନ୍ତି। ଏହି ସମୟରେ ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପାଇଁ ବଜେଟ୍ ବରାଦ ସାଧାରଣ ଲୋକ ଓ ରାଜ୍ୟର ଅର୍ଥନୀତିଜ୍ଞଙ୍କୁ ବିସ୍ମିତ କରିଛି। କୃଷି ବିଭାଗ ରାଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ। ସେଥିପାଇଁ ପୂର୍ବ ବିଜେଡି ସରକାର ସମୟରେ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ ହେଉଥିଲା। ମାତ୍ର ସରକାର ବଦଳିବା ସହ କୃଷକଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ବି ବଦଳି ଯାଇଥିବା ଅଭିଯୋଗ ହୋଇଛି। ବର୍ଷକ ମଧ୍ୟରେ ବଜେଟ ବରାଦ ୨୦ ହଜାର କୋଟି ଟଙ୍କା ବୃଦ୍ଧି କରିଥିବା ବେଳେ କୃଷି ବିଭାଗ ବ୍ୟୟ ଅଟକଳ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ କରାଯିବା ସାଧାରଣରେ ଆଲୋଚନାର ପ୍ରସଙ୍ଗ ହୋଇଛି।

ସୂଚନାଯୋଗ୍ୟ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ବଜେଟରେ ୧୪୭୦୦.୭୧ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ତେବେ ୨୦୨୬-୨୭ ଆର୍ଥିକ ବର୍ଷରେ ସରକାର ଏହି ବିଭାଗ ପାଇଁ ୧୪୭୦୧.୩୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ବିଭାଗର ବରାଦ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ବଢ଼ିଛି। ରାଜ୍ୟରେ ଚାଷୀଙ୍କ ଧାନ କିଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ସରକାରଙ୍କ ପାଖରେ ଟଙ୍କା ନଥିବାରୁ ଚାଷୀଙ୍କ ଧାନ କିଣାଯାଉନଥିବା ଚର୍ଚ୍ଚା ହେଉଛି। ସେହିପରି ବିଭାଗ ଅଧିନରେ ଚାଷୀ କଲ୍ୟାଣ ପାଇଁ ଅଧିକ ଅର୍ଥର ଆବଶ୍ୟକ ହେଉଥିବା ବେଳେ, ସରକାର ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ପ୍ରଦାନ କରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଚାଷୀ ନେତା।

ଅନ୍ୟପକ୍ଷରେ ଅବକାରୀ ରାଜସ୍ୱ ଉପରେ ସରକାରଙ୍କ ମାତ୍ରାଧିକ ନିର୍ଭରଶୀଳତାକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅବକାରୀ ରାଜସ୍ୱ ବାବଦରେ ୧୦୯୦୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦରେ ୯୭୫୩.୬୩ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଥିଲେ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅବକାରୀ ରାଜସ୍ୱ ବାବଦରେ ସରକାର ଅଧିକ ୧୧୪୬ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିବା, ସରକାରଙ୍କ ମନୋବୃତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ସେହିପରି ନିକୋଟିନ ଯୁକ୍ତ ଗୁଟଖା, ପାନ ମସଲା ବିକ୍ରି ଉପରେ ସରକାର ପ୍ରତିବନ୍ଧକ ଜାରି କରୁଛନ୍ତି। ଏପରିସ୍ଥଳେ ରାଜ୍ୟ ସରକାର ଅଧିକ ୧୧୪୬ କୋଟି ଟଙ୍କା କେଉଁଠୁ ଆଦାୟ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ଯେ ଅଧିକ ମଦ ପିଅନ୍ତୁ, ଏହା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ମଦ ବିରୋଧୀ ଆନ୍ଦୋଳନର ନେତୃବୃନ୍ଦମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମଥର ପାଇଁ ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ୧୦ ହଜାର କୋଟି ଟପିଛି।

# ବଜେଟ ରାଜ୍ୟର ବିକାଶ ପଥକୁ ତ୍ୱରିତ କରିବ: ମୁଖ୍ୟମନ୍ତ୍ରୀ




**■ ରାଜ୍ୟର ପୁଞ୍ଜି ଅଟକଳ ଦେଶରେ ସର୍ବାଧିକ**

**■ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ ହେବ ଆହୁରି ସୁଦୃଢ଼**

ଭୁବନେଶ୍ୱର, ୨୦।୨(ସମିସ): ୨୦୨୬-୨୭ ଆର୍ଥିକ ବର୍ଷର ଏହି ବଜେଟ୍ ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କ ସ୍ୱପ୍ନ ଓ ସଂକଳ୍ପର ପ୍ରତିଫଳନ। ଏହି ବଜେଟ୍ ସବୁବର୍ଗର ଜନସାଧାରଣଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶର ଗତିପଥରେ ତ୍ୱରିତ ବେଗରେ ଅଗ୍ରସର କରାଇବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ବଜେଟ୍ ଉପସ୍ଥାପନ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଛି। ଏହା ବିଗତ ବର୍ଷର ବଜେଟ୍ ଅଟକଳଠାରୁ ପ୍ରାୟ ୨୦ହଜାର କୋଟି ଟଙ୍କା ଅଧିକ। ଚଳିତ ବଜେଟ୍‌ରେ ଆକଳନ କରାଯାଇଥିବା ୭୨ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସଡିପି)ର ୬.୫ ପ୍ରତିଶତ ଏବଂ ସମୁଦାୟ ବଜେଟର ୨୩.୩ ପ୍ରତିଶତ। ଏହା ଦେଶର ସମସ୍ତ ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ।

ଆମ ସରକାର ମହିଳାମାନଙ୍କ ମର୍ଯ୍ୟାଦା ଓ ସଶକ୍ତୀକରଣ ଏବଂ ଶିଶୁ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଚଳିତ ବର୍ଷର ବଜେଟ୍‌ରେ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ୧୬,୧୫୨କୋଟି ଟଙ୍କା ଏବଂ ମିଶନ ଶକ୍ତି କ୍ଷେତ୍ରରେ ୨୮୦୪ କୋଟି ଟଙ୍କା ଦିଆଯିବା ସହ ଅନେକ ପରିବର୍ତ୍ତନକାରୀ ପଦକ୍ଷେପ ମାଧ୍ୟମରେ ଆମର ଦୃଢ଼ ସଂକଳ୍ପ ପ୍ରତିଫଳିତ ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୃଷକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨କୋଟି ଟଙ୍କାର ବ୍ୟୟବରାଦ ହୋଇଛ। ଯାହା ପୂର୍ବବର୍ଷ ତୁଳନାରେ ୧୨.୩ ପ୍ରତିଶତ ଅଧିକ। ସେହିପରି ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ବିକଶିତ ଭାରତ-ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ) ଅଧିନିୟମ, ୨୦୨୫ ଅନୁସାରେ ଭିବି ଜି-ରାମ-ଜି ଯୋଜନା କାର୍ଯ୍ୟକାରୀ ହେବ। ଗ୍ରାମୀଣ ପରିବାରଙ୍କ ଆୟକୁ ସୁଦୃଢ଼ କରିବା ଲାଗି ୧୨୫ଦିନର ରୋଜଗାରର ଗ୍ୟାରେଣ୍ଟି ପାଇଁ ଏହି ଯୋଜନା ଅଧୀନରେ ଆବଶ୍ୟକ ଅର୍ଥ ବ୍ୟୟ ବରାଦର ପ୍ରସ୍ତାବ ଦେଇଛି। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନକୁ ଆହୁରି ଦୃଢ଼ ଭାବେ ପ୍ରତିଷ୍ଠିତ କରିବା ପାଇଁ ଆମେ ୨୦୨୬-୨୭ ବଜେଟ୍‌ରେ ପର୍ଯ୍ୟଟନ କ୍ଷେତ୍ର ନିମନ୍ତେ ୧,୦୨୩ କୋଟି ଟଙ୍କା ବ୍ୟୟବରାଦ କରିଛୁ। ଏହା ଗତବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଇକୋ-ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବା ପାଇଁ ବାଲିପୁଟ, ଶିମିଳିପାଳର ନୱାନା ଏବଂ କରଞ୍ଜିଆର ଦେଓଠାରେ ନୂତନ କେନ୍ଦ୍ର ସ୍ଥାପନ କରାଯିବା ସହ ଚିଲିକା ହ୍ରଦର ପୁନରୁଦ୍ଧାର ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶ ପାଇଁ ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ କରାଯିବ। ପାରାଦୀପ ଓ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରହିଛି। ଏହା ବ୍ୟତୀତ ଚିପଲିମାରେ ଏକ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ଏକ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## 'ବିକଶିତ ଓଡ଼ିଶା' ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ'



ଶୁକ୍ରବାର ଉପସ୍ଥାପିତ ବଜେଟ୍ ବିକଶିତ ଓଡ଼ିଶା ପାଇଁ କଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ପ୍ରାୟ ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପିତ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛି। ଏହି ବଜେଟ୍ ଓଡ଼ିଶାର ଶିକ୍ଷା, ଦକ୍ଷତା, ଶିଳ୍ପ, କୃଷି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହ ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବ। ଆଜିର ଲୋକକଲ୍ୟାଣକାରୀ ଓ ଦୂରଦର୍ଶୀ ବଜେଟ୍ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ। ଆଜିର ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ। ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ। ଗାଁରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରର ବିକାଶ ହେବ। ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## 'ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବିଜେପିର ପ୍ରତିବଦ୍ଧତା ବଜେଟରେ ପ୍ରତିଫଳିତ'



ମୁଖ୍ୟମନ୍ତ୍ରୀ ଆଗତ କରିଥିବା ବଜେଟରେ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। କୃଷି, ପର୍ଯ୍ୟଟନ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କ୍ରୀଡ଼ା, ଦକ୍ଷତା ବିକାଶ, ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ବଜେଟରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବିଜେପିର ପ୍ରତିବଦ୍ଧତା ସ୍ପଷ୍ଟ ପ୍ରତିଫଳିତ ହେଉଛି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ବଜେଟ୍ ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ଚଳିତ ବଜେଟର ୧୬ଟି ନୂତନ ଜନକଲ୍ୟାଣକାରୀ ଯୋଜନା ସହ ପରିମାଣ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ହୋଇଛି, ଯାହାକି ସର୍ବକାଳିନ ସର୍ବାଧିକ। ଏହି ବଜେଟ୍‌ରେ ରାଜ୍ୟର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସରେ ଅନୁପ୍ରାଣିତ ହୋଇ ବିଜେପି ସରକାର ୪ବର୍ଗ ଗରିବ, ମହିଳା, କୃଷକ ଓ ଯୁବପିଢ଼ିଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଐତିହାସିକ, ଦୂରଦୃଷ୍ଟିସଂପନ୍ନ ବଜେଟ୍ ବୋଲି ଶ୍ରୀ ସାମଲ କହିଛନ୍ତି।

# ହାତୀ ପରି ବଜେଟ; ପିମ୍ପୁଡ଼ି ଭଳି ଖର୍ଚ୍ଚ



ଭୁବନେଶ୍ୱର, ୨୦।୨ (ସମିସ): ଖାଲି ବଜେଟର କଳେବର ବୃଦ୍ଧି କରିଚାଲିଲେ ହୁଏନାହିଁ। ଯେଉଁ ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ମୋଟ ବ୍ୟୟବରାଦର ମାତ୍ର ୫୭ ପ୍ରତିଶତ ଖର୍ଚ୍ଚ କରିପାରିଛନ୍ତି, ସେ ସରକାର ଏ ଥର ଆସନ୍ତା ଆର୍ଥିକ ବର୍ଷ ପାଇଁ ୨୦ ହଜାର କୋଟିର ଅଧିକ ବ୍ୟୟବରାଦକୁ ନେଇ ଖୁସି ହେବାର ନାହିଁ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ରାଜ୍ୟ ବଜେଟ୍ ପ୍ରସଙ୍ଗରେ ପିସିସି ସଭାପତି କହିଛନ୍ତି ଯେ ହାତୀ ଭଳି ବଜେଟ, ପିମ୍ପୁଡି ଭଳି ଖର୍ଚ୍ଚର୍। ମାତ୍ର ୨ଟି ବଜେଟରେ ଯେଉଁ ସରକାର ରାଜ୍ୟର ଋଣଭାରକୁ ୯୧ ହଜାର କୋଟି ଟଙ୍କାରେ ପହଞ୍ଚାଇଲେଣି ସେହି ସରକାରଙ୍କ ହାତରେ ରାଜ୍ୟବାସୀ ସୁରକ୍ଷିତ ତ ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ବଜେଟ୍‌ର ଆକାର କେବଳ ୨ ଲକ୍ଷ ୯୦ ହଜାର କୋଟିରୁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବଜେଟ୍ ବ୍ୟୟବରାଦର ମାତ୍ର ୫୭ ପ୍ରତିଶତ ଖର୍ଚ୍ଚ ହୋଇଛି। ଆସନ୍ତା ୫ ସପ୍ତାହ ମଧ୍ୟରେ ଅବଶିଷ୍ଟ ୪୩ ପ୍ରତିଶତ ଖର୍ଚ୍ଚ କରିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ୪୨ଟି ବିଭାଗ ମଧ୍ୟରୁ ୨୨ଟି ବିଭାଗର ବ୍ୟୟ ୫୦ ପ୍ରତିଶତରୁ କମ ରହିଛି। ଏହାସହିତ ପୂର୍ବର ବଳକା ୭୦,୦୦୦ କୋଟି ଟଙ୍କା ତ ଆଦୌ ଖର୍ଚ୍ଚ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି।

ଓଡ଼ିଶାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ୍ ସମ୍ପର୍କରେ ଶ୍ରୀ ଦାସ ଆହୁରି କହିଛନ୍ତି, ଗତବର୍ଷର ମୂଳ ବଜେଟ୍ ୨.୯ ଲକ୍ଷ କୋଟି ଟଙ୍କା ଥିଲା। ଋଣ ଭାର ଥିଲା ୪୭ ହଜାର ୪୦୦ କୋଟି ଟଙ୍କା। ଖୋଲା ବଜାରରୁ ଋଣ ୩୮ ପ୍ରତିଶତ ଥିଲା। ୨ଟି ବଜେଟ୍‌ର ମୋଟ ଋଣ ଭାର ୯୧ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି। ପୁଣି ପ୍ରସ୍ତାବିତ ଋଣ ଭାର ୫୬,୦୦୦ କୋଟି ଟଙ୍କା ରହିଛି। ପୁଞ୍ଜିଗତ ବ୍ୟୟ ମାତ୍ର ୪୭ ପ୍ରତିଶତ ଖର୍ଚ୍ଚ ହୋଇଛି। ତେଣୁ ଏହା ଏକ ଅପାରଗ ସରକାର। ମୂଳ ବଜେଟ୍ ଅର୍ଥ ଅବ୍ୟବହୃତ ହୋଇ ପଡ଼ିଥିବାରୁ ଅତିରିକ୍ତ ବଜେଟର କୌଣସି ଆବଶ୍ୟକତା ନାହିଁ। ୮୦୦୦ କୋଟି ବକେୟା କେନ୍ଦ୍ର ଦଉନି, ଅଥଚ ଏମାନେ ଡବଲ ଇଂଜିନ ସରକାର କଥା କହି ବାହାଦୁରି ମାରିବାରେ ବ୍ୟସ୍ତ ରହିଛନ୍ତି। ସରକାର ନିଜକୁ ସୁଧାରନ୍ତୁ, ନହେଲେ ଲୋକେ ଦଣ୍ଡ ଦେବା ଥୟ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

■ ଦକ୍ଷତା ବିକାଶକୁ ଗୁରୁତ୍ୱ

# ସମ୍ବଲପୁର ଏବଂ ବ୍ରହ୍ମପୁରରେ ରାଜ୍ୟ ବିଶ୍ୱ ଦକ୍ଷତା କେନ୍ଦ୍ରର ନୂଆ କ୍ୟାମ୍ପସ୍




ବଜେଟରେ ରାଜ୍ୟ ସରକାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦେଇ ୧୮୨୩.୧୧କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ବିଭାଗ ପାଇଁ ବଜେଟ୍ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୪୭ ସୁଦ୍ଧା ରାଜ୍ୟ ବିଶ୍ୱ ଦକ୍ଷତା କେନ୍ଦ୍ରର ୭ଟି କ୍ୟାମ୍ପସ୍ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୦୩୬ ପୂର୍ବରୁ ଅତି କମ୍‌ରେ ୫ଟି କ୍ୟାମ୍ପସ ପ୍ରତିଷ୍ଠା କରାଯିବ। ସମ୍ବଲପୁର ଏବଂ ବ୍ରହ୍ମପୁରରେ ମୋଟ ୨୭୮କୋଟି ଟଙ୍କା ବିନିଯୋଗରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଦୁଇଟି ନୂତନ କ୍ୟାମ୍ପସ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ କରାଯିବ। ଏହି କ୍ୟାମ୍ପସଗୁଡ଼ିକ ଉଦୀୟମାନ ଯୁବକମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷତାସମ୍ପନ୍ନ କରିବା ପାଇଁ ଉନ୍ନତ, ଶିଳ୍ପଭିତ୍ତିକ ତାଲିମ ପ୍ରଦାନ କରିବ। ପ୍ରତ୍ୟେକ କ୍ୟାମ୍ପସରେ ଆଇଟିଆଇକୁ ପଲିଟେକନିକ୍ ଏବଂ ଅନ୍ୟାନ୍ୟ ଆଗ୍ରହୀ ଯୁବକମାନଙ୍କ ପାଇଁ ବାର୍ଷିକ ପ୍ରାୟ ୨ ହଜାର ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ କ୍ଷମତା ରହିବ। ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## 'ଉତ୍କର୍ଷ ଆଇଟିଆଇ ଯୋଜନା'କୁ ଅନୁମୋଦନ

୨୦୨୫-୨୬ରୁ ୨୦୨୭-୨୮ ପର୍ଯ୍ୟନ୍ତ ତିନି ବର୍ଷ ପାଇଁ ମୋଟ ୫୦୦ କୋଟି ଟଙ୍କାର ବ୍ୟୟବରାଦ ସହିତ "ଉତ୍କର୍ଷ ଆଇଟିଆଇ ଯୋଜନା"କୁ ସରକାର ଅନୁମୋଦନ ଦେଇଛନ୍ତି। ବର୍ତ୍ତମାନ ଥିବା ୫ଟି ସରକାରୀ ଆଇଟିଆଇକୁ ଫ୍ଲାଗସିପ୍ ଉତ୍କର୍ଷ ଆଇଟିଆଇ ଭାବରେ ଜନିତ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଉଦୀୟମାନ ବ୍ୟବସାୟ, ଦୃଢ଼ ଶିଳ୍ପ ଭାଗୀଦାରି, ଉତ୍କର୍ଷ କେନ୍ଦ୍ର ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ପାଇଁ ପ୍ରତି ଆଇଟିଆଇରେ ପ୍ରାୟ ୧ ଶହ କୋଟି ଟଙ୍କା ବିନିଯୋଗ କରାଯିବ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ଯୋଜନାରେ ୧୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ଏହାବ୍ୟତୀତ ଆଧୁନିକ ପ୍ରଶିକ୍ଷଣ ସୁବିଧା, ଅତ୍ୟାଧୁନିକ କର୍ମଶାଳା ଏବଂ ଡିଜିଟାଲ ଶିକ୍ଷା ଭିତ୍ତିଭୂମିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଆଇଟିଆଇ ପାଇଁ ୨ ଶହ ୬୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।



ବଜେଟରେ ଗଜପତି ଜିଲ୍ଲାରେ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ୍ ଓ କୃତଜ୍ଞତା ଜ୍ଞାପନ କରୁଛନ୍ତି

# ସ୍ୱାସ୍ଥ୍ୟ ପାଇଁ ୭.୫ ପ୍ରତିଶତ ଖର୍ଚ୍ଚ

**■ ଏସ୍‌ସିବି ପାଇଁ ୧୦୦୦ କୋଟି**

**■ ଖୋଲିବ ୫ ନୂଆ ମେଡିକାଲ କଲେଜ**

**■ ୫ ଟି ସହରରେ ତିଆରି ହେବ ବର୍ଣ୍ଣ ୟୁନିଟ୍**

**■ ଦୁଇ ବର୍ଷରେ ୫୦୦ ପିଜି ସିଟ୍ ବୃଦ୍ଧି ଲକ୍ଷ୍ୟ**

ଭୁବନେଶ୍ୱର, ୨୦।୨(ସମିସ): ରାଜ୍ୟ ବଜେଟ୍‌ରେ ସ୍ୱାସ୍ଥ୍ୟ ବିଭାଗ ପାଇଁ ୨୩ହଜାର ୧୮୨କୋଟି ଟଙ୍କାର ବିପୁଳ ବ୍ୟୟବରାଦ ହୋଇଛି। ଏହା ମୋଟ୍ ବଜେଟ୍ ଆକାରର ୭.୫ ପ୍ରତିଶତରୁ ଅଧିକ। ବଢ଼ୁଥିବା ରୋଗୀସଂଖ୍ୟା ଏବଂ ଜରୁରୀକାଳୀନ ମାମଲାଠାରୁ ଆରମ୍ଭ କରି କ୍ରୋନିକ୍ ରୋଗ ଏବଂ ମହାମାରୀ ବିପଦ ପର୍ଯ୍ୟନ୍ତ ବଢ଼ୁଥିବା ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପଦକ୍ଷେପ ନେଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ବଜେଟ୍ ଭାଷଣରେ କହିଛନ୍ତି। ଏହି କ୍ରମରେ କଟକ ଏସ୍‌ସିବି ପୁନର୍ବିକାଶ ପାଇଁ ୧ ହଜାର କୋଟି, ବ୍ରହ୍ମପୁର ଏମ୍‌କେସିଜି ଓ ବୁର୍ଲା ଭୀମସାର ପାଇଁ ୬୦୦ କୋଟି ବ୍ୟୟବରାଦ ହୋଇଛି।

ଏହାବ୍ୟତୀତ, ରାଜ୍ୟର ୫ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗଜପତି, ମାଲକାନଗିରି, ରାୟଗଡ଼ାରେ ଆୟୁର୍ବେଦିକ ମେଡିକାଲ କଲେଜ, ନୟାଗଡ଼ ଓ ନୂଆପଡ଼ାରେ ୨ଟି ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏହି ୫ ନୂଆ ମେଡିକାଲ କଲେଜ ପାଇଁ ୧୪୦ କୋଟିର ପ୍ରସ୍ତାବ ରହିଛି। ସେହିପରି ବଜେଟ୍‌ରେ ୫ ନୂଆ ବର୍ଣ୍ଣ ୟୁନିଟ୍ ମଧ୍ୟ ଘୋଷଣା କରାଯାଇଛି। ପୁରୀ, ବୁର୍ଲା, କୋରାପୁଟ, ବ୍ରହ୍ମପୁର ଓ କ୍ୟାପିଟାଲ ହସ୍ପିଟାଲରେ ବର୍ଣ୍ଣ ୟୁନିଟ୍ ତିଆରି ପାଇଁ ଯୋଜନା କରାଯାଇଛି। ଏଥିପାଇଁ ୨୦୦କୋଟି ବ୍ୟୟବରାଦ ହୋଇଛି। ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟାଳୟ ଓ ସିଏଚ୍‌ସି ଆଦିରେ ୫ହଜାର ଶଯ୍ୟା ବୃଦ୍ଧି ନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ଏସ୍‌ସିବିରେ ୧୮୦୦ ଆଇପିଡି ଶଯ୍ୟାର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯିବା ସହ ନିରାମୟ ପାଇଁ ୭୮୬ କୋଟି, ନିଦାନ ପାଇଁ ୩୭୧କୋଟି ଟଙ୍କା, ଆମ୍ବୁଲାନ୍ସ ସେବା ପାଇଁ ୧୯୮ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ଏହାବ୍ୟତୀତ, ରାଜ୍ୟରେ ଆଗକୁ ଅଟଳ ରକ୍ତଦାନ ଅଭିଯାନ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସମସ୍ତ ମେଡିକାଲ କଲେଜରେ ରକ୍ତଭଣ୍ଡାର ପ୍ରତିଷ୍ଠା ସହ ୫୦ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ୟୁନିଟ୍ ବ୍ୟବସ୍ଥା ଓ ପ୍ଲାଜମା ଫ୍ରାକସନେସନ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେହିପରି, ଆଗାମୀ ଦୁଇ ବର୍ଷରେ ୫୦୦ ପିଜି ସିଟ୍ ବୃଦ୍ଧି ନେଇ ସରକାର ଯୋଜନା କରିଛନ୍ତି। ଏହାଦ୍ୱାରା ମେଡିକାଲ କଲେଜଗୁଡ଼ିକରେ ବିଶେଷଜ୍ଞ ସେବାର ଉପଲବ୍ଧତା ସୁନିଶ୍ଚିତ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି।

ଏହାସହ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଔଷଧର ଗୁଣବତ୍ତା ରକ୍ଷା କରିବା ଏବଂ ଯୋଗାଣ ଶୃଙ୍ଖଳର ଅଖଣ୍ଡତା ସୁନିଶ୍ଚିତ କରିବା ଲାଗି ଏକ କେନ୍ଦ୍ରୀୟ 'ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ ଲିମିଟେଡ୍' ପଣ୍ୟାଗାର ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ଶିକ୍ଷା ପାଇଁ ନାହିଁ ଆବଶ୍ୟକ ଅନୁଦାନ: ଏବିଭିପି

ଭୁବନେଶ୍ୱର, ୨୦।୨(ସମିସ): ବଜେଟ୍‌ରେ ଶିକ୍ଷାକୁ ଆବଶ୍ୟକ ଅନୁଦାନ ଦିଆଯାଇନାହିଁ। ରାଜ୍ୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ଖୋଲିବାକୁ ଘୋଷଣା କରାଯାଇଥିଲେ ମଧ୍ୟ ପୂର୍ବରୁ ଥିବା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସୁଧାରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଶିକ୍ଷା କୌଣସି ଖର୍ଚ୍ଚ ନୁହେଁ, ଭବିଷ୍ୟତ ପାଇଁ ନିବେଶ। ଏଣୁ, ଶିକ୍ଷା କ୍ଷେତ୍ରକୁ ଅଧିକ ଆବଣ୍ଟନର ଆବଶ୍ୟକତା ଥିଲା ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ କୁହାଯାଇଛି। ରାଜ୍ୟରେ ନୂତନ ବିଶ୍ୱବିଦ୍ୟାଳୟ ଖୋଲିବା ନିଷ୍ପତ୍ତିକୁ ଏବିଭିପି ସ୍ୱାଗତ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ନେଇ ପ୍ରଶ୍ନ ଉଠାଇଛି। ଶିକ୍ଷାର ବିସ୍ତାର, ଆଞ୍ଚଳିକ ବୈଷମ୍ୟ ହ୍ରାସ ଓ ଗ୍ରାମାଞ୍ଚଳରେ ଶିକ୍ଷା ପହଞ୍ଚାଇବା ଏହି ନିଷ୍ପତ୍ତି ସଫଳ ହୋଇପାରିବ। ମାତ୍ର, ଏହା ପୂର୍ବରୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସ୍ଥିତି ସୁଧାରିବାର ଆବଶ୍ୟକ ଥିଲା। ବିଶ୍ୱବିଦ୍ୟାଳୟରେ ଅର୍ଦ୍ଧାଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି। ଭିତ୍ତିଭୂମି ଅପୂର୍ଣ୍ଣ ରହିଛି। ଗବେଷଣା କାର୍ଯ୍ୟ ପ୍ରାୟ ନିଷ୍କ୍ରିୟ ହୋଇସାରିଛି। ଏଣୁ, ବିଶ୍ୱବିଦ୍ୟାଳୟରେ ଯଥେଷ୍ଟ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣର ଆବଶ୍ୟକ ରହିଛି। ଯୋଗ୍ୟ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ସମେତ ଗବେଷଣାକୁ ପ୍ରାଥମିକତା ଦେଇ ଲାବୋରାଟୋରୀ, ପ୍ରୋଜେକ୍ଟ ସମେତ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଉ। ଡିଜିଟାଲ ଶିକ୍ଷା ବ୍ୟବସ୍ଥା, ସ୍ମାର୍ଟ ଶ୍ରେଣୀଗୃହ, କ୍ରୀଡ଼ାର ବିକାଶ ପାଇଁ ପଦକ୍ଷେପ ନିଆ ନଗଲେ ନୂତନ ବିଶ୍ୱବିଦ୍ୟାଳୟ କେବଳ ଘୋଷଣାରେ ସୀମିତ ରହିଯିବ।



# ମାଲମାଲ ବେନାମୀ ଆକାଉଣ୍ଟ ଠାବ; ୧୦ ଗିରଫ



ଭୁବନେଶ୍ୱର, ୨୦।୨(ସମିସ): ବେନାମୀ ଆକାଉଣ୍ଟ ଅପରେଟ୍ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ୬ ଜଣଙ୍କୁ ଗିରଫ କରିଛି। ସିସି ଓ ଇଓପି ଥାନା ପୁଲିସ ଏକ ଗ୍ୟାଙ୍ଗ୍‌ର ୩ ଜଣଙ୍କୁ ଗିରଫ କରିଥିଲା ବେଳେ ଅନ୍ୟଏକ ଗ୍ୟାଙ୍ଗ୍‌ର ଆଉ ୩ ଜଣଙ୍କୁ ଗିରଫ କରିଛି। ଏହା ସହ ଅନ୍ୟ ଏକ ସାଇବର ଠକେଇ ଘଟଣାରେ ଲକ୍ଷ୍ମୀସାଗର ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେନାମୀ ଆକାଉଣ୍ଟ ଲିଙ୍କରେ ପୁଲିସ ମୋଟ୍ ୧୦ଜଣଙ୍କୁ ଗିରଫ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଡଃ. ଏସ୍ ଦେବଦତ୍ତ ସିଂ କହିଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ ପୁଲିସ୍ କମିସନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଉପସ୍ଥିତ ଥିଲେ।

### ଚାଇନା ପ୍ଲାଟଫର୍ମରେ ଲୁଟୁଥିଲେ

ଚାଇନା ଉପ୍ତତ୍ତି ସନ୍ଦେହଜନକ କ୍ରିପ୍ଟୋକରେନ୍ସି ଟ୍ରେଡିଙ୍ଗ ପ୍ଲାଟଫର୍ମ ବାୟନାନ୍ସ ମାଧ୍ୟମରେ ବେନାମୀ ଆକାଉଣ୍ଟ ଚଳାଇ ବିଦେଶୀ ଠକଙ୍କ ସହ ମିଶି ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭିମପୁର ବାସିନ୍ଦା ସୁମିତ କୁମାର ପାଢ଼ୀ, ସେହିପରି ଗଜପତି ମୋହନାର ଚାନ୍ଦଗିରି ଗ୍ରାମର ବାସିନ୍ଦା ଅଜିତ କୁମାର ପ୍ରଧାନ, ଏୟାରପୋର୍ଟ ଥାନା ଅଧୀନ ଫରେଷ୍ଟ ପାର୍କର ବାସିନ୍ଦା ରାଜେଶ କୁମାର ନାୟକ। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ୍ ୭ଟି ଫୋନ ସହ ବିଭିନ୍ନ ବ୍ୟାଙ୍କର ୪ଟି ପାସବୁକ୍, ବିଭିନ୍ନ ବ୍ୟାଙ୍କର ୧୦ଟି ଚେକ୍ ବୁକ୍ ସହ ବିଭିନ୍ନ ବ୍ୟାଙ୍କର ୨୧ଟି ଡେବିଟ୍ କାର୍ଡ, ବିଭିନ୍ନ ସର୍ଭିସ ପ୍ରୋଭାଇଡରର ୧୧ଟି ସିମ୍ କାର୍ଡ ଜବତ କରିଛି। ଗ୍ୟାଙ୍ଗ୍‌ର ମୁଖ୍ୟ ଅଭିଯୁକ୍ତ ସୁମିତ କୁମାର ପଢ଼ୀ ୨୦୨୨ରେ ବାୟନାନ୍ସ ପ୍ଲାଟଫର୍ମରେ କ୍ରିପ୍ଟୋକରେନ୍ସି ଟ୍ରେଡିଙ୍ଗ ଆକାଉଣ୍ଟ ଖୋଲିଥିଲେ। ଭେରିଫାଇଡ୍ ଆକାଉଣ୍ଟ ଖୋଲି ଫିଏଟ୍ କିମ୍ବା କ୍ରିପ୍ଟୋ କରେନ୍ସିରେ ଟଙ୍କା ଡିପୋଜିଟ୍ କରି ଟ୍ରେଡ୍ କରାଯାଏ। ଲାଭ ହେଲେ ତାହାକୁ ଫିଏଟ୍ ମନିରେ କନଭର୍ଟ କରି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଏ। ବିଦେଶରେ ବସି ଠକେଇ କରୁଥିବା ଫ୍ରଡଷ୍ଟରମାନେ ଏହି ଆକାଉଣ୍ଟଗୁଡ଼ିକୁ ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହାର କରି ଠକେଇର ଟଙ୍କା ଟ୍ରାନ୍ସଫର କରନ୍ତି। ସୁମିତଙ୍କ ଆକାଉଣ୍ଟ ୨୦୨୨-୨୦୨୩ରେ ଫ୍ରିଜ୍ ହୋଇଯାଇଥିଲା। କିନ୍ତୁ ସେ ନୂଆ ଆକାଉଣ୍ଟ ଖୋଲିବା ଜାରି ରଖିଥିଲେ। ତାଙ୍କ ଆକାଉଣ୍ଟ ଉତ୍ତରପ୍ରଦେଶ ଓ କେରଳ ଭଳି ରାଜ୍ୟରେ ଫ୍ରିଜ୍ ହୋଇଛି। ଫଳରେ ବହୁ ସଂଖ୍ୟକ ମାମଲା ମଧ୍ୟ ରୁଜୁ ହୋଇଛି। ଏପରିକି ସେ ଦୁବାଇରେ ଥିବା ଲୋକଙ୍କ ସହ ଯୋଗଯୋଗରେ ଥିଲେ।

### ଜଣଙ୍କ ଆକାଉଣ୍ଟ୍ ଅପରେଟ୍ କରୁଥିଲେ ଅନ୍ୟଜଣେ

ଜଣଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଥିଲା ବେଳେ ଅନ୍ୟ ଜଣଙ୍କ ମୋବାଇଲ୍ ନମ୍ବର ଦିଆଯାଉଛି। ଏହି ବ୍ୟାଙ୍କ୍ ଆକାଉଣ୍ଟକୁ ତୃତୀୟ ବ୍ୟକ୍ତି ଅପରେଟ୍ କରୁଛି। ପ୍ରତ୍ୟେକଙ୍କୁ ମିଳୁଛି ମାସିକ କମିଶନ୍। ଏହି ଆକାଉଣ୍ଟ ଯୋଗେ ସାଇବର୍ ଅପରାଧୀ ଲକ୍ଷାଧିକ ଟଙ୍କା ଲୋକଙ୍କ ଠାରୁ ଠକି ନେଉଛନ୍ତି। ଯାହାକୁ ପୁଲିସ ଠାବ କରିଛି। ବାପୁଜୀ ନଗର ଫେଡ୍ରାଲ୍ ବ୍ୟାଙ୍କ୍‌ରେ ଖୋଲାଯିଥିବା ଏହି ବେନାମୀ ଆକାଉଣ୍ଟ୍‌ରେ ୨୨ଲକ୍ଷ ଟଙ୍କା ଠାବ ହୋଇଛି।

ତେଲେଙ୍ଗାନା ଏବଂ କେରଳରୁ ହୋଇଥିବା ଅଭିଯୋଗ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ଏହି ଆକାଉଣ୍ଟ୍‌କୁ ଠାବ କରିଛି। ସାଇବର୍ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବାପୁଜୀ ନଗର ଅଞ୍ଚଳର କାର୍ତ୍ତିକ ନାୟକ, ଝାରପଡ଼ା ଅଞ୍ଚଳର ଶେଖ୍ ଅମିର୍ ହୁସେନ୍, ଶିରିପୁର ଅଞ୍ଚଳର ଦେବାଶିଷ ପଟ୍ଟନାୟକ। ସେମାନଙ୍କ ଠାରୁ ୩ମୋବାଇଲ୍ ଫୋନ୍ ଏବଂ ଟେଲିଗ୍ରାମ୍‌ରେ ଚଳାଇଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଦେବାଶିଷ୍ ତାଙ୍କ ସମ୍ପର୍କୀୟଙ୍କ ନାମରେ ମଧ୍ୟ କିଛି ବେନାମି ଆକାଉଣ୍ଟ ଖୋଲିଥିବା ନେଇ ପୁଲିସ ତଦନ୍ତ ଜାରି ରଖିଛି। ଦେବାଶିଷ୍ ୨୦୨୩ ମସିହାରେ ଟେଲିଗ୍ରାମ୍ ଯୋଗେ କଲିକତାର ସାଇବର ଅପରାଧୀଙ୍କ ଯୋଗାଯୋଗରେ ଆସିଥିଲା। ଏହାପର ଠାରୁ ସ୍ଥାନୀୟ ଲୋକଙ୍କୁ ପ୍ରବର୍ତାଇ ବେନାମୀ ଆକାଉଣ୍ଟ ଖୋଲି ପ୍ରତ୍ୟେକ ମାସରେ ୧୦ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କମାଉଥିଲା।

### ୪ ଜଣଙ୍କୁ ବାନ୍ଧିଲା ଲକ୍ଷ୍ମୀସାଗର ପୁଲିସ

ସେହିପରି ବେନାମୀ ଆକାଉଣ୍ଟ ଖୋଲି ଟଙ୍କା କମାଇବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦକା ଅଞ୍ଚଳର ମାୟଙ୍କ୍ କୁମାର୍, ରଞ୍ଜନ କୁମାର ସାହୁ, ନିଶିକାନ୍ତ କର, ମହମ୍ମଦ ସାଦିକ ରାଜା ଖାନ୍। ଏମାନଙ୍କ ଠାରୁ ୬ମୋବାଇଲ୍, ୨ ଦାମୀ କାର୍, ୩୭ ଡେବିଟ୍ କାର୍ଡ, ମ୍ୟାକ୍‌ବୁକ୍ ଏବଂ ଆପେଲ୍ ଫୋପନ୍ ଜଜବତ କରାଯାଇଛି।

ସୂଚନାଯୋଗ୍ୟ, ବେନାମୀ ଆକାଉଣ୍ଟ ବିରୋଧରେ ଓଡ଼ିଶା ପୁଲିସ ପକ୍ଷରୁ ସାଇବର କବଚ ନାମକ ଏକ ଅପରେସନ୍ ଆରମ୍ଭ ହୋଇଛି। ଯାହାକୁ କ୍ରାଇମ୍‌ବ୍ରାଞ୍ଚର ସିଆଇଡି ସିବି ପକ୍ଷରୁ ଅପରେଟ୍ କରାଯାଉଛି। ଫେବୃଆରୀ ୧୫ରୁ ଏହି ଅପରେସନ୍ ଆରମ୍ଭ ହୋଇଛି। ରାଜଧାନୀରେ କିଛି ଦୁର୍ବୃତ୍ତ ବିଭିନ୍ନ ବ୍ୟାଙ୍କ୍‌ରେ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ ଖୋଲି ଅର୍ଥନୈତିକ ଅପରାଧରେ ଲିପ୍ତ ରହୁଥିବା ପୁଲିସ ଜାଣିବାକୁ ପାଇଛି।

# ଓୟୋରେ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ



**ପରିବାର ଅଗୋଚରରେ ପ୍ରେମିକା ସହ ହୋଟେଲରେ ରହିଥିଲେ**

**ପ୍ରେମିକା ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକ**

ଭୁବନେଶ୍ୱର, ୨୦।୨(ସମିସ): ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରେ ଜଣେ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳର ବୁବୁନା ପ୍ରଧାନ (୨୮)। ପ୍ରେମିକା ବର୍ଷାଙ୍କ ସହ ସେ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଏକ ଓୟୋ ହୋଟେଲରେ ରହିଥିଲେ। ସେଠାରେ ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ବର୍ଷାଙ୍କ କହିବା ଅନୁଯାୟୀ ବାବୁନା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ କେଉଁ କାରଣରୁ ବାବୁନାଙ୍କ ମୃତ୍ୟୁ ଘଟିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ, ବାବୁନାଙ୍କ ପରିବାରଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଶବକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୁବୁନାଙ୍କ ପରିବାରଲୋକ ପୁରୁଣା ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେବ ରହୁଛନ୍ତି। ରଙ୍ଗ କାମ କରି ବାପା ମାଟିଆ ପରିବାର ଚଳାଉଛନ୍ତି। ବୁବୁନା ଭୁବନେଶ୍ୱରର ଏକ ଘରୋଇ କଲେଜରେ ୬ବର୍ଷ ତଳେ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ ଶେଷ କରିଥିଲେ। ପରେ ସେ ସଫ୍ଟୱେୟାର କୋର୍ସ ମଧ୍ୟ କରି ଚାକିରି କରୁଥିଲେ। ତେବେ ୨ ମାସ ହେଲା ଚାକିରି କରିବାକୁ ବେଙ୍ଗାଲୁରୁ ଯାଇଥିଲେ। ପରିବାରଲୋକଙ୍କୁ ନ ଜଣାଇ ବାବୁନା ବେଙ୍ଗାଲୁରୁରୁ ଆସିଥିଲେ। ସେ ଓ ପ୍ରେମିକା ବର୍ଷା ଗତକାଲି ଗୁରୁବାର ପୋଖରୀପୁଟର ଡିଏଭି ପବ୍ଲିକ ସ୍କୁଲ ନିକଟରେ ଓୟୋ ହୋଟେଲରେ ରୁମ ନେଇ ରହିଥିଲେ। ରାତି ପ୍ରାୟ ୩ଟା ବେଳେ ବାବୁନାଙ୍କ ପରିବାରଲୋକଙ୍କୁ ଫୋନ୍ କରିଥିଲେ ବର୍ଷା। ବୁବୁନା ବେକରେ କପଡ଼ା ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି ବୋଲି ଜଣାଇଥିଲେ।

ବୁବୁନାଙ୍କ ମାଆ ଲଳିତା ପ୍ରଧାନ କହିଛନ୍ତି, ବର୍ଷା ମୋ ପୁଅକୁ ଛାଡ଼ି ବ୍ୟାଙ୍କରେ କାମ କରୁଥିବା ଅନ୍ୟ ଜଣଙ୍କୁ ଭଲ ପାଉଛି। ମୋ ପୁଅକୁ ରାତିରେ ଡାକିଥିଲା। ତାକୁ ସେମାନେ ମିଳିମିଶି ହତ୍ୟା କରିଛନ୍ତି। ବେଙ୍ଗାଲୁରୁରୁ ମୋ ପୁଅକୁ ଡକାଇ ଆଣି ମାରିଛନ୍ତି। ମୋ ପୁଅକୁ ବର୍ଷା ସହ ବାହା କରିବାକୁ ମୁଁ ରାଜି ଥିଲି। କିନ୍ତୁ ବର୍ଷା ମୋ' ପୁଅ ସହ ପ୍ରତାରଣା କରିଥିଲା। ବର୍ଷା ସହ ତା' ପ୍ରେମିକ ଓ ଅନ୍ୟମାନେ ମଧ୍ୟ ଥିଲେ। ଏହି ମାମଲାରେ ବର୍ଷା ଓ ତାଙ୍କ ସହ ଥିବା ଅନ୍ୟମାନଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି।

ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ହୋଟେଲ ରେଜିଷ୍ଟର ଆଦି ଯାଞ୍ଚ କରି ଅଧିକ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଏୟାରପୋର୍ଟ ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ବୁବୁନାଙ୍କ ପରିବାର ସହ ପ୍ରେମିକା ପ୍ରାୟ ୪ ବର୍ଷ ଧରି ଯୋଗାଯୋଗରେ ଥିଲେ। ପ୍ରେମିକା ଓ ପରିବାର ଲୋକମାନେ ବୁବୁନାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନେବା ପରେ ଆମେ ଖବର ପାଇଥିଲୁ। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ମହାରାଷ୍ଟ୍ର ପୁଲିସ କବଜାରେ ସ୍ପାଇଡ଼ର ସତୀଶ

ଭୁବନେଶ୍ୱର, ୨୦।୨(ସମିସ): ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଅଭିଯୋଗରେ ଗିରଫ ହୋଇ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସ୍ପାଇଡ଼ର ସତୀଶ ଏବେ ମହାରାଷ୍ଟ୍ର ପୁଲିସ କବଜାରେ। ପୁରୁଣା ମାମଲାରେ ମହାରାଷ୍ଟ୍ର ପୁଲିସ ତାଙ୍କୁ ଉଠାଇ ନେଇଛି। ତେବେ କେଉଁ କାରଣରୁ ତାଙ୍କୁ ଉଠାଇ ନେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ବିଡମ୍ବନାର ବିଷୟ ନିରଞ୍ଜନଙ୍କ ଚୋରି ମାମଲାରେ ସେ ଜେଲ୍‌ରେ ଥିଲେ। ଝାରପଡ଼ାରୁ ମୁକୁଳିବା ମାତ୍ରେ ତାଙ୍କୁ ଅନ୍ୟ ରାଜ୍ୟର ପୁଲିସ ପୁଣି ଉଠାଇ ନେଲା।

## ଚୋରି ସାମଗ୍ରୀ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୨୦।୨(ସମିସ): ଚୋରି ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବୁଡୁ ଦାସ। ବୁଡୁଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବିଚିତ୍ର ସ୍ୱାଇଁ ମଞ୍ଚେଶ୍ୱର ଠାରେ ଥିବା ଏଆରଏସ୍‌ଏସ୍ କମ୍ପାନୀର ଜଣେ କର୍ମଚାରୀ। ଅଭିଯୁକ୍ତ ବୁଡୁ ଅନ୍ଧାରର ସୁଯୋଗ ନେଇ ସମ୍ପୃକ୍ତ ଏଆରଏସ୍‌ଏସ୍ କମ୍ପାନୀ ପରିସର ମଧ୍ୟରେ ପ୍ରବେଶ କରିବା ସହ ଷ୍ଟୋର ରୁମ୍‌ରୁ ଦୁଇଟି ଡ୍ରିଲ ମେସିନ, ୧୫ ଖଣ୍ଡ ଲୁହା ଛଡ଼ ଏବଂ ୫୦ଟି ଆଙ୍ଗେଲ ଚୋରିକରି ସେଠାରୁ ଖସିଯିବା ଲାଗି ଉଦ୍ୟମ କରିଥିଲେ। ଠିକ ଏହି ସମୟରେ ବିଚିତ୍ର ସ୍ୱାଇଁ ଏବଂ ଅନ୍ୟ ଦୁଇ କର୍ମଚାରୀ କୌଶଳ କ୍ରମେ ଅଭିଯୁକ୍ତ ବୁଡୁଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ଅଭିଯୁକ୍ତ ବୁଡୁଙ୍କୁ ଗିରଫ କରିଥିଲା। ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ଚୋରା ଡ୍ରିଲ ମେସିନ ଦୁଇଟି, ୧୫ ଖଣ୍ଡ ଲୁହାଛଡ଼ ଏବଂ ୨୦ଟି ଲୁହା ଆଙ୍ଗେଲ ଜବତ କରିଥିଲେ। ସେ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ପୂର୍ବରୁ ମଧ୍ୟ ତିନିଗୋଟି ଅପରାଧିକ ମାମଲା ରହିଛି।

## ଖଣ୍ଡା ଜବତ; ଜଣେ ଗିରଫ

ଭୁବନେଶ୍ୱର, ୨୦।୨(ସମିସ): ଇନ୍‌ଫୋସିଟି ଥାନା ଅଞ୍ଚଳରେ ଦିନ ଦ୍ୱିପହରେ ରାସ୍ତାରେ ଖଣ୍ଡା ଧରି ଷ୍ଟଣ୍ଟ୍ କରି ଲୋକଙ୍କୁ ଆତଙ୍କିତ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କଟକ ଜିଲ୍ଲା ତିଗିରିଆ ଅଞ୍ଚଳର ଲକ୍ଷ୍ମଣ ଦାସ। ତାଙ୍କ ପାଖରୁ ଏକ ଖଣ୍ଡା ଏବଂ ଅପରାଧରେ ବ୍ୟବହୃତ ବାଇକ୍ ଜବତ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳରେ ନିଜର ପତିଆରା ଜାହିର କରିବାକୁ ଏମାନେ ଏଭଳି କରିଥିବା ପୁଲିସ ପାଖରେ ସ୍ୱୀକାର କରିଛନ୍ତି।

## ହାଇୱା ଦୁର୍ଘଟଣା ପରେ ଉତ୍ତେଜନା

ହଂସପାଳ, ୨୦।୨(ସମିସ): ହଂସପାଳ ଅଭୟମୁଖି ରାସ୍ତା ବାଲିଅନ୍ତା ଥାନା ଅଧୀନ ମାଟିକୋଟ ନିକଟରେ ଏକ ହାଇୱା ଧକ୍କାରେ ବାଇକ ଚାଳକ ଗୁରୁତର ଆହତ। ଗୁରୁତର ଆହତଙ୍କ ପରିଚୟ ମିଳି ନ ଥିବା ବେଳେ ସ୍ଥାନୀୟ ଯୁବକ ମାନେ ଦୁର୍ଘଟଣା ଘଟାଇଥିବା ହାଇୱା କୁ ଅଟକାଇ ଥିଲେ। ଘଟଣାସ୍ଥଳରେ ଚାପ ଉତ୍ତେଜନା ସୃଷ୍ଟି ହୋଇଥିଲା। ରାସ୍ତାରେ ଯାତାୟାତ କରୁଥିବା ଯାନବାହାନ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ବାଲିଅନ୍ତା ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଗାମୀ ଦିନରେ ରାତି ୧୨ ପୂର୍ବରୁ ହାଇୱା ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା। ଦୁର୍ଘଟଣାରେ ଗୁରୁତର ଯୁବକଙ୍କୁ ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ହାଇୱା ଓ ପଲ୍ସର ବାଇକକୁ ଜବତ କରି ଥାନାକୁ ନେଇଥିଲେ। ପଛରେ ଆସୁଥିବା ଆଉ ଏକ ଦ୍ରୁତଗାମୀ ହାଇୱାକୁ ମଧ୍ୟ ଜବତ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ସମ୍ପର୍କୀୟଙ୍କ ଘରୁ ଚୋରି କରି ଗିରଫ

ଭୁବନେଶ୍ୱର, ୨୦।୨ (ସମିସ): ସମ୍ପର୍କୀୟଙ୍କ ଘରୁ ଚୋରି ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଦୀପକ ପ୍ରଧାନ। ଚୋରି କରିବା ପରେ ସେ ସୁନା ଅଳଙ୍କାରକୁ ଫାଇନାନ୍ସ କମ୍ପାନୀରେ ବନ୍ଧକ ରଖି ଟଙ୍କା ଆଣିଥିବା ସ୍ୱୀକାର କରିଥିଲେ। ଅଭିଯୋଗକାରିଣୀ ବବିତା ପ୍ରଧାନଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବା ସହ ଅଭିଯୁକ୍ତ ଦୀପକ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରିଣୀଙ୍କ ଭଉଣୀର ପୁଅ ଦୀପକ ପ୍ରଧାନ ଏବଂ ତାଙ୍କ ଭାଇର ଝିଅ କାକିଲି ପ୍ରଧାନ ପତି-ପତ୍ନୀ। ନିକଟତମ ପରିବାର ସମ୍ପର୍କ ଥିବାରୁ ସେମାନେ

**ଚୋରି ଅଳଙ୍କାରକୁ ଫାଇନାନ୍ସ କମ୍ପାନୀରେ ବନ୍ଧକ**

ସାଧାରଣତଃ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରଖିବା ପାଇଁ ଅଭିଯୋଗକାରିଣୀଙ୍କ ଘରକୁ ଆସୁଥିଲେ। ଅଭିଯୋଗକାରିଣୀ ମନ୍ଦିର ଯାଇଥିଲା ବେଳେ ଏହାର ସୁଯୋଗ ନେଇ ଦୀପକ ପ୍ରଧାନ ତାଙ୍କ ସ୍ତ୍ରୀ କାକିଲି ପ୍ରଧାନଙ୍କ ସହିତ ମିଶି ତାଙ୍କ ଘରର ଆଲମିରାରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ନେଇଯାଇଥିଲେ। ଚୋରି ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ୧୫ ଗ୍ରାମ ଓଜନର ଗୋଟିଏ ସୁନା ଚେନ୍, ୧୮ ଗ୍ରାମ ଓଜନର ଗୋଟିଏ ସୁନା ଚେନ୍, ଦୁଇଟି ମଙ୍ଗଳସୂତ୍ର, ଦୁଇ ଯୋଡ଼ା କାନଫୁଲ, ପାଞ୍ଚଟି ସୁନା ମୁଦି, ଏବଂ ୧୦, ୦୦୦ ଟଙ୍କା ନଗଦ ଅନ୍ତର୍ଭୁକ୍ତ। ଏହି ଚୋରି ଘଟଣା ପରେ ଉଭୟ ନିଜର ଘର ଛାଡି ଅନ୍ୟ ଆଡେ ଚାଲିଯାଇଥିଲେ। ପୁଲିସ ବରମୁଣ୍ଡା ଅଞ୍ଚଳରେ ଚଢାଉ କରି ଦୀପକ ପ୍ରଧାନଙ୍କୁ ଗିରଫ କରିଛି।

## ୨୨ରୁ ବରିଷ୍ଠ ନାଗରିକଙ୍କ ଜାତୀୟ ସମ୍ମିଳନୀ


ଭୁବନେଶ୍ୱର, ୨୦।୨(ସମିସ): ଓଡ଼ିଶାରେ ପ୍ରଥମଥର ପାଇଁ ଅଖିଳ ଭାରତୀୟ ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଆୟୋଜିତ ହେବ ବରିଷ୍ଠ ନାଗରିକମାନଙ୍କ ଜାତୀୟ ସମ୍ମିଳନୀ। ଏହି ସମ୍ମିଳନୀ ଚନ୍ଦ୍ରଶେଖରପୁରସ୍ଥିତ ରେଳ ପ୍ରେକ୍ଷାଳୟରେ ଆସନ୍ତା ୨୨ ତାରିଖ ଓ ୨୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁଥିବା ବେଳେ ଏଥିରେ ନେପାଳ ସହିତ ଆମ ଦେଶର ୨୦ଟି ରାଜ୍ୟରୁ ପ୍ରାୟ ୧୭୦୦ ଜଣ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅଖିଳ ଭାରତୀୟ ବରିଷ୍ଠ ନାଗରିକ ମହାସଂଘର ଏହି ୨୩ତମ ଜାତୀୟ ସମ୍ମିଳନୀକୁ ଭୁବନେଶ୍ୱରରେ ଆୟୋଜନ କରୁଛି ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ। ସର୍ବଭାରତୀୟ ସ୍ତରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ରେଳ ଭଡ଼ାରେ ରିହାତି, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ୬୦-୭୯ ବର୍ଷ ପର୍ଯ୍ୟନ୍ତ ୩ ହଜାର ଟଙ୍କା ଓ ୮୦ ବର୍ଷରୁ ଅଧିକ ବରିଷ୍ଠଙ୍କୁ ମାସିକ ୩୫୦୦ ଟଙ୍କାକୁ ବୃଦ୍ଧି ପାଇଁ ଦାବି କରାଯିବ। ଏ ନେଇ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହାସଂଘର ଉପଦେଷ୍ଟା କୃପାସିନ୍ଧୁ ସାହୁ, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ଡାକ୍ତର ପ୍ରସନ୍ନ କୁମାର ଦାସ, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି, ସାଧାରଣ ସମ୍ପାଦକ ରାଜ କିଶୋର ସାମନ୍ତରାୟ ଓ ଆବାହକ ଦିଲ୍ଲୀପ ଦାଶଶର୍ମା ଉପସ୍ଥିତ ଥିଲେ।




# ବଜେଟ୍: କିଛି ଆଶା, ବେଶି ନିରାଶା

ଭୁବନେଶ୍ୱର, ୨୦।୨(ସମିସ): ବଜେଟ୍ ଉପସ୍ଥାପିତ ହୋଇଥିବା ବେଳେ ଏହି ବଜେଟ୍‌କୁ ନେଇ କିଛି ଆଶା ଓ ନିରାଶା ଦେଖା ଦେଇଛି। କେଉଁଠି ଯୁବକମାନଙ୍କ ପାଇଁ କିଛି ରହିନଥିବା ବେଳେ ଆଉ କେଉଁଠି ଅନ୍ୟ ବିଭାଗକୁ ସରକାର ଏହି ବଜେଟ୍‌ରେ ଅଧିକ ପ୍ରାଧାନ୍ୟ ଦେଇଛନ୍ତି ବୋଲି କୁହାଯାଉଛି। ଯାହା କି ଅନେକ ଲୋକ ଏହି ବଜେଟ୍‌ରେ ଖୁସି ବ୍ୟକ୍ତ କରିଥିବା ବେଳେ ଆଉ କିଛି ଲୋକ ଦୁଃଖ ପ୍ରକାଶ କରିଛନ୍ତି।


### ଦୀପରେ ବଳିତା ନବୁଡିବା ସଦୃଶ



ରାଜ୍ୟ ବଜେଟରେ ସହରାଞ୍ଚଳ ଅବା ଭୁବନେଶ୍ୱର ପାଇଁ ସେପରି କିଛି ଆଖିଦୃଶିଆ କାର୍ଯ୍ୟକ୍ରମର ବ୍ୟବସ୍ଥା ନାହିଁ। ଯେଉଁ ସ୍ମାର୍ଟ ସହର ପାଇଁ ଶହେ କୋଟିର ବରାଦ କରାଯାଇଛି ତାହା ଯେପରି ଦୀପରେ ବଳିତା ନବୁଡିବା ସଦୃଶ। ବିଗତ ୧୦ ବର୍ଷରେ ଦେଶରେ ଶହେଟି ପ୍ରସ୍ତାବିତ ସ୍ମାର୍ଟ ସହରରେ ଦେଢ଼ ଲକ୍ଷ କୋଟି ଦଶ ବର୍ଷରେ ନିବେଶ ପରେ ମଧ୍ୟ ଗୋଟିଏ ସହର ସ୍ମାର୍ଟ ହୋଇପାରିନି। ସେହିପରି ଭୁବନେଶ୍ୱରରେ ୨୦୭୧ କୋଟି ସ୍ମାର୍ଟସିଟି ମିଶନରେ ନିବେଶ ହେବାପରେ ମଧ୍ୟ ଏହାର ଅବସ୍ଥା ସମସ୍ତଙ୍କୁ ଜଣା। ତେଣୁ ଆଗାମୀ ଦିନରେ ଓଡ଼ିଶାର ନଗର ଉନ୍ନତି ବହୁ ମାତ୍ରାରେ ନିର୍ଭରଶୀଳ ରହିବ ଷଷ୍ଠ ରାଜ୍ୟ ଏବଂ ତ୍ରୟୋଦଶ ଜାତୀୟ ଅର୍ଥ କମିଶନଙ୍କ ଅନୁଦାନ ଉପରେ ଏବଂ ନିଜସ୍ୱ ରାଜସ୍ୱ ଉପରେ।

-ପୀୟୂଷ ରଞ୍ଜନ ରାଉତ, ସହର ଯୋଜନା ବିଶେଷଜ୍ଞ


### ମଧ୍ୟବିତ୍ତଙ୍କ ପାଇଁ ସୁବିଧା ନାହିଁ



ଆଗତ ବଜେଟ୍‌ରେ ରାଜ୍ୟ ସରକାର ସାଧାରଣ ଜନତା ଓ ମଧ୍ୟବିତ୍ତଙ୍କ ପାଇଁ ସୁବିଧା କିଛି ରଖି ନାହାନ୍ତି। ରାଜ୍ୟରେ ବେସରକାରୀ କର୍ମଚାରୀ ମାନଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ସୁବିଧା ରଖିନାହାନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ସବୁ କ୍ଷେତ୍ରରେ ସମସ୍ତଙ୍କୁ ଅଗ୍ରାଧିକାର ଦେବା ସରକାରଙ୍କର ଦାୟିତ୍ୱ ହେଲେ ଏହି ବଜେଟ୍‌ରେ ଜଣକୁ ସନ୍ତୋଷ ଦେଇ ଆଉ ଜଣକୁ ଅସନ୍ତୋଷ କରାଯାଇଛି।

-ବିଜୟ କୁମାର ଘଡ଼େଇ, ଏମ୍‌ବିଏ ଛାତ୍ର

### ଉଚ୍ଚଶିକ୍ଷା ପାଇଁ ଯୋଜନା ନାହିଁ



ରାଜ୍ୟ ସରକାରଙ୍କ ବଜେଟ୍‌ରେ ଉଚ୍ଚ ଶିକ୍ଷା କିମ୍ବା ଉଚ୍ଚ ଶିକ୍ଷିତଙ୍କ ପାଇଁ କୌଣସି ପ୍ରକାର ସୁଯୋଗ ନାହିଁ। ଏହା ଏକ ବିକଶିତ ଓଡ଼ିଶାର ବଜେଟ୍ ଭଳି ମନେ ହେଉନାହିଁ। ବିଶେଷକରି ରାଜ୍ୟରେ ଚାକିରିକୁ ନେଇ ଅନେକ ଛାତ୍ରଛାତ୍ରୀ ଚିନ୍ତାରେ ରହିଥିବା ବେଳେ ଏହି ବଜେଟ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ କିଛି ନାହିଁ। ଯଦି ନୂତନ କର୍ମନିଯୁକ୍ତି ସୃଷ୍ଟି ହେବା କ୍ଷେତ୍ରରେ କିଛି ନିବେଶ କରାଯାଇଥାନ୍ତି ତେବେ ଅନେକ ପିଲା ଉପକୃତ ହୋଇପାରିଥାନ୍ତେ।

-ଶ୍ରୀନିବାସ ବାରିକ, ବ୍ୟାଙ୍କ କର୍ମଚାରୀ

### ମାଗଣା ନାପକିନ୍ ବଣ୍ଟନ ପାଇଁ ବ୍ୟବସ୍ଥା ନାହିଁ



ବଜେଟ୍‌ରେ ମହିଳାଙ୍କୁ କିଛିଟା ପ୍ରାଧାନ୍ୟ ଦେଇଛନ୍ତି ସରକାର। ହେଲେ ମହିଳା କର୍ମଜୀବୀଙ୍କୁ ମାସିକ ରତୁସ୍ରାବ ପାଇଁ ମାସରେ ଗୋଟିଏ ଦିନ ସରକାର ଛୁଟି ଦେବାକୁ ଘୋଷଣା କରିଥିଲେ। ହେଲେ ଏହା ଘୋଷଣାରେ ହିଁ ରହିଗଲା। ଏଥିପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ। ତତ୍‌ସହିତ ରାଜ୍ୟରେ ଝିଅଙ୍କ ପ୍ରତି ଅତ୍ୟାଚାର ମଧ୍ୟ ବଢ଼ିଚାଲିଛି। ରୋଡ ରୋମିଓ ବାଟ ଘାଟରେ ହଇରାଣ କରୁଛନ୍ତି। ଏଥି ପ୍ରତି ସରକାର ପଦକ୍ଷେପ ନେବା ଆବଶ୍ୟକ। ମାସିକ ରତୁସ୍ରାବ ପାଇଁ ଆବଶ୍ୟକ ନାପ୍‌କିନ୍ ସବୁ ଝିଅ କିଣିବାକୁ ସକ୍ଷମ ହେଉନାହାନ୍ତି। ସରକାର ପ୍ରତି ମାସରେ ଗରିବ ଶ୍ରେଣୀର ଝିଅମାନଙ୍କୁ ମାଗଣାରେ ନାପକିନ୍ ଯୋଗାଇବା ପାଇଁ ବଜେଟ୍ ଆବଣ୍ଟନରେ ପ୍ରାବଧାନ ରଖିଥିଲେ ଭଲ ହୋଇଥାନ୍ତା।

-ସୁଚିତ୍ରା ମହାନ୍ତି, କର୍ମଜୀବୀ

### ଆହୁରି ଲୋକାଭିମୁଖୀ ହୋଇପାରି ଥାଆନ୍ତା



ଏହି ବଜେଟରେ କୃଷି, ମହିଳା ସଶକ୍ତୀକରଣ ଏବଂ ଭିତ୍ତିଭୂମି ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବଜେଟରେ ଅନେକ ଭଲ ଘୋଷଣା ହୋଇଥିଲେ ମଧ୍ୟ, ସାଧାରଣ ଲୋକ ଓ ଅର୍ଥନୀତିଜ୍ଞଙ୍କ ମତରେ କିଛି ଦିଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲେ ଏହା ଆହୁରି ଉନ୍ନତ ହୋଇପାରିଥାନ୍ତା। ବେକାରୀ ସମସ୍ୟା ଓ ସ୍ଥାୟୀ ନିଯୁକ୍ତି ସହ ଶିଳ୍ପ ପାଇଁ ଘୋଷଣା ହୋଇଛି ସତ, କିନ୍ତୁ ଓଡ଼ିଶାରେ ପଢୁଥିବା ପିଲାମାନେ କିପରି ରାଜ୍ୟ ବାହାରକୁ ନ ଯାଇ ଏଠାରେ ସ୍ଥାୟୀ ସରକାରୀ ଓ ବେସରକାରୀ ନିଯୁକ୍ତି ପାଇବେ, ସେଥିପାଇଁ ଏକ ସ୍ପଷ୍ଟ 'ନିଯୁକ୍ତି କ୍ୟାଲେଣ୍ଡର' ଥିଲେ ସବୁ ଛାତ୍ରଛାତ୍ରୀ ଉପକୃତ ହୋଇଥାନ୍ତେ।

-ବି ଆର ରୋପାମୁଦ୍ରା, ସିଏମ୍‌ଏ ଛାତ୍ରୀ

### ଚାଷୀଙ୍କ ପାଇଁ ଏକ ଅଭିନବ ଉଦ୍ୟମ



କୃଷି ଓ କୃଷକ ସଶକ୍ତୀକରଣ ପାଇଁ ୧୪, ୭୦୦ କୋଟିର ବଜେଟ ନିଶ୍ଚୟ ଭାବେ ଚାଷୀଙ୍କ ପାଇଁ ଏକ ଅଭିନବ ଉଦ୍ୟମ। ଶ୍ରୀ ଅନ୍ନ ଅଭିଯାନ ପାଇଁ ୪୦୦ କୋଟି ଟଙ୍କା ଆଗତ କରିବା ସହ ପ୍ରଥମ ଥର ଜୈବିକ ଚାଷ ପାଇଁ ଅନେକ ଯୋଜନା: ସ୍ୱଦେଶୀ ବିହନର ସଂରକ୍ଷଣ, ଜଳବାୟୁ ଅନୁକୂଳ କୃଷି ପ୍ରୋତ୍ସାହନ, ବଳଭଦ୍ର ଜୈବିକ ଚାଷ ପାଇଁ ୨୮ କୋଟି ବ୍ୟୟବରାଦ ତା ସହ ଧାନ ଫସଲ ଉପରେ ଅତ୍ୟଧିକ ନିର୍ଭର ନ କରି ଡାଲି ଜାତୀୟ ଫସଲ ଓ ଫସଲ ବିବିଧିକରଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛନ୍ତି। ତେବେ ଗ୍ରାମୀଣସ୍ତରରେ ଏସବୁ ଉପରେ ଅଧିକ ସଚେତନତା ଓ ପୋତ୍ସାହନ ଦେଲେ କୃଷିର ବିକାଶ ହୋଇପାରିବ।

- ଡି ସ୍ୱାତୀ, ନିର୍ଦ୍ଦେଶିକା, ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ

### କାଗଜରେ ସୀମିତ ରହିବନି ତ ?



ଚଳିତ ବଜେଟ୍‌ରେ ଢାଞ୍ଚାଗତ ବିକାଶ, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳୁଛି। ରାସ୍ତା, ପାଣିଯୋଗାଣ, କୃଷକ ସହାୟତା ଓ ଯୁବ ରୋଜଗାର ନେଇ ବଡ଼ ଆବଣ୍ଟନ ଘୋଷଣା ହୋଇଛି। କିନ୍ତୁ ପ୍ରଶ୍ନ ହେଉଛି ଏ ହି ଘୋଷଣା କେବଳ କାଗଜରେ ସୀମିତ ରହିବ କି ଭୂମିସ୍ତରରେ ପ୍ରଭାବ ପକାଇବ? ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ମୌଳିକ ସୁବିଧା ଅଭାବ ଦେଖାଯାଉଛି, କୃଷକମାନେ ସମୟମତେ ସହାୟତା ପାଉନାହାନ୍ତି, ଯୁବମାନେ ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ପ୍ରସ୍ଥାନ କରୁଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତି କରିବାର ଲକ୍ଷ୍ୟ ଆକାଂକ୍ଷାମୟ, କିନ୍ତୁ ଏଥିପାଇଁ ସ୍ପଷ୍ଟ କାର୍ଯ୍ୟପନ୍ଥା ଆବଶ୍ୟକ। କେବଳ ଢାଞ୍ଚା ନୁହେଁ, ଶିଳ୍ପ ବିକାଶ ଓ ସ୍ଥାୟୀ ରୋଜଗାର ସୃଷ୍ଟି ହିଁ ଆସଲ ପରିବର୍ତ୍ତନ ଆଣିପାରିବ। ବଜେଟର ସଫଳତା ଘୋଷଣାରେ ନୁହେଁ, କାର୍ଯ୍ୟାନୁଷ୍ଠାନରେ ଦେଖାଯିବ। ଲୋକମାନଙ୍କ ଆଶାଏଥର କଥା ନୁହେଁ, କାମ ଦେଖାଯାଉ।

-ସୂରଜ କୁମାର ବେହେରା, ଗଣମାଧ୍ୟମ ଓ ଗଣଯୋଗାଯୋଗ ବିଭାଗ ଛାତ୍ର

### ଉଠା ଦୋକାନୀଙ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ



ଏହି ବଜେଟ୍‌ରେ ସରକାର ଛୋଟ ଛୋଟ ବ୍ୟବସାୟୀ ଓ ଉଠା ଦୋକାନୀଙ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ ରହିଥିଲା। ଏହି ଛୋଟ ଛୋଟ ବ୍ୟବସାୟୀମାନେ ଅଗକୁ ଗଲେ ରାଜ୍ୟ ମଧ୍ୟ ଆଗକୁ ବଢ଼ିବ। ହେଲେ ସରକାର ବ୍ୟବସାୟୀଙ୍କୁ ସ୍ୱଳ୍ପ ଆକାରରେ ଆର୍ଥିକ ସହାୟତା ଯୋଗାଇ ଦେବା ବଜେଟ୍‌ରେ କୌଣସି ଘୋଷଣା ହୋଇନାହିଁ। ତଥାପି ବିକ୍ରି ବଟା ପାଇଁ ଅଧିକ ବଜାର ସୃଷ୍ଟି କରିବା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ।

-ଶୁଭ୍ରନିବାଶ ବାରିକ, ବ୍ୟବସାୟୀ

### ବଜେଟ୍ ବହୁତ ମର୍ମାହତ କରିଛି



ଆଗତ ହୋଇଥିବା ରାଜ୍ୟ ବଜେଟ୍ ବହୁତ ମର୍ମାହତ କରିଛି। ବଜେଟର ଆକାର ବଢ଼ିଛି ସତ୍ କିନ୍ତୁ ବଜେଟରେ ସମସ୍ତଙ୍କୁ ସମାନ ଅଧିକାର ମିଳିନି। ରାଜ୍ୟ ବଜେଟ୍‌ରେ କେବଳ ଚାଷକୁ ବେଶୀ ଗୁରୁତ୍ୱ ଦେଇଛନ୍ତି ସରକାର। କିନ୍ତୁ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନକୁ ସେହି ଅନୁସାରେ ଗୁରୁତ୍ୱ ଦେଇ ନାହାନ୍ତି। ଲୋକଙ୍କ ସରକାରଙ୍କ ବଜେଟ୍‌ରେ ଯୁବକମାନଙ୍କ ପାଇଁ କୌଣସି ସୁବିଧା ନାହିଁ କି କୌଣସି ସ୍ୱତନ୍ତ୍ର ଅନୁଦାନ ନାହିଁ। ଯାହା ଯୁବପିଢ଼ିଙ୍କୁ ନିରାଶ କରିବା ସହ ଆଗାମୀ ଦିନରେ ବେକାରୀ ସଂଖ୍ୟା ବୃଦ୍ଧି କରିବ।

-ଦେବରାଜ ଦାସ, ଯୁବ ସଂଗଠକ

ସକାଳ
THE SAKALA

# ସମ୍ପାଦକୀୟ



ଜଣେ ଶିଶୁ, ଜଣେ ଶିକ୍ଷକ, ଗୋଟିଏ ବହି ଓ ଗୋଟିଏ କଲମ ବିଶ୍ୱକୁ ବଦଳାଇ ଦେଇପାରେ।

-ମଲାଲା ୟୁସଫଜାଇ

## ଉପରମୁହାଁ ମହଙ୍ଗା

ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ମୁଦ୍ରାସ୍ଫୀତିର ଗତିକୁ ଅନୁଧ୍ୟାନ କରି ଗତ ବୈଠକରେ ରିପୋ ରେଟ ଅପରିବର୍ତ୍ତିତ ରଖିଥିଲେ। କ୍ରମାଗତ ସୁଧହାର ହ୍ରାସର କୋହଳ ନୀତିରୁ ମନେ ହେଉଥିଲା ଦେଶର ବଜାର ବ୍ୟବସ୍ଥା ସୁଧୁରୁଛି ଏବଂ ଖାଉଟିଙ୍କ କ୍ରୟଶକ୍ତି ବଢୁଛି। ତେବେ ଗତ ଡିସେମ୍ବର ଓ ଜାନୁଆରୀ ମାସରେ ମୁଦ୍ରାସ୍ଫୀତି ହାର ଯେପରି ଉପରମୁହାଁ ହେବାରେ ଲାଗିଛି ସେଥିରୁ ମନେ ହେଉଛି ଖାଉଟିଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ। ଅବଶ୍ୟ କେନ୍ଦ୍ର ପରିସଂଖ୍ୟାନ ବିଭାଗ ଦୀର୍ଘଦିନ ଧରି ଅପରିବର୍ତ୍ତିତ ରହିଥିବା ମୁଦ୍ରାସ୍ଫୀତିର ମୂଳ ବର୍ଷ ୨୦୨୪ ରୁ ଆରମ୍ଭ କରିଥିବାରୁ ପ୍ରଦର୍ଶିତ ଚିତ୍ର ନେଇ ସାଧାରଣ ଲୋକଟିଏ ଆକଳନ କରିବା କଷ୍ଟକର ହୋଇପଡ଼ିବ। ଦେଶର ପରିବର୍ତ୍ତିତ ଅର୍ଥନୀତି ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଦ୍ରାସ୍ଫୀତି ସୂଚକାଙ୍କ ନିର୍ଦ୍ଧାରଣ ଧାରାରେ କିଛି ପରିବର୍ତ୍ତନ କରାଯାଇଛି। ଏହି ନୂଆଧାରାରେ ଖାଦ୍ୟ ସାମଗ୍ରୀର ଗୁରୁତ୍ୱ ହ୍ରାସ ପାଇଛି। ଖାଦ୍ୟ ସାମଗ୍ରୀର ବର୍ଦ୍ଧିତ ମୂଲ୍ୟ ସୂଚକାଙ୍କକୁ ପ୍ରଭାବିତ କରୁଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଏହା କରାଯାଇଥିବା ମନେ ହୁଏ।

ଯେକୌଣସି ବ୍ୟକ୍ତିର ଜୀବନଧାରଣ ମାନ ଆକଳନ କଲା ବେଳେ ତାହାର ଖାଦ୍ୟ ସାମଗ୍ରୀକୁ ହିଁ ପ୍ରାଥମିକତା ପ୍ରଦାନ କରାଯାଇଥାଏ। ଆଗ ଖାଇପିଇ ବଞ୍ଚିଲେ ତେଣିକି ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଦେଶର ୮୦ କୋଟି ଲୋକ ସରକାର ଦେଉଥିବା ମାଗଣା ରାସନ୍ ଉପରେ ନିର୍ଭର କରି ଜୀବନ ଅତିବାହିତ କରୁଥିବା ବେଳେ ଖାଦ୍ୟ ସାମଗ୍ରୀକୁ କୌଣସି ପରିସ୍ଥିତିରେ ଗୌଣ ଦୃଷ୍ଟିରେ ବିଚାର କରାଯାଇପାରିବ ନାହିଁ। ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଗତ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ହାର ୦.୮୩ ପ୍ରତିଶତ ଥିବା ବେଳେ ତାହା ଜାନୁଆରୀରେ ୧.୮୧ ପ୍ରତିଶତକୁ ବୃଦ୍ଧି ପାଇଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ଏହି ମୁଦ୍ରାସ୍ଫୀତି ୧୦ ମାସର ରେକର୍ଡକୁ ଅତିକ୍ରମ କରିଛି। ଅଥଚ ଖୁଚୁରା ମୁଦ୍ରାସ୍ଫୀତି ହାର ୨.୭୫ ପ୍ରତିଶତରେ ପହଞ୍ଚିଛି। ସରକାର ଏହାର କାରଣ ଯାହା ଦର୍ଶାନ୍ତୁ ନା କାହିଁକି ଶୀତଦିନିଆ ପନିପରିବା ଓ ଫସଲ ଅମଳ ଋତୁ ଅତିକ୍ରମ କରୁଥିବାରୁ ମୂଲ୍ୟବୃଦ୍ଧିର ପ୍ରଭାବ ଅନୁଭୂତ ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ସାମଗ୍ରୀର ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ବର୍ଦ୍ଧିତ ମୂଲ୍ୟରେ ସେସବୁ ଉତ୍ପାଦ ବଜାରକୁ ଛାଡୁଛନ୍ତି ବିଭିନ୍ନ ସଂସ୍ଥା। ସରକାରୀ ବ୍ୟବସ୍ଥାରେ ମୂଲ୍ୟବୃଦ୍ଧି ଜନିତ ସମସ୍ୟା ଉପରେ କୌଣସି କଟକଣା ନାହିଁ। ଉତ୍ପାଦନ ଖର୍ଚ୍ଚ ବଢୁଥିବା ବେଳେ ଏହି ବ୍ୟୟ ଭାର ଉଭୟ କ୍ରେତା ଓ ବିକ୍ରେତା ବହନ କରୁଥିଲେ ମୂଲ୍ୟ ବୃଦ୍ଧି ଏକ ସହଣୀୟ ସ୍ତରରେ ରହିପାରନ୍ତା। ସରକାର ଜିଏସଟି ହାରରେ ସଂସ୍କାର ଆଣି ସାମୟିକ ମୂଲ୍ୟହ୍ରାସର ପ୍ରଚାର ଓ ପ୍ରସାର ମାଧ୍ୟମରେ ଯେଉଁ ଲୋକପ୍ରିୟତା ହାସଲ କରିଥିଲେ ମାସ ତିନିଟାରେ ତାହା ଫସର ଫାଟି ଗଲାଣି। ସେଥିପ୍ରତି କାହାର ନିଘାନାହିଁ। ଏହାର ଯଥାର୍ଥତା ସଂପର୍କରେ ଉଲ୍ଲେଖ କଲା ବେଳେ ପରିସଂଖ୍ୟାନର ଆବଶ୍ୟକତା ଦର୍ଶାଯିବା ଜରୁରୀ। ଗତ ଡିସେମ୍ବରରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ହାର ଶୂନ୍ୟ ରହିଥିବା ବେଳେ ଜାନୁଆରୀରେ ତାହା ୧.୪୧ ପ୍ରତିଶତ ହୋଇଛି।

ପ୍ରତି ପରିବାରରେ ମାସିକିଆ ବଜେଟ ପ୍ରସ୍ତୁତ ହୋଇଥାଏ। ସେହି ବଜେଟରେ ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରାଧାନ୍ୟ ପାଇବା ସ୍ୱାଭାବିକ। ଏ ବାବଦରେ ବଜେଟରେ ବରାଦ ଅର୍ଥଠାରୁ ଅଧିକ ବ୍ୟୟ କରିବାକୁ ପଡୁଥିବାରୁ ଖାଉଟି ବାଧ୍ୟ ହେଉଛି କ୍ରୟ ସଂକୋଚନ କରିବାକୁ। ଠିକେ ଠିକେ ହିସାବ କଲେ ଡାଲିର କିଲୋ ପିଛା ମୂଲ୍ୟ ୩୦ ଟଙ୍କା ଓ ଖାଇବା ତେଲ ଲିଟରପିଛା ମୂଲ୍ୟ ୨୦ ଟଙ୍କା ବୃଦ୍ଧି ପାଇଛି। ଖାଉଟିଙ୍କ ସଚେତନତା ଅଭାବରୁ ଖାଇବା ତେଲ ପ୍ୟାକେଟର ଓଜନ ୮୫୦/ ୯୦୦ ଗ୍ରାମକୁ ହ୍ରାସ କରି ବର୍ଦ୍ଧିତ ମୂଲ୍ୟର ପ୍ରତିଯୋଗିତା କରୁଛନ୍ତି କମ୍ପାନୀ। ଏ ପ୍ରକାର ଠକେଇର କିଛି ଉତ୍ତର ନାହିଁ। ଏମିତି ଦେଖିବାକୁ ଗଲେ ଗହମ ଓ ଡାଲିଜାତ ସାମଗ୍ରୀର ମୂଲ୍ୟ ଏହି ଦୁଇମାସ ମଧ୍ୟରେ ଆକାଶଛୁଆଁ ହେଲାଣି। ବିସ୍କୁଟ, କେକ, ଚକଲେଟ ଓ ନୁଡୁଲ୍ସ ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଛି। ନହେଲେ ପ୍ୟାକେଟର ଆକାର ଛୋଟ କରି ସେହି ପୁରୁଣା ଦାମରେ ଗ୍ରାହକଙ୍କୁ ଠକୁଛନ୍ତି କମ୍ପାନୀ। ସତେଯେପରି ମନେ ହେଉଛି ମୂଲ୍ୟବୃଦ୍ଧି ବ୍ୟବସ୍ଥାର ଅପରିହାର୍ଯ୍ୟ ଅଙ୍ଗ ହୋଇପଡ଼ିଛି। ସରକାର କମ୍ପାନୀ ମାଲିକଙ୍କ ସହ ଯୋଗାଯୋଗରେ ଥିବା ବେଳେ ଭୋଟଦାତା-ଖାଉଟିଙ୍କୁ ଭୁଲିଯାଇଛନ୍ତି।

ବିଚିତ୍ର ଆମ ବ୍ୟବସ୍ଥା। ମୁନାଫାଖୋର ବେପାରୀଙ୍କ ସହ ସଂପର୍କ ଚାନ୍ଦା ପାଇଁ। ପୁଣି ସମୟ ଆସିଲେ ମତଦାତାଙ୍କୁ ବିଭିନ୍ନ ଉପାୟରେ ସାମୟିକ ଅନୁଗୃହୀତ କରି ଭୋଟ ଲୁଟି ଚାଲିଛି କ୍ଷମତା। ମିଛ ପ୍ରଚାର ଓ ମିଛ ପ୍ରତିଶ୍ରୁତିରେ ଦେଶ ଚାଲିଛି। ମିଛ ପ୍ରତି ସହନଶୀଳତା ଏଥି ମଧ୍ୟରେ ଆମ ମଧ୍ୟରେ ବୃଦ୍ଧି ପାଇଛି। ମିଛ-ସତର ଭେଦ ଯେ ଆମେ ବୁଝିପାରୁନେ ଏକଥା ନୁହେଁ। ଯେଉଁଠି ପ୍ରତିବାଦର ସ୍ୱରକୁ ବିଭିନ୍ନ ଉପାୟରେ ଚପାଇ ଦିଆଯାଏ ସେଠାରେ ସରକାରୀ ମିଛକୁ ବୁଝିସାରିଥିବା ଲୋକଙ୍କ ଆବଶ୍ୟକତା ଓ ଚାହିଦା ହ୍ରାସ ପାଇବା ସ୍ୱାଭାବିକ। ସମାଜର ଜାଣିବା ଶୁଣିବା ସଚେତନ ଲୋକଟି ସରକାରୀ ମିଛକୁ ହଜମ କରିବା ସକାଶେ ଦାନ୍ତ ଦେଖାଇଦେଇ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେବାକୁ ବାଧ୍ୟ ହେଉଛି। ଯେତେବେଳେ ବ୍ୟବସ୍ଥାଗତ ପରିବର୍ତ୍ତନର ସମ୍ଭାବନା ସୁଦୂର ପରାହତ, ସେତେବେଳେ ମୁହଁ ଖୋଲି କାହାର ଦନ୍ତାଘାତରେ କ୍ଷତାକ୍ତ ହେବାର କୌଣସି ଯଥାର୍ଥତା ନାହିଁ। 'ହରିବୋଲ' ଧ୍ୱନି ଦେଇ ବ୍ୟବସ୍ଥାକୁ ଆଗେଇ ନେଉଥିବା ବୃହତ ବର୍ଗଙ୍କ ସହ ସାମିଲ ହୋଇ ନ ପାରିଲେ ପଛ ଧାଡ଼ିରେ ତଳକୁ ମୁହଁପୋତି ନିରବରେ ସହ୍ୟ କରିବାର ଶକ୍ତି ନିଜ ମଧ୍ୟରେ ସଞ୍ଚୟ କରିବା ନେବା ଉଚିତ। ଏହି ଅବ୍ୟବସ୍ଥିତ ଗଣତନ୍ତ୍ରର କେବେ ଭାଗ୍ୟୋଦୟ ଘଟିବ ତାହା କାହାକୁ ଜଣାନାହିଁ।

ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟ ବ୍ୟବସ୍ଥାରେ ଦେଶର ସାଧାରଣ ବର୍ଗ ହଜିଯାଇଛନ୍ତି। ବାଣିଜ୍ୟ ନିଅଣ୍ଟ ଓ ଋଣ ଭାରରେ ଭାରାକ୍ରାନ୍ତ ସରକାର। ବ୍ୟବସ୍ଥାକୁ କୌଣସି ପ୍ରକାରରେ ଆଗେଇ ନେବା ପାଇଁ ମିଛିମିଛକା ବଜେଟ ବରାଦ, ଯେଉଁଠି ଖର୍ଚ୍ଚ କରିବାର ପ୍ରତିଶ୍ରୁତିବଦ୍ଧତା ନଥିବ। ପୁଣି ଘୂରି ଫେରି ତାହା ସବୁ ଆସିଯିବ ରାଜକୋଷକୁ। ପରିସ୍ଥିତି ଉପରେ ନଜର ରଖିଥିବା ସଚେତନ ନାଗରିକମାନେ ସ୍ଥିର ନିଶ୍ଚିତ ଯେ ଚଳିତ ଆର୍ଥିକ ଋତୁ ନିଶ୍ଚୟ ମହଙ୍ଗା ସାବ୍ୟସ୍ତ ହେବ। ସରାକାରୀ ବ୍ୟବସ୍ଥା ଏହାକୁ ସୁଧାରିବା ଅବସ୍ଥାରେ ନାହିଁ। କିଛି ଲୋକଙ୍କ ଭୋଗ ପାଇଁ ଆମକୁ ଏବେଠାରୁ ତ୍ୟାଗ କରିବା ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ।

## ସୁସ୍ଥ ଜୀବନ ଓ ଜୀବାଧିକାର

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଡିସେମ୍ବର ୨୦୨୫ ରେ ଦକ୍ଷିଣ ଆମେରିକୀୟ ଦେଶ ପେରୁର ସାଟିପୋ ଓ ନାଉଟା ନାମକ ଦୁଇଟି ପୌରପାଳିକା ଏକ ଅଧ୍ୟାଦେଶ ଜାରି କରିବା ପରେ ଆମାଜନର ଶୁଙ୍କବିହୀନ ବା ଦଂଶନହୀନ ମହୁମାଛିକୁ ଆଇନଗତ ଅଧିକାର ଦିଆଯାଇଛି ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ। କୌଣସି କୀଟକୁ ଆଇନଗତ ଅଧିକାର ମିଳିବା ବିଶ୍ୱରେ ଏହା ପ୍ରଥମ। ସମ୍ପ୍ରତି କୀଟପତଙ୍ଗଗୁଡ଼ିକ ମାନବୀୟ ହସ୍ତକ୍ଷେପ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନିଆଁ ଓ ଜଙ୍ଗଲ କ୍ଷୟ ଭଳି ଅନେକ ବିପଦର ସମ୍ମୁଖୀନ ହେଉଥିବାରୁ ଉପରୋକ୍ତ ଆଇନଗତ ଅଧିକାର ଦ୍ୱାରା ଶୁଙ୍କବିହୀନ ମହୁମାଛିଙ୍କ ସୁରକ୍ଷା ଓ ସଂରକ୍ଷଣ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

ଡାଇନୋସୋର୍ ସମୟରୁ ପ୍ରାୟ ୮ କୋଟି ବର୍ଷ ଧରି ଏହି ମହୁମାଛି ବିଶ୍ୱର ଉଷ୍ଣମଣ୍ଡଳୀୟ ଜଙ୍ଗଲର ସନ୍ତୁଳନ ବଜାୟ ରଖିଛନ୍ତି। ଉଦାହରଣ ସ୍ୱରୂପ, ଆମାଜନରେ ସେମାନେ କୋକୋ, କଫି ଓ ଆଭୋକାଡୋ ପରି ଫସଲ ସମେତ ୮୦% ରୁ ଅଧିକ ଉଦ୍ଭିଦର ପରାଗସଙ୍ଗମ ପ୍ରକ୍ରିୟାରେ ସହଯୋଗ କରିଆସୁଛନ୍ତି। ଆଦିବାସୀମାନଙ୍କ ସଂସ୍କୃତି ଓ ଆଧ୍ୟାତ୍ମିକ ବିଶ୍ୱାସ ସହିତ ଶୁଙ୍କବିହୀନ ମହୁମାଛିଙ୍କ ନ୍ୟାୟିକ ଅଧିକାର ଅବିଚ୍ଛେଦ୍ୟ ଭାବରେ ଜଡ଼ିତ। ଏହି ଅଧିକାରଗୁଡ଼ିକ ମଧ୍ୟରେ ସେମାନଙ୍କର ଅସ୍ତିତ୍ୱର ଅଧିକାର, ସୁସ୍ଥ ଜନସଂଖ୍ୟା ବଜାୟ ରଖିବା, ସେମାନଙ୍କର ବାସସ୍ଥାନ ପୁନରୁଦ୍ଧାର କରିବା ଏବଂ ପ୍ରଦୂଷଣମୁକ୍ତ ପରିବେଶରେ ସୁସ୍ଥ ଭାବରେ ବଞ୍ଚିବା ଇତ୍ୟାଦି ଅନ୍ତର୍ଭୁକ୍ତ।

ଆଉ ଏକ ଘଟଣାକ୍ରମେ ଡିସେମ୍ବର ୧, ୨୦୦୫ରେ ତେଲଙ୍ଗାନାର ଯେଙ୍କାଥାଲା ଗାଁର ଏକ ପଥର ଖଣିରେ ଏକ ରକ୍ ଇଗଲ୍ ଆଉଲ(ପେଚା) ପରିବାର ବସା ବାନ୍ଧିଥିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେମାନଙ୍କ ଅଣ୍ଡା ଉଷୁମାଇବା ପ୍ରକ୍ରିୟା ଚାଲିଥିବା ବେଳେ ଖନନ କାର୍ଯ୍ୟ ସାମୟିକ ବନ୍ଦ ରଖାଗଲା। ରାଜ୍ୟ ବନ୍ୟ ଅଧିକାରୀମାନେ ନିର୍ଦ୍ଦେଶ ଦେଲେ ଯେ ପେଚା ଛୁଆ ଜନ୍ମ ହୋଇ ବସା ଛାଡ଼ି ଯିବା ପର୍ଯ୍ୟନ୍ତ ଖଣି ଖନନ କାର୍ଯ୍ୟ ବନ୍ଦ ରହିବ। ଡିସେମ୍ବର ୨୦୨୫ରେ ଘଟିଥିବା ଏହି ଘଟଣା ବନ୍ୟଜୀବଙ୍କ ପ୍ରତି ସହାନୁଭୂତିର ଏକ ବିରଳ ଉଦାହରଣ ଥିଲା।

ସୁସ୍ଥ ଜୀବନର ଅଧିକାର ହେଉଛି ସମସ୍ତ ମାନବ ଅଧିକାର ମଧ୍ୟରୁ ସବୁଠାରୁ ମୌଳିକ। ଏହି ନୀତି ସାରା ବିଶ୍ୱରେ ଆଇନଗତ ବ୍ୟବସ୍ଥା, ସାମ୍ବିଧାନିକ ଢାଞ୍ଚା ଓ ଅନ୍ତର୍ଜାତୀୟ ମାନବ ଅଧିକାର ପରିସରରେ ଗଭୀର ଭାବରେ ନିହିତ ରହିଛି। ସମାନ ଭାବରେ ପ୍ରତ୍ୟେକ ଜୀବଙ୍କର, ଯଥା - ପଶୁ, କୀଟପତଙ୍ଗ, ପକ୍ଷୀ, ଉଦ୍ଭିଦ, ଏପରିକି ଏକ ସୂକ୍ଷ୍ମଜୀବର ମଧ୍ୟ ମଣିଷଙ୍କ ଭଳି ମର୍ଯ୍ୟାଦା ସହିତ ବଞ୍ଚିବାର ଅଧିକାର ଅଛି। ଜୀବନର ଅଧିକାରକୁ ଅନ୍ତର୍ଜାତୀୟ ଚୁକ୍ତି ଓ ଘୋଷଣାପତ୍ରରେ ଏକ ସାର୍ବଜନୀନ ମାନବ ଅଧିକାର ଭାବରେ ସ୍ୱୀକୃତି ଦିଆଯାଇଛି। ମାନବାଧିକାରର ସାର୍ବଜନୀନ ଘୋଷଣାନାମା-୧୯୪୮ ର ଧାରା ୩ ରେ କୁହାଯାଇଛି ଯେ - 'ପ୍ରତ୍ୟେକଙ୍କର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି।' ନାଗରିକ ଓ ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିନାମା(ଆଇସିସିପିଆର)-୧୯୬୬ର ଧାରା ୬ ଘୋଷଣା କରେ ଯେ ଜୀବନର ଅଧିକାର ଅନ୍ତର୍ନିହିତ ଏବଂ ଆଇନ ଦ୍ୱାରା ସୁରକ୍ଷିତ ରହିବା ଆବଶ୍ୟକ।

'ୱାଶିଂଟନ ସମ୍ମିଳନୀ' ଭାବରେ ଜଣାଶୁଣା 'ବିପଦପୂର୍ଣ୍ଣଜାତୀୟବନ୍ୟପ୍ରାଣୀଓଉଦ୍ଭିଦରଅନ୍ତର୍ଜାତୀୟ ବାଣିଜ୍ୟ ସମ୍ବନ୍ଧୀୟ ସମ୍ମିଳନୀ(ସିଆଇଟିଇଏସ୍)' ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟର ବିପଦରୁ ବିଲୁପ୍ତପ୍ରାୟ ଉଦ୍ଭିଦ ଓ ପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ଏକ ବହୁପାକ୍ଷୀୟ ଚୁକ୍ତି। ଏହା ୧୯୬୩ରେ 'ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ(ଆଇୟୁସିଏନ)'ର ସଦସ୍ୟମାନଙ୍କ ବୈଠକରେ ଗୃହୀତ ଏକ ପ୍ରସ୍ତାବକ୍ରମେ ପ୍ରସ୍ତୁତ କରାଯାଇଥିଲା। ଏହି ସମ୍ମିଳନୀ ୧୯୭୩ରେ ସ୍ୱାକ୍ଷର ପାଇଁ ଖୋଲାଯାଇଥିଲା ଏବଂ ସିଆଇଟିଇଏସ୍ ୧ ଜୁଲାଇ ୧୯୭୫ ରେ କାର୍ଯ୍ୟକାରୀ ହୋଇଥିଲା। ଏହାର ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟ (ଆମଦାନୀ/ ରପ୍ତାନି) ଯେଉଁଭଳି ସିଆଇଟିଇଏସ୍ ଅଧୀନରେ ଅନ୍ତର୍ଭୁକ୍ତ ପ୍ରାଣୀ ଓ ଉଦ୍ଭିଦଗୁଡ଼ିକର ବଞ୍ଚିବା ପାଇଁ ବିପଦ ସୃଷ୍ଟି ନ କରେ ତାହା ନିଶ୍ଚିତ କରିବା। ଏହା ଅନୁମତି ଓ ପ୍ରମାଣପତ୍ର ବ୍ୟବସ୍ଥା ମାଧ୍ୟମରେ ହାସଲ କରାଯାଏ। ସିଆଇଟିଇଏସ୍ ୪୦, ୯୦୦ରୁ ଅଧିକ ଜାତୀୟ ଜୀବକୁ ବିଭିନ୍ନ ପରିମାଣର ସୁରକ୍ଷା ପ୍ରଦାନ କରେ।

'କନଭେନସନ ଅନ ବାଇଓଲଜିକାଲ ଡାଇଭରସିଟି(ସିବିଡି) ବା ଜୈବ ବିବିଧତା ସମ୍ବନ୍ଧୀୟ ସମ୍ମିଳନୀ, ଏକ ବହୁପାକ୍ଷିକ ଚୁକ୍ତି, ଯାହା ୧୯୯୨ ମସିହାର ବ୍ରାଜିଲ ର ରିଓ ଡି ଜାନେରିଓଠାରେ ଅନୁଷ୍ଠିତ 'ଧରିତ୍ରୀ ସମ୍ମିଳନୀ'ରେ ଅନୁମୋଦିତ ହୋଇଥିଲା। ଏହି ସମ୍ମିଳନୀର ତିନୋଟି ମୁଖ୍ୟ ଲକ୍ଷ୍ୟ ହେଉଛି: ଜୈବ ବିବିଧତା ସଂରକ୍ଷଣ; ଏହାର ଉପାଦାନଗୁଡ଼ିକର ଯୁକ୍ତିଯୁକ୍ତ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦରୁ ଉପଲବ୍ଧ ହେଉଥିବା ଲାଭର ନ୍ୟାୟସଙ୍ଗତ ଓ ସମାନ ବଣ୍ଟନ। ଏହାର ଉଦ୍ଦେଶ୍ୟ ହେଉଛି ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଜାତୀୟ ରଣନୀତି ବିକଶିତ କରିବା ସହିତ ଏହାକୁ ପ୍ରାୟତଃ ସ୍ଥାୟୀ ବିକାଶ ସମ୍ବନ୍ଧୀୟ ପ୍ରମୁଖ ଦସ୍ତାବିଜ ଭାବରେ ପରିଗଣିତ କରିବା।

୧୯୭୦ ଦଶକର ମଧ୍ୟଭାଗ ସୁଦ୍ଧା ଭାରତବର୍ଷ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଓ ପ୍ରାକୃତିକ ବାସସ୍ଥାନ କ୍ଷତି ଯୋଗୁଁ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ଭଳି ଅନେକ ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଥିବା ଅନୁଭବ କରିବାକୁ ଲାଗିଲା। ସରକାର ଚିନ୍ତା କଲେ ଯେ ଏହାକୁ ମୁକାବିଲା କରିବା ପାଇଁ କିଛି ଜରୁରୀ ପଦକ୍ଷେପ ନେବା ଆବଶ୍ୟକ। ସେହି ସମୟରେ ପରିବେଶ ସୁରକ୍ଷାକୁ ନିର୍ଦ୍ଦିଷ୍ଟ ଭାବରେ ସମ୍ବୋଧିତ କରୁଥିବା କୌଣସି ସାମ୍ବିଧାନିକ ବ୍ୟବସ୍ଥା ନଥିଲା। ୧୯୭୨ ମସିହାରେ 'ମାନବୀୟ ପରିବେଶ' ବିଷୟବସ୍ତୁ ଉପରେ ସ୍ୱିଡେନର ରାଜଧାନୀ ଷ୍ଟକହୋମଠାରେ ଏକ ବଡ଼ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାରା ବିଶ୍ୱର ଦେଶମାନେ ପରିବେଶଗତ ସମସ୍ୟା ଓ ସେଗୁଡ଼ିକର ସମାଧାନ ବିଷୟରେ ଆଲୋଚନା କରିବା ପାଇଁ ଏକାଠି ହୋଇଥିଲେ। ଭାରତ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲା ଏବଂ ଅନୁଭବ କରିଥିଲା ଯେ ଆମକୁ ମଧ୍ୟ ପରିବେଶ ସୁରକ୍ଷାକୁ ଗମ୍ଭୀରତାର ସହିତ ନେବାକୁ ପଡ଼ିବ।

ଷ୍ଟକହୋମ ସମ୍ମିଳନୀ ପରେ ଭାରତ ମାନବ ଓ ବନ୍ୟଜୀବଙ୍କ ଅଧିକାରକୁ ସୁରକ୍ଷା ଦେବା ଏବଂ ପରିବେଶ ସଂରକ୍ଷଣ ପାଇଁ ଆଇନ ପ୍ରଣୟନ ଭଳି ଅନେକ ପଦକ୍ଷେପ ନେଇଥିଲା। ବନ୍ୟ ଜୀବ (ସୁରକ୍ଷା) ଆଇନ-୧୯୭୨ ହେଉଛି ଉଦ୍ଭିଦ ଓ ପ୍ରାଣୀ ସୁରକ୍ଷା ପାଇଁ ପ୍ରଣୀତ ଭାରତୀୟ ସଂସଦର ଏକ ଆଇନ। ଏହି ଆଇନରେ ବନ୍ୟ ପ୍ରାଣୀ, ପକ୍ଷୀ, ଉଦ୍ଭିଦ ଇତ୍ୟାଦିର ସୁରକ୍ଷା ପାଇଁ ବ୍ୟବସ୍ଥା ରହିଛି। ଏହା ସହିତ ଜଡ଼ିତ କିମ୍ବା ଆନୁଷଙ୍ଗିକ ବିଷୟଗୁଡ଼ିକ ପାଇଁ ମଧ୍ୟ ଧ୍ୟାନ ଦିଆଯାଇଛି। ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ଧାରା ୪୮-ଏ (୪୮ଇ) କୁ ଧାରା ୪୮ ସହିତ ସଂଯୁକ୍ତ କରାଯାଇଥିଲା। ଧାରା ୪୮-ଏ ହେଉଛି ପରିବେଶ ସୁରକ୍ଷା ସହିତ ଜଡ଼ିତ ରାଷ୍ଟ୍ରନୀତିର ଏକ ନିର୍ଦ୍ଦେଶାତ୍ମକ ନୀତି। ଏହି ଧାରାରେ କୁହାଯାଇଛି ଯେ 'ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଦେଶର ଜଙ୍ଗଲ ଓ ବନ୍ୟଜୀବଙ୍କୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରାଯିବ।' ଏହା ରାଜ୍ୟକୁ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଏ। ଭାରତୀୟ ସମ୍ବିଧାନର ଧାରା ୨୧ ରେ ପ୍ରଦୂଷଣମୁକ୍ତ ଜଳ ଓ ବାୟୁ ଉପଭୋଗ କରିବାର ଅଧିକାର ଅନ୍ତର୍ଭୁକ୍ତ। ଏହି ବ୍ୟାଖ୍ୟା ପରିବେଶ ସୁରକ୍ଷାକୁ ମାନବ ଅଧିକାର ସହିତ ଯୋଡ଼ିବା ପାଇଁ ପଥ ପ୍ରଶସ୍ତ କରେ। ଦ୍ରୁତ ଶିଳ୍ପାୟନ, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ କ୍ରମଶଃ ସୁସ୍ଥ ପରିବେଶର ଅଧିକାରକୁ ବିପଦରେ ପକାଇଥାଏ।

ଭାରତ ୧୯୮୦ ମସିହାରେ ଜଙ୍ଗଲ (ସଂରକ୍ଷଣ) ଆଇନ ପ୍ରଣୟନ କରିଥିଲା। ୪ ଅଗଷ୍ଟ ୨୦୨୪ ରେ ଭାରତର ଗେଜେଟରେ ପ୍ରକାଶିତ ବିଷୟ ଅନୁସାରେ ଏହାକୁ ସଂଶୋଧନ କରାଯାଇଥିଲା - 'ବନ (ସଂରକ୍ଷଣ) ସଂଶୋଧନ ଆଇନ, ୨୦୨୩'। ପ୍ୟାରିସ୍ ଜଳବାୟୁ ସମ୍ମିଳନୀ-୨୦୧୫ରେ ଭାରତର ପ୍ରତିଶ୍ରୁତିବଦ୍ଧତା ପୂରଣ କରିବା ପାଇଁ ଏହି ସଂଶୋଧନ ଏକ ପୂର୍ବ ଆବଶ୍ୟକତା ଥିଲା। ଭାରତର ଜାତୀୟତା ନିର୍ଦ୍ଦିଷ୍ଟ ଅବଦାନ ଲକ୍ଷ୍ୟ ଥିଲା ୨୦୩୦ ସୁଦ୍ଧା ଅତିରିକ୍ତ ୨.୫ ରୁ ୩.୦ ବିଲିୟନ ଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ କାର୍ବନ ସିଙ୍କ୍ ବା ଅଙ୍ଗାର କୁଣ୍ଡ ସୃଷ୍ଟି କରିବା। ପୁଣି ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନର ଜାତୀୟ ଲକ୍ଷ୍ୟ ହାସଲ କରିବା ଏବଂ ପରିବେଶଗତ ସନ୍ତୁଳିତ ସ୍ଥାୟୀ ବିକାଶ ମାଧ୍ୟମରେ ଜଙ୍ଗଲ କାର୍ବନ ଷ୍ଟକ୍ ବଜାୟ ରଖିବା କିମ୍ବା ବୃଦ୍ଧି କରିବା ପାଇଁ ଜଙ୍ଗଲର ଗୁରୁତ୍ୱକୁ ସାକାର କରିବାକୁ ପଡ଼ିବ। ଭାରତରେ ଜଙ୍ଗଲ ଏବଂ ସେଗୁଡ଼ିକର ଜୈବବିବିଧତା ସଂରକ୍ଷଣ କରିବାର ଏକ ସମୃଦ୍ଧ ପରମ୍ପରା ରହିଛି। ତେଣୁ ଜଙ୍ଗଲ ସଂରକ୍ଷଣ ପରିଚାଳନା ଓ ପୁନରୁଦ୍ଧାର, ପରିବେଶଗତ ସୁରକ୍ଷା ବଜାୟ ରଖିବା, ଜଙ୍ଗଲର ସାଂସ୍କୃତିକ ଓ ପାରମ୍ପରିକ ମୂଲ୍ୟବୋଧ ବଜାୟ ରଖିବା ଏବଂ ଆର୍ଥିକ ଆବଶ୍ୟକତା ଓ କାର୍ବନ ନିରପେକ୍ଷତାକୁ ସହଜ କରିବା ପାଇଁ ବ୍ୟବସ୍ଥା ଯୋଗାଇବା ଆବଶ୍ୟକ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

## ଓଡ଼ିଆ ଅସ୍ମିତାର ଅନୁସନ୍ଧାନ

ଡ. କିଶୋର ମହାନ୍ତି

ଓଡ଼ିଆ ଅସ୍ମିତା କଥା କେତେଦିନରୁ ଖୋଜା ଚାଲିଲାଣି। ଅଥଚ ଏ ସମ୍ପର୍କରେ କେହି ସ୍ଥିର ସିଦ୍ଧାନ୍ତରେ ଏ ଯାଏଁ ବୋଧହୁଏ ପହଞ୍ଚି ପାରିଲେ ନାହିଁ। ଏବେ ଯା' ପାଟିରୁ ବାହାରୁଛି ପ୍ରଥମେ ଓଡ଼ିଆ ଅସ୍ମିତା କଥା। ରାଜନେତାଙ୍କଠାରୁ ଆରମ୍ଭ କରି ଖଣି ଖାଦନରେ ଶ୍ରମିକ, ଦିନ ମଜୁରିଆ, ଚାଷୀ ଓ ଛାତ୍ର ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି ଆମରାଜ୍ୟରେ ଓଡ଼ିଆ ଅସ୍ମିତା। କିଏ ଦୂରରେ ଥାଇ ହେଉ ବା ପ୍ରବାସରେ ଥାଇ ହେଉ ହିନ୍ଦୀ ଅବା ସ୍ଥାନୀୟ ଭାଷାରେ ଭଲ ଭାବରେ କଥାବାର୍ତ୍ତା ହୋଇ ଅନ୍ୟ ଆଗରେ ଚାକୁଲେଇ କହୁଛି ଓଡ଼ିଆ ଅସ୍ମିତା କଥା। ଏବେ କୁଆଡ଼େ ଓଡ଼ିଆ ଅସ୍ମିତା ଆମର ହଜିଯିବାକୁ ବସିଛି। ତା'କୁ ଆଣି ଥାପନା କରିବା ତଥା ପୁନରାୟ ନବକଳେବର ଦେବା ପାଇଁ ଆମ ବୀର ଓଡ଼ିଆ ପୁଅମାନେ ଅଣ୍ଟା ଭିଡ଼ିଲେଣି। ନିଜେ ନିଜକୁ ପ୍ରଶ୍ନ କରୁଛନ୍ତି ଓଡ଼ିଆ ଅସ୍ମିତା କ'ଣ କିଛି ଅଛି?

ଫକୀର ମୋହନ ସେନାପତି, ଗୋପବନ୍ଧୁ, ମଧୁ ବାରିଷ୍ଟର ଏପରିକି ପୁରୁଖା ବିଜ୍ଞ ପଣ୍ଡିତ ସାହିତ୍ୟିକ ଆମ ଓଡ଼ିଶାର ଏଇ ଅସ୍ମିତା ପାଇଁ କେତେ ଯେ ସଂଗ୍ରାମ କରି ନାହାନ୍ତି ସତରେ! ତଥାପି ଓଡ଼ିଆ ଅସ୍ମିତା କେଉଁଠି କେମିତି ହଠାତ୍ ହଜିଗଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେ ସିନା ଆମ ପୂର୍ବପୁରୁଷ, ସଂଗ୍ରାମୀ ନେତାମାନଙ୍କୁ ତାଙ୍କ ଜନ୍ମଦିନରେ ତାଙ୍କ ବେକରେ ଫୁଲମାଳ ପିନ୍ଧାଇ ମହାଆଡ଼ମ୍ବରରେ ଦିବସଟିକୁ ପାଳନ କରୁଛୁ। ହେଲେ ତାଙ୍କ ପ୍ରତିମୂର୍ତ୍ତି ପାଖରେ ଆମେ ଓଡ଼ିଆ ବୋଲି ପରିଚୟ ବାଢ଼ି ପାରୁ ନାହୁଁ। ଜଣାଯାଉଛି ଆମେ ଆମ ଭାଷା, ମାଟି ମା' ପ୍ରତି ମମତା ନାହିଁ। ଏଣୁ ଓଡ଼ିଆ ଅସ୍ମିତା ବଞ୍ଚି ରହିବ କେମିତି? ନିଜକୁ ନିଜେ ଘରେ ସମସ୍ତଙ୍କୁ ପଚାରନ୍ତୁ ତ - ଓଡ଼ିଆ ଅସ୍ମିତା କ'ଣ କହି ପାରିବେ? କିନ୍ତୁ ଗୋଟାଏ ସମୟରେ ଏହି ଓଡ଼ିଆ ଅସ୍ମିତାର ଧୂଆଁ କେମିତି ହଇଚଇ ଓ ଜନମତ ସୃଷ୍ଟି କଲା ତାହା କାହାକୁ ଅଛପା ନାହିଁ? ସଭିଏଁ ଏବେ ବି ସନ୍ଦୀହାନ ଏ ଓଡ଼ିଆ ଅସ୍ମିତାଟା କ'ଣ? ଏ ସମ୍ପର୍କରେ ଥୋକେ ଅଭିଧାନ ଖେଳାଇ ପକାଇଲେ। ଥୋକେ ଇତିହାସ ପୃଷ୍ଠା ଓଲଟାଇଲେ। ଥୋକେ ବିଚାରବିମର୍ଶ କଲେ। ଆଉ ଥୋକେ ସ୍ଲୋଗାନ ଦେଇ ନିଜ ମିଶନକୁ ଟାଣ କରି ସଫଳତା ହାସଲ କଲେ। ତା'ପରେ ସବୁ ଫସର ଫାଟିଗଲା। ଓଡ଼ିଆ ଅସ୍ମିତା ଆସ୍ତେ ଆସ୍ତେ ଲୁଚିବାକୁ ବସିଲାଣି।

ଉତ୍କଳୀୟ ଜାତୀୟ ଜୀବନ ଗଠନରେ ଓଡ଼ିଆ ଅସ୍ମିତାକୁ ବଳିଷ୍ଠ, ସାକାର ଓ ମହିମାନ୍ୱିତ କରିବାରେ ଗୌରୀଶଙ୍କର, ଫକୀରମୋହନ, ପ୍ୟାରୀମୋହନ ଆଚାର୍ଯ୍ୟ, ରାଧାନାଥ, ଗୋବିନ୍ଦଚରଣ, ମଧୁସୂଦନ, ନୀଳମଣି ବିଦ୍ୟାରତ୍ନ, ଗଙ୍ଗାଧର ବିଶ୍ୱନାଥଙ୍କର ପ୍ରଭୃତି ବିଦ୍ୱାନ ବରପୁତ୍ରଗଣଙ୍କ ଯେ କେତେ ଅବଦାନ ଥିଲା ତାହାକୁ କ'ଣ କେହି କେବେ ହେଲେ ଅସ୍ୱୀକାର କରି ପାରିବ? 'ଉତ୍କଳ ସମ୍ମିଳନୀ' ହିଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା କରିବାରେ ଓଡ଼ିଆଙ୍କର ଆଖି ଖୋଲିଦେଲା। ଇତିହାସ କହେ ଏହି ସମ୍ମିଳନୀ ହିଁ ଓଡ଼ିଆଙ୍କୁ ଓଡ଼ିଆର ପ୍ରକୃତ ପରିଚୟ ଦେଇଛି। ଓଡ଼ିଆ ସାହିତ୍ୟରେ ରାଜନୀତିର ପ୍ରତ୍ୟେକ୍ଷ ପ୍ରଭାବ ଅନୁଭୂତ ହୋଇଛି ମଧୁସୂଦନ ଦାସ, ନୀଳକଣ୍ଠ, ଗୋପବନ୍ଧୁ, ଜଗବନ୍ଧୁ ସିଂହ, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ସାହିତ୍ୟିକ କର୍ମୀମାନଙ୍କର ଯୁଗୋପଯୋଗୀ ରଚନାବଳୀ ଦ୍ୱାରା। ଫଳସ୍ୱରୂପ ଜାତୀୟ ଜୀବନରେ ରାଜନୀତି ସହିତ ସଚେତନତାର ବୃଦ୍ଧି ଘଟିଥିଲା। ମାତୃଭାଷାର ଉନ୍ନତି ସାଧନକୁ ମଧ୍ୟ ଜାତୀୟ କବି ଓ ଲେଖକ ବର୍ଗ ଆପଣାର ଲକ୍ଷ୍ୟ ଭାବରେ ଗ୍ରହଣ କରିଥିଲେ। ସେଥିପାଇଁ 'ସତ୍ୟବାଦୀ' ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ ଗୋପବନ୍ଧୁ।

ଆମେ ଏବେ ଓଡ଼ିଆ ଅସ୍ମିତାକୁ ଉଣ୍ଡାଲୁଛେ। ଆଗକୁ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା କରିବାରେ ଆମେ କ'ଣ ଏବେ ଗୋପବନ୍ଧୁ, ମଧୁବାବୁ ଓ ଗୋଦାବରୀଶ ମହାପାତ୍ରଙ୍କ କଥା ହେଜୁଛେ କି? ଆମ ପିଲାମାନେ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ିବେ। ଆମ ବଡ଼ ବଡ଼ ଫଳକମାନଙ୍କରେ ଅଶୁଦ୍ଧ ଓଡ଼ିଆ ଶବ୍ଦ ସହ ବିଚିତ୍ର ଢଙ୍ଗରେ କଦର୍ଯ୍ୟ ଶବ୍ଦରେ ରାସ୍ତାଘାଟରେ ଶୋଭାପାଇବ। ଆମ ଗଣମାଧ୍ୟମ ଶୁଦ୍ଧ ଓଡ଼ିଆ ଭାଷା ଉଚ୍ଚାରଣ କରିବା ତ ଦୂରର କଥା ହିନ୍ଦୀ-ଇଂରାଜୀ ମିଶା ଓଡ଼ିଆ ଶବ୍ଦର ବ୍ୟବହାର ଆମର କେଉଁ ଅସ୍ମିତାର ପରିଚୟ ଦେଇଥାଏ? ଛୁଟି ଦରଖାସ୍ତଟିଏ ଭଲରେ ଲେଖା ହୋଇପାରେନା ସରକାରୀ ଦପ୍ତରରେ। ଓଡ଼ିଆ ଭାଷାର ବ୍ୟବହାର ପାଇଁ ଆମେ ଏତେ ବିମୁଖ କାହିଁକି? ବଡ଼ ବଡ଼ ହୋର୍ଡିଂରେ ଓଡ଼ିଆ ଭାଷା ବ୍ୟତିରକେ ଇଂରାଜୀ ଓ ହିନ୍ଦୀ ଭାଷାର ବହୁଳ ବ୍ୟବହାର କରାଯାଏ। ଏପରି ସ୍ଥଳେ ଆମେ ଅସ୍ମିତା, ଅସ୍ମିତା କହି ଚିତ୍କାର କଲେ କ'ଣ କିଛି ମିଳିପାରେ?

ଆମେ ସବୁକଥାରେ କେବଳ କୁମ୍ଭୀର କାନ୍ଦଣା କରୁ। କିଛିସମୟ ଗଲା ପରେ ଆମର ଖୋଜିବା ଶେଷ ହୁଏ। ପୁଣି ନୂଆ କିଛି ଗୋଟାଏ ହାସଲ କରିବାର ସନ୍ଧାନରେ ଲାଗିପଡୁ। ଖାଲି କଥାରେ କହି ଦେଲେ ହେବ ନି। ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାକୁ ହେଲେ ନିଜ ପରମ୍ପରା, ସଂସ୍କୃତି ଓ ଭାଷା ସାହିତ୍ୟର ଜାତୀୟବୋଧ ଭାବକୁ ପ୍ରତିଷ୍ଠା କରିବାକୁ ହେବ। ତେବେ ଯାଇ 'ଓଡ଼ିଆ ଅସ୍ମିତା' ରହିଛି ବୋଲି କହିବାକୁ ହେବ। ବିଶ୍ୱ ଦରବାରରେ ନିଜର ପରିଚୟ ବାଢ଼ିବାକୁ ହେବ।

କଟକ, ମୋ: ୯୪୩୭୭୨୮୪୭୫

## ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ


ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହି ବର୍ଣ୍ଣନା ମୁତାବକ ଉକ୍କଳ ଦେଶକୁ (ଉତ୍କଳ) ଭାରତର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ଥିବା କୁହାଯାଇପାରିବ ନାହିଁ। କିନ୍ତୁ ବୁଦ୍ଧଙ୍କ ଆବିର୍ଭାବ (ଖ୍ରୀ. ପୂ. ଷଷ୍ଠ ଶତାବ୍ଦୀ) ବର୍ଷକୁ ହୁଏନସାଂଙ୍କର ଭାରତ ଭ୍ରମଣରେ ଆସିବା (ଖ୍ରୀଷ୍ଟିୟ ସପ୍ତମ ଶତାବ୍ଦୀ) ହେଉଛି ଅତ୍ୟନ୍ତ ଲମ୍ବା ଅବଧିର ଫରକ। ଏଣୁ ଏତେକାଳ ଅନ୍ତରରେ କୌଣସି ସ୍ଥାନର ଅବସ୍ଥିତିକୁ ସଠିକ୍ ଭାବେ ସ୍ଥାନିତ କରିବା ଅଯୌକ୍ତିକ ତଥା ପ୍ରାୟ ଅସମ୍ଭବ। ଏଣୁ ଚୀନ ପରିବ୍ରାଜକଙ୍କର ଏହି ତଥ୍ୟକୁ ଆମେ ସଂପୂର୍ଣ୍ଣ ଠିକ୍ ବୋଲି ଧରି ନେଇପାରିବା ନାହିଁ। ଅଧିକନ୍ତୁ 'ଲଳିତବିସ୍ତର' ଗ୍ରନ୍ଥର ଦର୍ଶିତ ତଥ୍ୟ ମଧ୍ୟ ହୁଏନସାଂଙ୍କ ବର୍ଣ୍ଣନାଠାରୁ ଫରକ ରହୁଛି।

'ଲଳିତବିସ୍ତର'ରେ ତପସ୍ସୁ ଓ ଭଲ୍ଲିକଙ୍କ ନିବାସସ୍ଥଳ 'ସିଲୁକ୍ଷ' ନାମକ ସହର କଥା ଦର୍ଶାଯାଇଛି। ଏହି ସହରକୁ ଗାନ୍ଧାର ରାଜ୍ୟର 'ଶିଳା' ନାମକ ସହର ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ହୁଏନସାଂ ତପସ୍ସୁ ଓ ଭଲ୍ଲିକ ଦୁଇଭାଇଙ୍କ ନିବାସସ୍ଥଳ ଦୁଇଟି ଭିନ୍ନ ଭିନ୍ନ ସହର ବୋଲି ଦର୍ଶାଇବା ସହ ଏମାନଙ୍କ ଉତ୍ତର-ପଶ୍ଚିମ ଭାଗରେ 'ବଲ୍‌ଖ'ଠାରୁ ଦୂରରେ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ସେହିଭଳି 'ଲଳିତବିସ୍ତର' ଗ୍ରନ୍ଥର ପ୍ରଣୟନ ବେଳେ ମଧ୍ୟ ଉକ୍କଳ 'ଉତ୍ତରାପଥ'ରେ ଅବସ୍ଥିତ ଏକ ସହର ବା ଅଧିଷ୍ଠାନ(ଯେଉଁଭଳି ବର୍ମୀୟ ପରମ୍ପରାରେ ଉକ୍କଳକୁ ଇରାବତୀ ତ୍ରିକୋଣଭୂମିରେ ଅବସ୍ଥିତ ବୋଲି ଦର୍ଶାଯାଇଛି) ବୋଲି ଦର୍ଶାଯାଇ ଭ୍ରମାତ୍ମକ ଧାରଣ ସୃଷ୍ଟି କରାଯାଇଛି। ତେଣୁ ଏ ପ୍ରସଙ୍ଗରେ ଏକ ସଠିକ୍ ନିଷ୍ପତ୍ତିରେ ପହଞ୍ଚିବା ନିମନ୍ତେ ଆମଙ୍କୁ 'ବିନୟ', 'ନିକାୟ' ଓ 'ଜାତକ' ଭଳି ପାଲି ବୌଦ୍ଧଗ୍ରନ୍ଥକୁ ଯିବାକୁ ହେବ। ସେଥିରେ ତପସ୍ସୁ ଓ

### ଓଡ଼ିଶାର ବୌଦ୍ଧ ପରମ୍ପରା



ଭଲ୍ଲିକ ଦୁଇ ବଣିକ ଭ୍ରାତା ଉକ୍କଳ ଜନପଦର ବୋଲି ଦର୍ଶାଯାଇଛି। ଏହି ଉକ୍କଳକୁ ଭାରତର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ଉତ୍କଳ ଅଥବା ବର୍ତ୍ତମାନର ଓଡ଼ିଶା ବୋଲି ଚିହ୍ନିତ କରାଯିବା ହିଁ ଏକମାତ୍ର ପନ୍ଥା।

ପ୍ରାଚୀନ କାଳରେ ମଗଧର ପ୍ରମୁଖ ସହରମାନ ଯେପରିକି ରାଜଗୃହ, ଗୟା ଓ ପାଟଳୀପୁତ୍ର ଇତ୍ୟାଦି ଦକ୍ଷିଣ-ପୂର୍ବ ଭାଗରେ ରହିଥିବା ସହର ଅଥବା ରାଜ୍ୟଗୁଡ଼ିକ ସହ ଯୋଜନାବଦ୍ଧ ଭାବେ ରାସ୍ତା ମାଧ୍ୟମରେ ଖ୍ୟାତିଲାଭ କରିଥିବା ତାମ୍ରଲିପ୍ତ ବନ୍ଦର ସହ ସଂଯୁକ୍ତ ହୋଇଥିଲା। ତାମ୍ରଲିପ୍ତ ଥିଲା ବିଭିନ୍ନ ଦିଗକୁ ସଂଯୁକ୍ତ କରୁଥିବା ରାସ୍ତାସବୁର ମିଳନ ସ୍ଥଳ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସିଂହଳର ରାଜା 'ଦେବାନାମ୍‌ପିୟତିସ୍‌ସ' ପାଟଳୀପୁତ୍ରର ମୌର୍ଯ୍ୟ ଦରବାରକୁ ଚାରିଗୋଟି ପ୍ରତିନିଧି ମଣ୍ଡଳୀ ପଠାଇଥିଲେ। ସେମାନେ ଉଭୟ ଆସିବା ତଥା ଫେରନ୍ତା ଯାତ୍ରା ନିମନ୍ତେ 'ତାମଲିତ୍ତି' (ତାମ୍ରଲିପ୍ତ) ବନ୍ଦରକୁ ହିଁ ବ୍ୟବହାର କରିଥିଲେ। ପୁନଶ୍ଚ ପବିତ୍ରବୋଧି ବୃକ୍ଷର ଚାରା ଯେତେବେଳେ ସିଂହଳ ପଠାଗଲା, ତାହାକୁ ଗଙ୍ଗା ନଦୀରେ ବୋଇତ ସାହାଯ୍ୟରେ ଗୟାଠାରୁ ତାମଲିତ୍ତି ବନ୍ଦରକୁ ଅଣାଯାଇଥିଲା। ସେଠାରୁ ଜାହାଜରେ ସିଂହଳ ପଠାଯାଇଥିଲା। ଏହିଭଳି ଭାବରେ ପ୍ରାଚୀନ କାଳରୁ ହିଁ ମଗଧ ଓ ଦକ୍ଷିଣ-ପୂର୍ବ ଭାରତ ମଧ୍ୟରେ ଏକ ସଂଗଠିତ ଯୋଗାଯୋଗ ବ୍ୟବସ୍ଥା ସ୍ଥାପିତ ହୋଇଥିଲା। ଏହିଭଳି ଭାବରେ ଉକ୍କଳ ଅଥବା ଉତ୍କଳରୁ ଯାଇଥିବା ତପସ୍ସୁ ଓ ଭଲ୍ଲିକ ଭ୍ରାତାଦ୍ୱୟ ତାମ୍ରଲିପ୍ତ ଓ ସୁମ୍ହ (ଝାଡ଼ଖଣ୍ଡ ଅଞ୍ଚଳ) ହୋଇ ଗୟା ସନ୍ନିକଟ ଉରୁବଲାଠାରେ ପହଞ୍ଚିବା ଗତାନୁଗତିକ ଯୋଗାଯୋଗ ମାର୍ଗ ହିଁ ଥିଲା ଏଥିରେ କୌଣସି ଅବାସ୍ତବ ଘଟଣା ନ ଥିଲା। (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବକେୟା ପାରିଶ୍ରମିକକୁ କେନ୍ଦ୍ର କରି ଛୁରାମାଡ଼

ବାରିପଦା/ବଡ଼ସାହି, ୨୦ ।୨(ସମିସ): ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବକେୟା ପାରିଶ୍ରମିକ ମାଗିବାକୁ କେନ୍ଦ୍ର କରି ମାଲିକ ଓ ଟେକ୍ନିସିଆନ ମଧ୍ୟରେ ବଚସା ହୋଇଥିଲା। ତେବେ ମାଲିକଜଣଙ୍କ ଉତକ୍ଷିପ୍ତ ହୋଇ ଟେକ୍ନିସିଆନଙ୍କୁ ଛୁରୀରେ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ବଳଭଦ୍ରପୁର ଗ୍ରାମର ମିଥୁନ ନାଏକ(୩୨)। ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଜଣଙ୍କ ଫେରାର୍ ଥିବା ବେଳେ ବଡ଼ସାହି ଥାନାରେ ତାଙ୍କ ନାମରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ଆକ୍ରମଣକାରୀଜଣଙ୍କ ସିସିକେମେରା ଇନଷ୍ଟଲ କରନ୍ତି। ଆହତ ମିଥୁନ ତାଙ୍କ ପାଖରେ କାମ କରୁଥିବା ବେଳେ ୧୨ହଜାର ଟଙ୍କା ପାରିଶ୍ରମିକ ପାଇବାକୁ ଥିଲା। ଯାହାକୁ ନେଇ ସିଂହଟିଆ ଛକରେ ଗଣ୍ଡଗୋଳ ହୋଇଥିଲା।

## ବାଲି ସଇରାତ ନିଲାମ ପ୍ରସଙ୍ଗରେ ନିର୍ଦ୍ଦେଶ ଦେବା ତହସିଲଦାରଙ୍କ କ୍ଷମତା ବହିର୍ଭୂତ :ହାଇକୋର୍ଟ

କଟକ, ୨୦ ।୨(ସମିସ): ୨୦୨୨ରେ ଲଘୁଖଣିଜ ଦ୍ରବ୍ୟ ସଂପର୍କିତ ନିୟମାବଳୀରେ ସଂଶୋଧନ ପରେ ବାଲି ସଇରାତ ଉତ୍ସ ପ୍ରସଙ୍ଗରେ ନିର୍ଦ୍ଦେଶ ଦେବା ତହସିଲଦାରଙ୍କ କ୍ଷମତା ବହିର୍ଭୂତ। ସଂଶୋଧିତ ନିୟମାବଳୀ ଅନୁସାରେ ଖଣି ଅଧିକାରୀଙ୍କ ଏପରି କ୍ଷମତା ରହିଛି। ହେଲେ ତହସିଲଦାରମାନେ ବାଲି ସଇରାତ ଉତ୍ସ ନିଲାମ ପ୍ରସଂଗରେ ନିର୍ଦ୍ଦେଶ ପ୍ରଦାନ ଫଳରେ ସୃଷ୍ଟି ହେଉଥିବା ମକଦ୍ଦମାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମଧୁସ୍ମିତା ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ କ୍ଷମତା ନଥିବାରୁ ତହସିଲଦାର ବାଲି ସଇରତ ଉତ୍ସ ପ୍ରସଂଗରେ ପ୍ରଦାନ କରିଥିବା ନିର୍ଦ୍ଦେଶ ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ଏକ ବାଲି ସଇରାତ ଉତ୍ସ ନିଲାମ ପ୍ରକ୍ରିୟା ବାତିଲ ପ୍ରସଂଗରେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ତହସିଲଦାର ୨୦୨୫, ଅକ୍ଟୋବର ୧୪ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏ ସଂପର୍କିତ ନଥିପତ୍ର ଖଣି ବିଭାଗକୁ ଦୁଇ ସପ୍ତାହ ଭିତରେ ସ୍ଥାନାନ୍ତର କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ୪ସପ୍ତାହ ଭିତରେ ସାନି ନିଷ୍ପତ୍ତି ନେବାକୁ ଖଣି ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୨, ମାର୍ଚ୍ଚ ୧୫ରେ ଏକ ବାଲି ଉତ୍ସର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ୩ ବର୍ଷ ପରେ ମଧ୍ୟ ଏହା ଚୂଡାନ୍ତ ହୋଇ ପାରି ନଥିଲା। ଅନ୍ୟପକ୍ଷରେ ଓଏମଏମସି ନିୟମାବଳୀରେ ୨୦୨୨ରେ ସଂଶୋଧନ ହୋଇଥିଲେ ମଧ୍ୟ ନିଲାମ ପ୍ରକ୍ରିୟାକୁ ବାତିଲ କରି ସଂପୃକ୍ତ ବାଲି ସଇରାତ ଉତ୍ସ ପାଇଁ ସାନି ନିଲାମ ପ୍ରକ୍ରିୟା ଆରମ୍ଭ କରିବାକୁ ୨୦୨୫, ଅକ୍ଟୋବର ୧୪ରେ ନିର୍ଦ୍ଦେଶ ଦେଇଥିଲେ ତହସିଲଦାର।

■ କ୍ରିକେଟ୍‌କୁ ନେଇ ମହାଭାରତ

## ରଣକ୍ଷେତ୍ର ପାଲଟିଲା ରେଭେନ୍ସା କ୍ୟାମ୍ପସ୍

କଟକ, ୨୦ ।୨ (ସମିସ): କଟକର ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ କ୍ରିକେଟ୍ ମ୍ୟାଚ୍‌କୁ ନେଇ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ହାର-ଜିତ୍‌କୁ ନେଇ ଇଷ୍ଟ-ହଷ୍ଟେଲ ଏବଂ ନିୟୁ-ହଷ୍ଟେଲ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଖେଳପଡ଼ିଆରେ ଉଭୟ ପକ୍ଷର ଅନ୍ତେବାସୀଙ୍କ ମଧ୍ୟରେ କଥା କଟାକଟିରୁ ଆରମ୍ଭ ହୋଇଥିବା ଏହି ଘଟଣା ସନ୍ଧ୍ୟା ବେଳକୁ ଏକ ବଡ଼ଧରଣର ଗୋଷ୍ଠୀ ସଂଘର୍ଷର ରୂପ ଧାରଣ କରିଥିଲା। ହିଂସାକାଣ୍ଡରେ କିଛି ଛାତ୍ର ଆହତ ହୋଇଥିବା ବେଳେ ସମଗ୍ର କ୍ୟାମ୍ପସରେ ଦିନସାରା ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ଜଟିଳ ହେବା ଦେଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ। ମାଲଗୋଦାମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ପିଲାମାନଙ୍କୁ ବୁଝାସୁଝା କରି ନିଜ ନିଜ ହଷ୍ଟେଲକୁ ପଠାଇ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ତଥାପି ସନ୍ଧ୍ୟା ସମୟରେ ପୁଣିଥରେ ଉତ୍ତେଜନା ଦେଖାଦେବାରୁ ସୁରକ୍ଷା ଦୃଷ୍ଟିରୁ କ୍ୟାମ୍ପସରେ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ବର୍ତ୍ତମାନ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯିବା ସହ କୌଣସି ଅନ୍ତେବାସୀଙ୍କୁ ହଷ୍ଟେଲ ବାହାରକୁ ଆସିବାକୁ ଅନୁମତି ଦିଆଯାଉନାହିଁ।

ଏଭଳି ବାରମ୍ବାର ଘଟୁଥିବା ଗୋଷ୍ଠୀ ସଂଘର୍ଷ ଯୋଗୁଁ ବିଶ୍ୱବିଦ୍ୟାଳୟର ସାଧାରଣ ଛାତ୍ରଛାତ୍ରୀ ଏବଂ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶୃଙ୍ଖଳା ସୃଷ୍ଟି କରୁଥିବା ଛାତ୍ରଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏହିଭଳି ଘଟଣା ପୁଣି ଘଟୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ, ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟର ଚିଫ୍-ୱାର୍ଡେନ୍ ସୁଦର୍ଶନ ମିଶ୍ରଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ବର୍ତ୍ତମାନ ପୁଲିସର ଉପସ୍ଥିତିରେ ସ୍ଥିତି ସ୍ୱାଭାବିକ ଥିଲେ ହେଁ ଉଭୟ ହଷ୍ଟେଲ ସମ୍ମୁଖରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।


**AFFIDAVIT**

I, Domti Abinash Dora, S/o - Alekha Chandra Dora, Resident of Police Camp, Sunabeda, Dist- Koraput, Pin - 763003, Odisha, declare by this affidavit No. 200, dated - 05/02/2026, that now onwards I shall be known as **D ABINASH DORA** for all future purposes.

**AFFIDAVIT**

By virtue of an affidavit no.71 before the Executive Magistrate, Paralakhemundi, Gajapati, on dtd.06.02.2026, I, Balla Sankar Rao, S/o Balla Vasudev Rao, resident of Gajapati hereby declare that my daughter's name has been changed from **"Balla Sita"** to **"Balla Meghana"** vide Birth Certificate Regd. No. 805/2016 and Aadhaar No. 79044742776. Henceforth, she shall be known as **Balla Meghana** for all purposes.

**Sd/- Balla Sankar Rao**

**AFFIDAVIT**

I, Neerabati Seth, W/o- Trilochan Seth, resident of Lupursingha, P.O.-Lupursingha, P.S.-Lacchhipur, Dist-Subarnapur, Odisha - 767068, have changed my name from **Nirupama Mallik** to **Neerabati Seth** vide affidavit before Notary Public Sonepur, Odisha, dated 03.01.2026. Henceforth I shall be known as **Neerabati Seth** for all purposes.

**AFFIDAVIT**

I, Naina Devi Agrawal, aged about 48 years, W/o- Shyam Sundar Agrawal, resident of Ward No. 9, Purani Basti, Kantabanji, Po- Kantabanji, Ps- Kantabanji, Dist- Bolangir, Odisha, Pin- 767039, do hereby declare by this affidavit No. 337, dtd- 19/02/2026, that now onwards I shall be known as **NAINA AGRAWAL** for all future purposes.

**AFFIDAVIT**

I, **Kamini Prabha Nayak**, formerly known as Kamini Nayak, resident of Gopalpur, P.O. Brahmanigaon, P.S. Binjharpur, Dist- Jajpur, PIN - 755027, do hereby declare that I have changed my name from **"Kamini Nayak"** to **"Kamini Prabha Nayak"** vide Affidavit dated **19.02.2026**, before the Executive Magistrate, Bhubaneswar. Henceforth, I shall be known as **Kamini Prabha Nayak** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Gop, on dated 17/02/2026, I **ADYASHA PANDA**, W/o Basanta Kumar Panda resident of Village At/Po - Davar, Ps- Gop, Dist- Puri, Odisha, Pin- 752121 declare that I have changed my name from **KUNI DORA** (Old Name) to **ADYASHA PANDA** (New Name). Henceforth, I shall be known as **ADYASHA PANDA** for all future purposes.

**Sd- ADYASHA PANDA**

**AFFIDAVIT**

I, Madhaba Ghosh, S/o- Manmath Ghosh, resident of At/Po-Jayrampur,Ps- Bhograi, District- Balasore, Odisha, declared by this affidavit no 913 dated 19/02/2026 that now on word I shall be known as Madhaba Ghosh for all future purposes. Henceforth, **Madhaba Ghosh and Pranakrushna Ghosh** is the same and one person who is myself.

**AFFIDAVIT**

I, Priyanka Mahanata, W/o- Bismaya Panigrahi, Resident At Village - Mathatentulia, P.S.- Gondia, Dist- Dhenkanal, Odisha, PIN- 759016, declare this affidavit **No-A/285 dated 29.01.2026** that now onwards. I shall be known as **PRIYANKA MAHANTA** for all future purposes.



## ପୂର୍ବ ତଟ ରେଳପଥ

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www. ireps.gov.in ରେ ଅପଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/ Must Change Kit/72, ତା.17.02.2026

**ଟେଣ୍ଡର ସଂ. 92265124**

ବିବରଣୀ : (1) LHB EOG (ପାୱାର କାର) କୋଚ M36/SS-II ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମର ମଷ୍ଟ ଚେଞ୍ଜ (Must Change) କିଟ୍, (2) LHB EOG (ପାୱାର କାର) କୋଚ M72/SS-III ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (3) LHB EOG (ଏସି ଓ ନନ୍-ଏସି) କୋଚ M36/SS-II ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (4) M72 / SS-III ସିଡ୍ୟୁଲ ଇତ୍ୟାଦି ନିମନ୍ତେ, ପରିମାଣ : 104 CSET, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.03.2026ରିଖ, 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-1153/Q/25-26


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକାଶ ସ୍ୱପ୍ନ...

ନୂତନ ଭାବେ ପ୍ରଣୟନ କରିଥିବା ଭିବି ଜି-ରାମ-ଜି ଯୋଜନା ପାଇଁ ଓଡ଼ିଶା ସରକାର ନିଜ ବଜେଟ୍‌ରେ ବ୍ୟୟ ବରାଦ କରିଛନ୍ତି। ଏହି ଯୋଜନା ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ରେ ୫ ହଜାର ୫୭୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ମନରେଗାର ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଲାଗି ୧୫୦୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ରାଜ୍ୟର ୪ ଟି ଜିଲ୍ଲା କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି। ପୁନଶ୍ଚ ପାରାଦୀପ ଓ ବଲାଙ୍ଗିରରେ ନୂତନ ସରକାରୀ ଇଂଜିନିୟରିଂ କଲେଜ ପାଇଁ ମଧ୍ୟ ଯୋଜନା କରାଯାଇଛି। ଶିକ୍ଷା ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶାକୁ ସୁନିଶ୍ଚିତ କରିବା ପାଇଁ ୨୩ ହଜାର ୧୮୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଅର୍ଥ ସହ ଚଳିତ ବଜେଟ୍ ୧ ହଜାର ଉନ୍ନତ ଆଇସିୟୁ ଓ ୫୦୦ ଏଚ୍‌ଡିୟୁ ଶଯ୍ୟା ସ୍ଥାପନ ପାଇଁ ଯୋଜନା ରହିଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଯୋଜନା ପାଇଁ ୪୨୭୯ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ବଜେଟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜ୍ୟର ୬ ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପେନସନ ସ୍କିମ୍‌ରେ ଯୋଡ଼ିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଫଳରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପାଇବାକୁ ହେଲେ ପୂର୍ବ ହିତାଧିକାରୀଙ୍କ ମୃତ୍ୟୁ ଦ୍ୱାରା ଖାଲିସ୍ଥାନ ସୃଷ୍ଟି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ରାଜପଥ ସହିତ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେତୁ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ରାଜ୍ୟର ପ୍ରମୁଖ ସେତୁ ନିର୍ମାଣ, ସୁଗମ ଯାତାୟତ ପାଇଁ ସଡ଼କ ବିକାଶ ଆଦି ପାଇଁ ୭ ହଜାର ୫୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କ୍ରମରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଉନ୍ନତି, କାଠଯୋଡ଼ି ଉପରେ ଦ୍ୱିତୀୟ ସେତୁ, କେନ୍ଦୁଝର ବାଇପାସ୍ ରୋଡ୍, ଜାତୀୟ ରାଜପଥ-୫୩ ଏମ୍‌ସିଏଲ୍ ଛକରୁ ବୈଜମୁଣ୍ଡା ଛକ ପର୍ଯ୍ୟନ୍ତ ବୁର୍ଲା ରିଙ୍ଗ ରୋଡ୍ ନିର୍ମାଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ ନେଇ ନିଷ୍ପତ୍ତି ହୋଇଛି।

## ରୋଷେଇ ଘର...

ଋଣ ବୋଝକୁ ବହୁ ପରିମାଣରେ ହ୍ରାସ କରିଥିଲୁ । ଆର୍ଥିକ ପରିଚାଳନାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଥିଲା। ମାତ୍ର ବିଜେପି ସରକାର ଖୁବ୍ ଶୀଘ୍ର ଓଡ଼ିଶାକୁ ଏକ ଦେବାଳିଆ ରାଜ୍ୟରେ ପରିଣତ କରିବା ଦିଗରେ ଆଗେଇ ଚାଲିଛନ୍ତି । ରାଜ୍ୟର ଋଣ ଖୁବ୍ ଶୀଘ୍ର ୧,୩୦,୦୦୦ କୋଟି ଟଙ୍କା ଛୁଇଁବାକୁ ଯାଉଛି। ଏହା ଓଡ଼ିଶା ଉପରେ ଆର୍ଥିକ ଚାପ ପକାଇବ, ରାଜ୍ୟର ବିକାଶ ଗତି ଏବଂ ଲୋକଙ୍କ କଲ୍ୟାଣକୁ ପଥଭ୍ରଷ୍ଟ କରିବ। ଓଡିଶାର ଲୋକମାନେ ଆଶା କରିଥିଲେ ଯେ ଡବଲ୍ ଇଞ୍ଜିନ୍ କେନ୍ଦ୍ରରୁ ଦ୍ୱିଗୁଣିତ ଅନୁଦାନ ଓ ସହାୟତା ରାଶି ଆଣିବ। ମାତ୍ର ଦୁର୍ଭାଗ୍ୟ ହେଉଛି ବର୍ଷ ବର୍ଷ ଧରି ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଛି ଓ ଗତ ଦୁଇବର୍ଷରେ ଏହା ଚରମ ସୀମାରେ ପହଞ୍ଚିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଚାଷୀଙ୍କୁ ଉତ୍ସର୍ଗ କରିଛନ୍ତି, କିନ୍ତୁ ବଜେଟ୍ ଚାଷୀଙ୍କ ପ୍ରକୃତ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି। ରାଜ୍ୟର ବିକାଶ ଉପରେ କୌଣସି ଧ୍ୟାନ ନ ଦେଇ ସମସ୍ତ ବଡ଼ ପ୍ରତିଶ୍ରୁତି ଦିଆଯାଇଛି । ଶୂନ୍ୟ ରୋଷେଇଘର କିନ୍ତୁ ଖାଦ୍ୟ ସୂଚୀ ଲମ୍ବା ବୋଲି ନବୀନ କହିଛନ୍ତି ।

## କୃଷି ବ୍ୟୟବରାଦ...

ଆର୍ଥିକ ବର୍ଷରେ ସରକାର ଏହି ବିଭାଗ ପାଇଁ ୧୪୭୦୧.୩୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ବିଭାଗର ବରାଦ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ବଢ଼ିଛି। ରାଜ୍ୟରେ ଚାଷୀଙ୍କ ଧାନ କିଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ସରକାରଙ୍କ ପାଖରେ ଟଙ୍କା ନଥିବାରୁ ଚାଷୀଙ୍କ ଧାନ କିଣାଯାଉନଥିବା ଚର୍ଚ୍ଚା ହେଉଛି। ସେହିପରି ବିଭାଗ ଅଧିନରେ ଚାଷୀ କଲ୍ୟାଣ ପାଇଁ ଅଧିକ ଅର୍ଥର ଆବଶ୍ୟକ ହେଉଥିବା ବେଳେ, ସରକାର ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ପ୍ରଦାନ କରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଚାଷୀ ନେତା।

ଅନ୍ୟପକ୍ଷରେ ଅବକାରୀ ରାଜସ୍ୱ ଉପରେ ସରକାରଙ୍କ ମାତ୍ରାଧିକ ନିର୍ଭରଶୀଳତାକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅବକାରୀ ରାଜସ୍ୱ ବାବଦରେ ୧୦୯୦୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦରେ ୯୭୫୩.୬୩ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଥିଲେ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅବକାରୀ ରାଜସ୍ୱ ବାବଦରେ ସରକାର ଅଧିକ ୧୧୪୬ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିବା, ସରକାରଙ୍କ ମନୋବୃତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ସେହିପରି ନିକୋଟିନ ଯୁକ୍ତ ଗୁଟଖା, ପାନ ମସଲା ବିକ୍ରି ଉପରେ ସରକାର ପ୍ରତିବନ୍ଧକ ଜାରି କରୁଛନ୍ତି। ଏପରିସ୍ଥଳେ ରାଜ୍ୟ ସରକାର ଅଧିକ ୧୧୪୬ କୋଟି ଟଙ୍କା କେଉଁଠୁ ଆଦାୟ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ଯେ ଅଧିକ ମଦ ପିଅନ୍ତୁ, ଏହା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ମଦ ବିରୋଧୀ ଆନ୍ଦୋଳନର ନେତୃବୃନ୍ଦମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମଥର ପାଇଁ ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ୧୦ ହଜାର କୋଟି ଟପିଛି।

## ନ୍ୟାୟିକ ଅଧିକାରୀ...

ନିର୍ବାଚନ କମିଶନଙ୍କ ଅଧିକାରୀଙ୍କ ସମେତ ସବୁ ସମ୍ବନ୍ଧିତ ପକ୍ଷର ବୈଠକ ଶନିବାର ଡକାଇବାକୁ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଭୟ ପକ୍ଷ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସରକାର ଏବଂ ଇସିଙ୍କ ମଧ୍ୟରେ ବିଶ୍ୱାସର ଅଭାବ ରହିଛି ବୋଲି ଦର୍ଶାଉଛି। ଏବେ ପ୍ରକ୍ରିୟା ଦାବି ଏବଂ ଅଭିଯୋଗ ସମାଧାନ ସ୍ତରରେ ଅଟକି ରହିଛି। ତେଣୁ ହାଇକୋର୍ଟଙ୍କ ପକ୍ଷରୁ ନିଯୁକ୍ତ ନ୍ୟାୟିକ ଅଧିକାରୀ ଏହାର ସମାଧାନ ଏବଂ ପର୍ଯ୍ୟବେକ୍ଷଣ କରିବେ। ନ୍ୟାୟିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅଦାଲତଙ୍କ ଆଦେଶ ଧରାଯିବ। ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ହେବ। ଏହା ସହିତ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି କରିବା ପାଇଁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଆବଶ୍ୟକ ପଡ଼ିଲେ ଅତିରିକ୍ତ ତାଲିକା ଜାରି କରିବାକୁ ଅଧିକାର ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଗ୍ରେଡ-ଏ ଅଧିକାରୀଙ୍କୁ ଏସଆଇଆର ପ୍ରକ୍ରିୟା ଉପଲବ୍ଧ ନ କରାଇବାକୁ ନେଇ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଏଭଳି ସ୍ଥିତି ସୃଷ୍ଟି କରାଯାଉଛି ଯେଉଁଠି ନ୍ୟାୟିକ ଅଧିକାରୀଙ୍କୁ ଦଖଲ ଦେବାକୁ ପଡୁଛି। ରାଜ୍ୟ ସରକାର ସହଯୋଗ କରିବେ ବୋଲି ଆଶା ଥିଲା। ରାଜ୍ୟ ସରକାରଙ୍କ ସହଯୋଗର ସ୍ତର ଏହି ଭଳି କି? ଗତ ୯ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସରକାର ୧୭ ତାରିଖରେ ଜବାବ ଦେଇଥିଲେ। ଅଧିକାରୀଙ୍କ ଯାଞ୍ଚ କରାଯାଉଛି ବୋଲି ସରକାର କହୁଛନ୍ତି। ମାତ୍ର ଏହା କିଭଳି ଯାଞ୍ଚ!୮,୫୦୦ ଅଧିକାରୀଙ୍କୁ ପଠାଯାଇଛି ବୋଲି ସରକାର କହିବାର ଥିଲା। ସୁପ୍ରିମକୋର୍ଟ ମାଇକ୍ରୋ-ଅବଜରଭର ନୁହଁନ୍ତି। ଏହା ଦେଖି ଖରାପ ଲାଗୁଛି। ରାଜ୍ୟ ସହଯୋଗ କରିବ ବୋଲି ଆଶା ଥିଲା। ମାତ୍ର ଆମେ ବ୍ୟକ୍ତିଗତ ବାଖ୍ୟା ଚାହୁଁ ନାହୁଁ ବୋଲି ସିଜେଆଇ କହିଛନ୍ତି। ନ୍ୟାୟିକ ଅଧିକାରୀଙ୍କୁ ସହାୟତା କରିବା ପାଇଁ ମାଇକ୍ରୋ-ଅବଜରଭର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀ ମୁତୟନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏସଆଇଆର ଅଧିକାରୀଙ୍କୁ ଦିଆଯାଇଥିବା ଧମକକୁ ନେଇ କି ପଦକ୍ଷେପ ନିଆଯାଇଛି, ତାହା ଉପରେ ଅତିରିକ୍ତ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପଡ଼ି ରହିଥିବା ମାମଲାର ଶୁଣାଣି ପାଇଁ କୌଣସି ଅସ୍ଥାୟୀ ବ୍ୟବସ୍ଥା କରିବାକୁ ହାଇକୋର୍ଟ ପ୍ରଶାସନଙ୍କୁ କହିଛନ୍ତି। ଏସଆଇଆର କାର୍ଯ୍ୟରେ ମୁତୟନ ନ୍ୟାୟିକ ଅଧିକାରୀଙ୍କୁ ଲଜିଷ୍ଟିକ ସହାୟତା ଏବଂ ସୁରକ୍ଷା ପ୍ରଦାନ କରିବାକୁ ରାଜ୍ୟର ଜିଲ୍ଲାପାଳ ଏବଂ ଏସପିଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ଟାରିଫ୍ ରଦ୍ଦ...

ମାତ୍ର ଦେଶରେ ଶାନ୍ତି ଥିବାବେଳେ ଟ୍ରମ୍ପ ଏହି ଅଧିକାର ପ୍ରୟୋଗ କରି ଅନ୍ୟ ଦେଶ ଉପରେ ଦାଉ ସାଧିଥିଲେ। ରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତି ବିରୋଧରେ ଅନେକ ବ୍ୟବସାୟୀ ଏବଂ ୧୨ ରାଜ୍ୟ ମାମଲା ଦାଏର କରିଥିଲେ। ପୂର୍ବରୁ ନିମ୍ନ କୋର୍ଟ ମଧ୍ୟ ଟ୍ରମ୍ପଙ୍କ ଟାରିଫକୁ ବେଆଇନ ଦର୍ଶାଇବା ସହ ଶୁଳ୍କ ଲଗାଇବାର ଅଧିକାର ରାଷ୍ଟ୍ରପତିଙ୍କ ପାଖରେ ନ ଥିବା ରାୟ ଦେଇଥିଲେ।

ଏହି ଶୁଳ୍କ ମାମଲାର ବିଚାର କରି ସୁପ୍ରିମକୋର୍ଟଙ୍କ ପୀଠର ୬-୩ ମତରେ ରାୟ ପ୍ରକାଶ ପାଇଛି। ୧୯୭୭ର ଏହି ଆଇନରେ ଅନ୍ୟ ଦେଶ ଉପରେ ଶୁଳ୍କ ଲଗାଇବାକୁ ଅନୁମତି ଦିଆଯାଉ ନାହିଁ ବୋଲି ସୁପ୍ରିମକୋର୍ଟ ଅନୁଧ୍ୟାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ଯଦି କଂଗ୍ରେସ ଆଇଇଇପିଏ ସହିତ ଶୁଳ୍କ ଲାଗୁ କରିବାର ସ୍ୱତନ୍ତ୍ର ଏବଂ ଅସାଧାରଣ କ୍ଷମତା ପ୍ରଦାନ କରିବାକୁ ଚାହୁଁଥିଲା, ତେବେ ଅନ୍ୟାନ୍ୟ ଶୁଳ୍କ ଭଳି ଏଥିପାଇଁ ମଧ୍ୟ ଆଇନ ଅଣାଯାଇପାରିଥାନ୍ତା। ଆମେରିକା ସମ୍ବିଧାନ ଏହି ଶୁଳ୍କ ଲଗାଇବାକୁ ରାଷ୍ଟ୍ରପତିଙ୍କୁ ନୁହେଁ; ବରଂ ୟୁଏସ କଂଗ୍ରେସକୁ ଅଧିକାର ଦେଇଛି। କଂଗ୍ରେସ ହିଁ ଶୁଳ୍କ ଏବଂ ଟିକସ ସମ୍ବନ୍ଧରେ ନିଷ୍ପତ୍ତି ନେଇପାରିବ। ସୁପ୍ରିମକୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି ଏକପାଖିଆ ଭାବେ ଶୁଳ୍କର ପରିସର, ପରିମାଣ ଏବଂ ସମୟସୀମା ଉପରେ ନିଷ୍ପତ୍ତି ନେଉଛନ୍ତି। ଅଧିକାର କ୍ଷେତ୍ର, ଇତିହାସ, ସାମ୍ବିଧାନିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଶୁଳ୍କକୁ କାର୍ଯ୍ୟକାରୀ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ କଂଗ୍ରେସଠାରୁ ଅନୁମତି ନେବାର ଥିଲା। ଶାନ୍ତି ସମୟରେ ରାଷ୍ଟ୍ରପତି ଅଖଣ୍ଡ କ୍ଷମତା ଉପଭୋଗ କରିପାରିବେ ନାହିଁ। ଏହା ସରକାର ମାନୁଛନ୍ତି ଏବଂ ମାନିବା ବି ଉଚିତ। ବିରୋଧ କରାଯାଇଥିବା ଏହି ଶୁଳ୍କକୁ ଯୁଦ୍ଧ ସମୟରେ ମିଳିଥିବା କ୍ଷମତା ଭାବେ ଦେଖାଯାଉ ନାହିଁ।

ସୂଚନାଯୋଗ୍ୟ ଯେ ଟ୍ରମ୍ପ ଭାରତ ଉପରେ ଆଗ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ପରେ ରୁଷ ଠାରୁ ଅଶୋଧିତ ତୈଳ କ୍ରୟକୁ ନେଇ ଦଣ୍ଡ ସ୍ୱରୂପ ଆଉ ୨୫ ଶୁଳ୍କ ଲଗାଇ ଥିଲେ। ମାତ୍ର ଭାରତ ସହ ବାଣିଜ୍ୟ ଚୁକ୍ତି ହେବା ପରେ ଶୁଳ୍କକୁ ହ୍ରାସ କରି ୧୮ ପ୍ରତିଶତ କରି ଦେଇଥିଲେ। ଏବେ ଏହା ରଦ୍ଦ ହୋଇଯାଇଛି। କିନ୍ତୁ ଆମେରିକା ସହ ଭାରତର ହୋଇଥିବା ବାଣିଜ୍ୟ ଚୁକ୍ତିକୁ ନେଇ ବିରୋଧୀଦଳଗୁଡ଼ିକ ବିରୋଧ କରୁଛନ୍ତି। ଭାରତ ସରକାର ଚାପର ବଶବର୍ତ୍ତୀ ହୋଇ ଟ୍ରମ୍ପଙ୍କ ଆଗରେ ନଇଁ ଯାଇଛନ୍ତି ବୋଲି କହୁଛନ୍ତି। ଏହି ଚୁକ୍ତି ଦ୍ୱାରା ଭାରତର କ୍ଷତି ଏବଂ ଆମେରିକାର ଲାଭ ହେବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସବୁ ଶୁଳ୍କ ରଦ୍ଦ ହେବ ନାହିଁ। ଷ୍ଟିଲ ଏବଂ ଆଲୁମିନିୟମ ଉପରେ ଲଗା ଯାଇଥିବା ଶୁଳ୍କ ଅଲଗା ଆଇନ ଅଧୀନରେ ଲାଗୁ କରାଯାଇଥିଲା। ତେଣୁ ଏହା ପୂର୍ବ ଭଳି କାର୍ଯ୍ୟକାରୀ ହେବ। ମାତ୍ର ଅଲଗା ଅଲଗା ଦେଶ ଉପରେ ଟ୍ରମ୍ପ ଲଗାଇ ଥିବା ରେସିପ୍ରୋକାଲ ଟାରିଫ(ଜବାବୀ ଶୁଳ୍କ) ରଦ୍ଦ ହୋଇଯିବ। ସେହିପରି କାନାଡ଼ା, ଚୀନ୍ ଏବଂ ମେକ୍ସିକୋରୁ ଆସୁଥିବା କିଛି ସାମଗ୍ରୀରେ ଟ୍ରମ୍ପ ଲଗାଇଥିବା ୨୫ ପ୍ରତିଶତ ଶୁଳ୍କ ମଧ୍ୟ ହଟିଯବ।

## ସପିଙ୍ଗ୍ ମଲ୍ ସେଲ୍ସ ଗାର୍ଲଙ୍କ ମୃତ୍ୟୁ; ମ୍ୟାନେଜର ଅଟକ

ବାସୁଦେବପୁର,୨୦।୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ସହରରେ ଏକ ସପିଙ୍ଗ୍ ମଲ୍‌ର ସେଲ୍ସଗାର୍ଲ କାମିନୀ କାଞ୍ଚନ ଧଳଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିବାବେଳେ କାମିନୀଙ୍କ ମୃତ୍ୟୁ ପାଇଁ ମଲ୍‌ର ମ୍ୟାନେଜର ରାହୁଲ ନାୟକ ଦାୟୀ ବୋଲି ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପ୍ରେସ୍ କ୍ଲବ୍ ମାର୍ଗରେ ଥିବା ଉକ୍ତ ସପିଙ୍ଗ୍ ମଲ୍ ମ୍ୟାନେଜରଙ୍କୁ ପୁଲିସ ଅଟକ ରଖିଛି। କାମିନୀଙ୍କ ବାପା ସୁରେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଝିଅକୁ ରାହୁଲ ଗତ ଜାନୁଆରୀ ୩୧ରେ ପିକ୍‌ନିକ୍‌ରେ ବୁଲାଇ ନେଇ ମୃଦୁ ପାନୀୟ କିମ୍ବା ଖାଇବାରେ ସ୍ଲୋ ପଏଜନ୍ ଦେଇଥିଲେ।


**VEHICLE FOR SALE**

MARUTI TOUR S, Model - 2023, Registration No-OD-34-R-9995, in as is where is condition

Contact: M/S Sundaram Finance Limited, JAJPUR ROAD BRANCH Ph:94371 02409 within 7 days

**AFFIDAVIT**

I, Mohammed Abdula, aged about 29 years, S/o- Siddique Mohammed, resident of Sudpada, Balangir, Po- Balangir, Ps- Bolangir, Dist- Balangir, Odisha, Pin- 767001, do hereby declare by this affidavit No. 336, dtd- 19.02.2026, that now onwards I shall be known as **MAHAMMAD ABADULLA** for all future purposes.

**WANTED**

A well-established firm invites applications for the following positions:

1. **Senior Accountant - (1 No.)** Experience : 10 yrs. above
2. **Junior Accountant - (1 No.)** Experience : 2-5 yrs. above
3. **Supervisor - (2 Nos.)** Experience : 2-5 yrs. above
4. **Sales Executive - (1 No.)** Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707

25001/202/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
**E-mail Id – eerw_deogarh@yahoo.co.in**

**E-Procurement Notice**

**BID IDENTIFICATION NO. SERWDGH-Online-18/2025-26**

1. No of Building work :- (08 Nos)
2. Estimated Cost :- Approx. Rs. 25.21 Lakhs to 33.61 Lakhs.
3. Mode of submission of tender :- Tender shall be submitted online in www.tendersodisha.gov.in
4. Availability of tender for online bidding :- 23.02.2026, 10.00 A.M to 05.03.2026 up to 5.00 P.M
5. Date and time of opening of tender :- 06.03.2026, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Superintending Engineer
R.W. Division, Deogarh

OIPR-25001/25087/1/25-26/0013

**WANTED**

A well-established firm invites applications for the following position

**Tele Sales Executive**
Out Bound Uk process
Good English Speaking
**Salary: 10k to 20k**
depend upon experience

Interested candidates can send their CV to
Email: pin24u@gmail.com

9776245778
7752003261

Location: Bhubaneswar

ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ମୋବାଇଲ ଆପ | कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୨୦.୦୨.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ, ବର୍ତ୍ତମାନ ଫସଲ ବର୍ଷ ୨୦୨୫- ୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପାଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ । ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ**

ପତ୍ର ସଂଖ୍ୟା ୧୩୮୦, ତା. ୧୮.୦୨.୨୦୨୬

**ବିଜ୍ଞାପନ** 6001/14/2526

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଖାରାପାଣି ଚିଙ୍ଗୁଡ଼ି ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୪ ଅନୁଯାୟୀ, ଖାରାପାଣି ଚିଙ୍ଗୁଡ଼ି ଚାଷ ନିମନ୍ତେ ଆବଶ୍ୟକୀୟ ପଞ୍ଜୀକରଣ ଏବଂ ପଞ୍ଜୀକରଣର ନବୀକରଣ, ସମୟ ମଧ୍ୟରେ କରାଯିବା ଆବଶ୍ୟକ । ବିନା ପଞ୍ଜୀକରଣରେ ଚିଙ୍ଗୁଡ଼ି ଚାଷ କରିବା ଅବୈଧ ଅଟେ ଏବଂ ନିୟମ ଉଲଂଘନ କରାଯାଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହି ପ୍ରସଙ୍ଗରେ ଚିଙ୍ଗୁଡ଼ି ଚାଷ କରୁଥିବା ସମସ୍ତ ଚାଷୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଯେଉଁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରାଇନାହାନ୍ତି, ସେମାନେ ତୁରନ୍ତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଅନଲାଇନ NSWS ପୋର୍ଟାଲରେ ଆବେଦନ କରିବେ । ପୁନଶ୍ଚ ଯଦି ଚିଙ୍ଗୁଡ଼ି ଚାଷ କରୁଥିବା ଫାର୍ମ ପୂର୍ବରୁ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ଲାଇସେନ୍ସ ପ୍ରାପ୍ତ ହୋଇଥିବେ ଏବଂ ଏହାର ଅବଧି ସମାପ୍ତ ହୋଇଥାଏ ତେବେ ତୁରନ୍ତ ସମ୍ପୃକ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ଏହାର ନବୀକରଣ ପାଇଁ ଉପରୋକ୍ତ ସମୟ ସୀମା ମଧ୍ୟରେ ଆବେଦନ କରନ୍ତୁ । ଏହା ଅନୁସରଣ ନ କଲେ ସମ୍ପୃକ୍ତ ଚାଷ ଉପରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମାନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୩ ଧାରା ୧୪ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବେଆଇନ ଚିଙ୍ଗୁଡି ଫାର୍ମକୁ ଉଚ୍ଛେଦ କରାଯିବ।

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା ସ୍ତରୀୟ କର୍ତ୍ତୃପକ୍ଷ କମିଟି, ଭଦ୍ରକ

OIPR-6001/6059/1/25-26/0001

**ୟୁକୋ ବ୍ୟାଙ୍କ**

ଜାମୁକୋଲି ଶାଖା
ପ୍ଲଟ୍ ନଂ.: ୬୯୧/୭୮୪, ସା.: ଜାମୁକୋଲି, ପୋ.: ପାଞ୍ଚଗାଁ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦

**ଡିମାଣ୍ଡ ନୋଟିସ୍ (ସୁନା ଋଣ)**

**ୟୁକୋ ବ୍ୟାଙ୍କ, ଜାମୁକୋଲି ଶାଖା** ଦ୍ୱାରା ନିମ୍ନ ସୁନା ଋଣ ସୁବିଧା ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ବକେୟା ରାଶି ପରିଶୋଧ କରିନାହାଁନ୍ତି। ଏଣୁ କିସ୍ତି/ସୁଧ/ମୂଳରଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। **ଶାଖା ପ୍ରବନ୍ଧକଙ୍କ ଦ୍ୱାରା ୟୁକୋ ବ୍ୟାଙ୍କ, ଜାମୁକୋଲି ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ଡିମାଣ୍ଡ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଋଣ ପରିମାଣ / ବକେୟା ଦେୟ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସୁନାର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତା: ନିରୁତା ଦାସ (ମୃତକ), ୰ ନିରୁତା ଦାସଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ତାମସ କୁମାର ଦାସ, ୨) ଏଲିନା ଦାସ, ଉଭୟଙ୍କ ଠିକଣା- ସା.: ଆଶ୍ରୟପୁର, ପାଞ୍ଚଗାଁ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୦ | ଟ.୧,୩୬,୦୦୦/- / ଟ.୧,୫୦,୯୩୬.୮୬ + ଭବିଷ୍ୟତ ସୁଧ | ୩୦.୧୨.୨୦୨୫ / ୦୭.୦୧.୨୦୨୬ | ମୋଟ ଓଜନ: ୩୩.୫ ଗ୍ରାମ୍, ନେଟ୍ ଓଜନ: ୩୧.୫ ଗ୍ରାମ୍ |

ଏତଦ୍ୱାରା ବ୍ୟାଙ୍କ ସପକ୍ଷରେ ଆପଣ ସମ୍ପାଦିତ କରିଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏହାର କ୍ଷମତା ପ୍ରୟୋଗ କରି ଏହି ନୋଟିସ୍ ପ୍ରକାଶନ ତାରିଖର **୭ ଦିନ** ମଧ୍ୟରେ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରିବାକୁ ଆପଣଙ୍କୁ କୁହାଯାଉଛି। ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟ ଅଧିକାରର ପ୍ରୟୋଗ ବ୍ୟତୀତ ଆପଣଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ବକେୟା ଋଣ ଆଦାୟକରଣ ପାଇଁ ଉପରୋକ୍ତ ସୁନା ଅଳଙ୍କାରଗୁଡିକର ନିଲାମ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆମେ ଆଶା କରୁଛୁ, ଆପଣ ଏଭଳି ପରିସ୍ଥିତି ଠାରୁ ଦୂରେଇ ରହିବେ ଏବଂ ତୁରନ୍ତ ବକେୟା ଦେୟ ଦାଖଲ କରିବେ।

ସ୍ଥାନ : ଜାମୁକୋଲି, ତାରିଖ : ୨୦.୦୨.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## ସୁଧୁରୁନି କ୍ୟାପିଟାଲ୍ ହସ୍ପିଟାଲ୍ ପାର୍କିଂ ସମସ୍ୟା

# ଗାଡ଼ି ରଖିବା, କାଢ଼ିବାରେ ବେଳ ଯାଉଛି

ଭୁବନେଶ୍ୱର, ୨୦।୨(ସମିସ): ପ୍ରତିଦିନ ଶହଶହ ଲୋକ ଚିକିତ୍ସା ପାଇଁ ଆସୁଥିବା ରାଜଧାନୀର ପ୍ରମୁଖ କ୍ୟାପିଟାଲ ହସ୍ପିଟାଲର ପାର୍କିଂ ବ୍ୟବସ୍ଥା ଲୋକଙ୍କୁ ନୟାନ୍ତ କରୁଛି। ଦୀର୍ଘଦିନ ଧରି ପାର୍କିଂ ସମସ୍ୟା ଭୋଗୁଛନ୍ତି ରୋଗୀ ଏବଂ ସେଠାକୁ ଆସୁଥିବା ତାଙ୍କ ସମ୍ପର୍କୀୟ। ଅବ୍ୟବସ୍ଥିତ ହୋଇ ରହିଥିବା ଏହି ପାର୍କିଂ ପରିସର ସମସ୍ୟା ଆଜି ନୂଆ ନୁହଁ, ବରଂ ଅନେକ ଦିନ ହେଲାଣି ସେହି ସମାନ ପରିସ୍ଥିତି।



ପ୍ରତିଦିନ ଲୋକ ଗାଡ଼ି କାଢିବା ଏବଂ ନେବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଆପଣ କ୍ୟାପିଟାଲ ହସ୍ପିଟାଲ ଆସୁଛନ୍ତି, ତେବେ ପାର୍କିଂ ପାଇଁ ମଧ ହାତରେ କିଛି ସମୟ ନେଇ ଆସନ୍ତୁ ବୋଲି ପରିସରରେ ପାର୍କିଂ କରୁଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। କ୍ୟାପିଟାଲ ହସ୍ପିଟାଲ ପରିସରରେ ଗାଡ଼ି ରଖିବାକୁ ଦୁଇଟି ପାର୍କିଂସ୍ଥଳ ଥିବାବେଳେ ଗୋଟିଏରେ କେବଳ ସାଇକଲ ଓ ବାଇକ୍ ରହୁଛି। ଅନ୍ୟଟି ଉଭୟ ଦୁଇ ଚକିଆ ଓ ଚାରିଚକିଆ ଯାନ ପାଇଁ ଉଦ୍ଦିଷ୍ଟ। ହେଲେ ସେଥିମଧ୍ୟରୁ ଆହାର କେନ୍ଦ୍ର ନିକଟରେ ସବୁବେଳେ ଗାଡ଼ି ପାର୍କିଂ ଜାଗା ପୂରା ରହୁଛି। ଅନ୍ୟ ସ୍ଥାନରେ ଲୋକ ଗାଡ଼ି ରଖିବାକୁ ଠେଲାପେଲା। ଯଦିଓ ଜଣେ ଗାଡ଼ି ରଖିଛି, ତେବେ ଫେରିଲାବେଳେ ଗାଡ଼ି କାଢ଼ିବା ମୁସ୍କିଲ୍ ହୋଇଯାଉଛି। ଏଭଳି ପରିସ୍ଥିତିରେ ଲୋକ ନିଜ ନିଜ ଭିତରେ ଗାଡ଼ି ରଖିବାକୁ ଠେଲାପେଲା ହେଲା ଭଳି ପରିସ୍ଥିତି ଉପୁଜୁଛି। ଅଧିକାଂଶ ସମୟରେ ରୋଗୀଙ୍କୁ ନେଇ ଆସିଥିବା ତାଙ୍କ ପରିବାର ଲୋକ ପାର୍କିଂ ପାଇଁ ତାଙ୍କୁ ଠିଆ କରି ଆସିଲାବେଳକୁ ରୋଗୀଙ୍କୁ ସେ ପରିସ୍ଥିତିରେ ମଧ ଅପେକ୍ଷା କରିବାକୁ ପଡୁଛି। ପାର୍କିଂ ପାଇଁ ଯଦି ଏମିତି ସମୟ ଯିବ, ଚିକିତ୍ସା ପାଇଁ କେତେବେଳେ ଯିବୁ ବୋଲି ପରିସରରେ ଉପସ୍ଥିତ କିଛି ଲୋକ ମତ ଦେଇଛନ୍ତି। କେବଳ ସେତିକି ନୁହଁ ବରଂ ସେହି ପାର୍କି ପରିସର ମଧ୍ୟରେ ନାକରେ ରୁମାଲ ନଦେଇ ଯାଇ ହେଉନାହିଁ। କିଛି ସ୍ଥାନରେ ଅଳିଆ ଓ ପ୍ଲାଷ୍ଟିକ ଜରି ପଡ଼ିରହୁଛି। ଦୁର୍ଗନ୍ଧ ଯୋଗୁଁ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ହେଲେ ଏଯାଏଁ ପାର୍କିଂ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବା ନଜରକୁ ଆସୁନାହିଁ। ଏ ସମ୍ପର୍କରେ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ମତାମତ ନେବା ସମ୍ଭବ ହୋଇପାରି ନ ଥିଲା। ତେବେ ଅନ୍ୟଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏବେ କ୍ୟାପିଟାଲ୍ ହସ୍ପଟାଲ ପିଜି ବିଭାଗ ବିଲ୍ଡିଂ ନିର୍ମାଣ କାମ ଚାଲିଛି। ସରିବା ପରେ ପାର୍କିଂ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ସେ କହିଛନ୍ତି।



ଟେଣ୍ଡର ନିୟମରେ ତଞ୍ଚକତାର ପ୍ରତିବାଦ ସମେତ ୮ ଦଫା ଦାବିରେ ଓଡ଼ିଶା ଠିକାଦାର ମହାସଂଘ ମିଳିତ ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ

## ଝାରପଡ଼ା ଜେଲ୍‌ର ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୦।୨(ସମିସ): ଶୁକ୍ରବାର ଝାରପଡ଼ା ଜେଲରେ ରହୁଥିବା ବିଚାରଧୀନ କଏଦୀଙ୍କର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ କଏଦୀ ହେଲେ ଡୁମୁଡୁମାର କାହ୍ନା ଦାସ(୨୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖଣ୍ଡଗିରି ଥାନାର ଏକ ଚୋରି ମାମଲାରେ ଗତ ଏପ୍ରିଲ ମାସରେ କାହ୍ନା ଗିରଫ ହୋଇ ଝାରପଡ଼ା ଜେଲକୁ ଆସିଥିଲେ। ହେଲେ ଜେଲରେ ତାଙ୍କୁ ଗତ ୧୦ ତାରିଖରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ତାଙ୍କୁ ପ୍ରଥମେ ଜେଲ ମେଡ଼ିକାଲରେ ଚିକିତ୍ସା କରାଯାଇଥିବା ବେଳେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରି ନ ଥିଲା। ଶେଷର ତାଙ୍କୁ ଗତ ୧୪ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁତର ହେବାରୁ ଶୁକ୍ରବାର ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। କାହ୍ନାର ପରିବାର ଲୋକ ଜେଲ କର୍ତ୍ତୃପକ୍ଷଙ୍କ ଦୋଷ ଦେଇଛନ୍ତି। ଜେଲ ୱାର୍ଡରେ ମଶାରେ ଶୁଆଇଛନ୍ତି। ଯେଉଁଥି ପାଇଁ ତାଙ୍କୁ ମ୍ୟାଲେରୀଆ ଜ୍ୱର ହେବାରୁ ତାର ମୃତ୍ୟୁ ଘଟିଛି। ଏହାର ନିରପେକ୍ଷ ତଦନ୍ତ ହେଉ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

## ଏଏମ୍‌ଟିଜେଡି ସହ ନାରାୟଣ ସେବା ସଂସ୍ଥାର ୫ ବର୍ଷିଆ ଚୁକ୍ତି



ଭୁବନେଶ୍ୱର, ୨୦।୨(ସମିସ): ଆନ୍ଧ୍ରପ୍ରଦେଶ ସରକାରଙ୍କ ମେଡିକାଲ୍ ଟେକ୍ନୋଲୋଜି ପାର୍କ ଆନ୍ଧ୍ରପ୍ରଦେଶ ମେଡ଼ିଟେକ ଜୋନ ଲିମିଟେଡ଼ (ଏଏମଟିଜେଡ) ପକ୍ଷରୁ ଦିବ୍ୟାଙ୍ଗଙ୍କ ପୁନର୍ବାସନରେ କାର୍ଯ୍ୟରତ ନାରାୟଣ ସେବା ସଂସ୍ଥାନ (ଏନଏସଏସ) ମଧ୍ୟରେ ୫ ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱଦେଶୀ ଓ ସୁଲଭ ମୂଲ୍ୟରେ ଉଚ୍ଚମାନର ପ୍ରୋସଥେଟିକ୍ ଓ ସହାୟକ ପ୍ରଯୁକ୍ତି ଉନ୍ନତି କରିବା ଏହି ସହଯୋଗର ପ୍ରମୁଖ ଲକ୍ଷ୍ୟ। ଉଭୟ ସଂସ୍ଥା ମିଶି ୨୦୩୦ ସୁଦ୍ଧା ଜାତୀୟ ସ୍ତରରେ ୧ ଲକ୍ଷ ଉଚ୍ଚମାନର କୃତ୍ରିମ ଅଙ୍ଗ ପ୍ରଦାନ କରିବାକୁ ଲକ୍ଷ୍ୟ ଧାରଣ କରିଛନ୍ତି। ୨୦୧୧ ଜନଗଣନା ଅନୁସାରେ ଦେଶରେ ୨.୬୮ କୋଟି ଦିବ୍ୟାଙ୍ଗ ରହିଥିବାବେଳେ, ତାଙ୍କ ମଧ୍ୟରୁ ଲକ୍ଷାଧିକ ଲୋକ ଚଳଚଳନ ସମସ୍ୟାରେ ପୀଡ଼ିତ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଏହି ବର୍ଗ ପାଇଁ ସୁଲଭ ମୂଲ୍ୟରେ ଗୁଣାୟକ ସହାୟକ ଉପକରଣ ପହଞ୍ଚାଇବା ଏବେ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏନଏସଏସର ନିର୍ଦ୍ଦେଶକ ପଲକ ଅଗ୍ରୱାଲ କହିଥିଲେ, ଏହି ସହଯୋଗ ଦେଶବ୍ୟାପୀ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣରେ ନୂଆ ଦିଗ ଖୋଲିବ। ସ୍ୱଦେଶୀ ଉତ୍ପାଦନ ମାଧମରେ ଉନ୍ନତ ଓ ଦୀର୍ଘସ୍ଥାୟୀ ପ୍ରୋସଥେଟିକ୍‌କୁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯିବ।

## ‘ଜନଜାତି ବିଭବ’, ‘ସମୀକ୍ଷାୟନ’ ଓ ‘ଚିନ୍ତା ଓ ଚେତନା’ ପାଠକାର୍ପଣ

ଭୁବନେଶ୍ୱର, ୨୦।୨(ସମିସ): ସୃଜନୀ ପରିବାର (ଚେନ୍ନାଇ) ଆନୁକୂଲ୍ୟରେ ଲୋହିଆ ଏକାଡେମୀ ସମ୍ମିଳନୀ ଗୃହରେ ପ୍ରବାସୀ ଓଡ଼ିଆଙ୍କ ‘ସୃଜନୀ ସୃଜନିକା ସାରସ୍ୱତ ସମାବେଶ’ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାରସ୍ୱତ ସାଧିକା ଡ଼. ବାସନ୍ତୀ ମହାନ୍ତିଙ୍କ ପ୍ରବନ୍ଧ ସଙ୍କଳନ ତ୍ରୟ ‘ଜନଜାତି ବିଭବ’, ‘ସମୀକ୍ଷାୟନ’ ଓ ‘ଚିନ୍ତା ଓ ଚେତନା’ ପୁସ୍ତକ ପାଠକାର୍ପଣ କରାଯାଇଥିଲା। ଏହି ସମାବେଶରେ ଆନ୍ତର୍ଜାତିକ ମାତୃଭାଷା ପୁରସ୍କାର (ୟୁନେସ୍କୋ) ପ୍ରାପ୍ତ ପଦ୍ମଶ୍ରୀ ଡ଼କ୍ଟର ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଲୋଚନାଚକ୍ରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (କୋରାପୁଟ) ର ପ୍ରାକ୍ତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷା-ଓଡ଼ିଶା ମହିଳା କମିଶନ ତଥା ସମାଜସେବୀ ଲୋପାମୁଦ୍ରା ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାକ୍ତନ ଜିଲ୍ଲାପାଳ ଡ଼. ଧରଣୀଧର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନା କରିଥିଲେ। ସଞ୍ଚାଳିତ ସଭା କାର୍ଯ୍ୟରେ ସୃଜନୀର ସମ୍ପାଦକ ଅଶୋକ ସାମନ୍ତ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିଘ୍ନେଶ୍ୱର ସାହୁ ଏବଂ ଗୌର ପ୍ରସାଦ ମହାପାତ୍ର ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ଉଦ୍ୟମୀ ୨.୦: ଗ୍ରାମୀଣ ଓଡ଼ିଶାର ଉନ୍ନତି ପାଇଁ ସହଯୋଗ

### ଯୁବ ଉଦ୍ୟମୀଙ୍କୁ ସଶକ୍ତ କରିବାର ପ୍ରୟାସ

ଭୁବନେଶ୍ୱର, ୨୦।୨(ସମିସ): ଦକ୍ଷିଣ ଓଡ଼ିଶାର ଦୁର୍ଗମ ଆଦିବାସୀ ଗ୍ରାମଗୁଡ଼ିକରେ ଯୁବଗୋଷ୍ଠୀ କାମର ସନ୍ଧାନରେ ନିଜ ଘର ଛାଡ଼ି ଅନ୍ୟ ଅଞ୍ଚଳକୁ ଯାଉଛନ୍ତି। ଏହି ପରିସ୍ଥିତିକୁ ବଦଳାଇବା ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ ଅଧୀନ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ସହଯୋଗୀ ସଂସ୍ଥା ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ବା ୟୁଏଆଇଏଲ୍‌ର ସମର୍ଥନରେ ଏବଂ ଏଣ୍ଟରପ୍ରେନରଶିପ୍ ଡିଭେଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ବା ଇଡିଆଇଆଇ ଦ୍ୱାରା କାର୍ଯ୍ୟାନୁଷ୍ଠିତ ‘ଉଦ୍ୟମୀ ୨.୦’ ନାମକ ବିଶେଷ ପ୍ରକଳ୍ପ ଗ୍ରାମୀଣ ଯୁବମାନଙ୍କୁ ନିଜ ଗ୍ରାମରେ ଛୋଟ ବ୍ୟବସାୟ ଆରମ୍ଭ କରିବା ପାଇଁ ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଏହା ଦ୍ୱାରା ସେମାନେ ଆତ୍ମନିର୍ଭର ହେବା ସହିତ ଅନ୍ୟତ୍ର ପ୍ରବାସ କମିବାରେ ସାହାଯ୍ୟ ମିଳୁଛି। ଏହି ପ୍ରୟାସଟି ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକ ରେ ୧୮୧ଟି ଗ୍ରାମ ରେ କାର୍ଯ୍ୟାନ୍ୱିତ ହେଉଛି। ଏହି ପ୍ରକଳ୍ପରେ କୃଷି ବ୍ୟତୀତ ଓ କୃଷି ସହଯୋଗୀ କ୍ଷେତ୍ରରେ ଏବଂ ଅଣକୃଷିଭିତ୍ତିକ ଉଦ୍ୟମ ଆରମ୍ଭ କରିବାକୁ ଉତ୍ସାହ ଦିଆଯାଉଛି। ବିଶେଷକରି ମହିଳାମାନେ, ଆଦିବାସୀ ସମୁଦାୟ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗୋଷ୍ଠୀଙ୍କୁ ପ୍ରାଥମିକତା ଦିଆଯାଉଛି। ଏଥିରେ ବ୍ୟବସାୟ ଧାରଣା, ଉତ୍ପାଦନ ତିଆରି କରିବା ଓ କୌଶଳ ବିକାଶ ପ୍ରଶିକ୍ଷଣରୁ ଆରମ୍ଭ କରି ବ୍ୟବସାୟ ସ୍ଥାପନ, ଆଇନଗତ ନିବନ୍ଧନ, ଅର୍ଥ ସହାୟତା, ପରିଚୟ ସୃଷ୍ଟି ଏବଂ ବଜାର ସହ ଯୋଗାଯୋଗ ସ୍ଥାପନ ପର୍ଯ୍ୟନ୍ତ ସମସ୍ତ ସହାୟତା ଦିଆଯାଉଛି। ଉଦ୍ୟମୀ ୨.୦ ଅଧୀନରେ ମାଣ୍ଡିଆ ଆଧାରିତ କାଫେ ଓ ଅନଲାଇନ୍ ରାନ୍ଧଣା ସେବା କେନ୍ଦ୍ର, ଫ୍ଲାଇ ଆଶ ଇଟା ତିଆରି କାରଖାନା, କୃଷି ଉତ୍ପାଦ ପ୍ରସ୍ତୁତିକରଣ ଇଆଦି ରହିଛି।




## ଏକ ଶ୍ରମିକ, କୃଷକ ବିରୋଧୀ ବଜେଟ: ସିପିଆଇ (ଏମ୍)

ଭୁବନେଶ୍ୱର, ୨୦।୨(ସମିସ): ଓଡ଼ିଶା ବଜେଟରେ ରାଜ୍ୟର ଶ୍ରମଜୀବୀ ଏବଂ କୃଷିଜୀବୀ ଲୋକଙ୍କ ପାଇଁ ସହାୟତା ଅତି ନଗଣ୍ୟ ବୋଲି ସିପିଆଇ(ଏମ) ଓଡ଼ିଶା ରାଜ୍ୟ ସମ୍ପାଦକମଣ୍ଡଳୀ ମତ ବ୍ୟକ୍ତ କରିଛନ୍ତି। ସରକାର ଏହି ବଜେଟ୍‌କୁ ‘ଗରିବମୁଖୀ’ଓ ‘ସମାବେଶୀ’ ବୋଲି ପ୍ରଚାର କରୁଥିଲେ ମଧ, ପ୍ରକୃତରେ ଏଥିରେ ଶ୍ରମିକ, କୃଷକ, ଯୁବ, ମହିଳା ଓ ପଛୁଆ ବର୍ଗର ମୂଳ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ କୌଣସି ପ୍ରାବଧାନ ନାହିଁ। ଏହି ବଜେଟ୍ ପୂର୍ବପରି ଏହାର କର୍ପୋରେଟ ସପକ୍ଷବାଦୀ ଓ ଲୋକ ବିରୋଧୀ ଆଭିମୁଖ୍ୟକୁ ଜାରି ରଖିଛି। ମୂଲ୍ୟବୃଦ୍ଧି ଓ ବେକାରୀ ସମସ୍ୟା ଉପରେ ପ୍ରଭାବୀ ପଦକ୍ଷେପ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଓ ଯୁବମାନଙ୍କ ମଧ୍ୟରେ ବଢୁଥିବା ଉତ୍କଟ ବେକାରୀ ସମସ୍ୟାକୁ ରୋକିବା ପାଇଁ ବଜେଟ୍‌ରେ କୌଣସି ଠୋସ ପଦକ୍ଷେପ ଦେଖାଯାଉ ନାହିଁ ବୋଲି ସିପିଆଇ (ଏମ) କହିଛି। ବିଶାଳ ସଂଖ୍ୟାର ଭାଗଚାଷୀ ଓ କୃଷି ଶ୍ରମିକମାନେ ସର୍ବନିମ୍ନ ସୁବିଧା ପାଇବା ପାଇଁ କୌଣସି ଘୋଷଣା ହୋଇ ନାହିଁ। କର୍ପୋରେଟ୍-କୈନ୍ଦ୍ରିକ ବିକାଶ ମଡେଲ୍ ଜାରି ରହିଛି। ପ୍ରାକୃତିକ ସମ୍ପଦ ଓ ସରକାରୀ ସମ୍ପତ୍ତିକୁ ବଡ଼ କର୍ପୋରେଟ୍‌ଙ୍କ ହାତରେ ଟେକିଦେବା ନୀତି ବଳବତ୍ତର ରହିଛି। ସରକାରୀ ଉଦ୍ୟୋଗ ଗୁଡିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ବସ୍ତି ବାସିନ୍ଦା, ଅସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିସ୍ତାର, ନ୍ୟୁନତମ ମଜୁରୀ ଓ ଚାକିରି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବଜେଟ୍‌ରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନାହିଁ। ବହୁ ସଂଖ୍ୟକ ଜଙ୍ଗଲ ଅଧିକାର ପଟ୍ଟା ଦାବି ଅପେକ୍ଷାରେ ଥିବା ସତ୍ତ୍ୱେ, ସେଗୁଡ଼ିକୁ ସମାଧାନ କରିବା ପାଇଁ ନିର୍ଦ୍ଦିଷ୍ଟ ଯୋଜନା ନାହିଁ ବୋଲି କହିବା ସହ ସିପିଆଇ (ଏମ୍) କିଛି ପଦକ୍ଷେପ ଦାବି କରିଛି। ସରକାରୀ ପୁଞ୍ଜି ବିନିଯୋଗ ବଢ଼ାଇ ନିଯୁକ୍ତି ଗ୍ୟାରେଣ୍ଟି ଓ ସହର ରୋଜଗାର ଯୋଜନା ଆରମ୍ଭ କରାଯାଉ। ଏମଏସପି ର ଆଇନଗତ ସୁନିଶ୍ଚିତ କରି ସାର୍ବଜନୀନ ଧାନ କ୍ରୟ କରାଯାଉ। ସରକାରୀ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରାଯାଉ। ଜଙ୍ଗଲ ଅଧିକାର ଦାବିଗୁଡ଼ିକୁ ସମୟସୀମା ଭିତରେ ଚୂଡାନ୍ତ କରାଯାଉ। ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦିଆଯାଉ। ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସିପିଆଇ (ଏମ) ଦାବି କରିଛି।

## ‘ଅନସୂୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର’ ପାଇଁ ପୁସ୍ତକ ଆମନ୍ତ୍ରଣ

ଭୁବନେଶ୍ୱର, ୨୦।୨(ସମିସ): ଅନସୂୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର ନିମନ୍ତେ ଆଗ୍ରହୀ ଯୁବଲେଖିକାମାନଙ୍କ ପୁସ୍ତକ ଆମନ୍ତ୍ରଣ କରାଯାଇଛି। ଲେଖିକା କିମ୍ବା ପ୍ରକାଶକ କିମ୍ବା ପ୍ରସ୍ତାବକ ଏହି ପୁରସ୍କାର ପାଇଁ ପୁସ୍ତକ ପଠାଇପାରିବେ। ଲେଖିକାଙ୍କ ବୟସ ୩୦ରୁ ଅଧିକ ହୋଇ ନ ଥିବ ଏବଂ ସମ୍ପୃକ୍ତ ପୁସ୍ତକଟି ୨୦୨୩/ ୨୦୨୪/ ୨୦୨୫ ମସିହାରେ ପ୍ରକାଶ ପାଇଥିବ। ମନୋନୟନ ନିମନ୍ତେ ଲେଖିକାଙ୍କ ପୁସ୍ତକର ୨ଟି କପି ସହିତ ଲେଖିକାଙ୍କ ସମ୍ପୂର୍ଣ୍ଣ ଡାକ ଠିକଣା, ମୋବାଇଲ ନମ୍ବର ଏବଂ ଜନ୍ମ ତାରିଖ ପ୍ରମାଣପତ୍ର ଚଳିତ ମାସ ୨୮ ତାରିଖ ସୁଦ୍ଧା ସୂର୍ଯ୍ୟ ମିଶ୍ର, ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର -୭୫୧୦୦୨ ଫୋନ୍ ନମ୍ବର-୬୩୭୧୪୩୫୨୮୮ ଠିକଣାରେ ପହଞ୍ଚିବା ଆବଶ୍ୟକ। ‘ଅନସୂୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର’ ବାବଦରେ ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ପୁସ୍ତକର ଲେଖିକାଙ୍କୁ ଆସନ୍ତା ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ୨୧ ହଜାର ଟଙ୍କା ସହିତ ସମ୍ମାନିତ କରାଯିବ ବୋଲି ଆୟୋଜକ ଅନୁଷ୍ଠାନ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ସୂଚନା ଦେଇଛନ୍ତି।

## କୃଷକଙ୍କ ସହାୟତା ପାଇଁ କିସାନ ସାରଥି ୨.୦ର ଶୁଭାରମ୍ଭ

● ଓୟୁଏଟିରେ କୃଷି ବୈଜ୍ଞାନିକଙ୍କ ପାଇଁ ସ୍ୱତନ୍ତ୍ର କର୍ମଶାଳା




ଭୁବନେଶ୍ୱର, ୨୦।୨(ସମିସ): ଡିଜିଟାଲ ଜ୍ଞାନର ସଦୁପଯୋଗ ଦ୍ୱାରା କୃଷକମାନେ ସମୟୋପଯୋଗୀ ଓ ଗୁଣବତ୍ତାପୂର୍ଣ୍ଣ ପରାମର୍ଶ ପାଇପାରିବେ। ଯାହା କୃଷି ଉତ୍ପାଦନକୁ ଆହୁରି ସୁଦୃଢ଼ କରିବ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଓୟୁଏଟି ଆଇସିଏଆର-ଏଟିଏଆରଆଇର ମିଳିତ ଅନୁକୂଲ୍ୟରେ ଆୟୋଜିତ କିସାନ ସାରଥି ୨.୦: କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକମାନଙ୍କୁ ସଚେତନ ଓ ଜାଗୃକତା ପାଇଁ କର୍ମଶାଳାରେ ଯୋଗ ଦେଇ କୁଳପତି ଏହା କହିଛନ୍ତି। ଏହି ଅବସରରେ ଚାଷୀଙ୍କ ହିତ ପାଇଁ ପ୍ରସ୍ତୁତ କରାଯାଇଥିବା କିସାନ ସାରଥି ୨.୦ ଶୀର୍ଷକ ଏକ ଭିଡିଓର ଓଡ଼ିଆ ରୂପାନ୍ତରଣକୁ କୁଳପତି ଉନ୍ମୋଚନ କରିଛନ୍ତି। ଏହି ଆପ ଜରିଆରେ ଚାଷୀମାନେ ନିଜ ଫୋନ ଯୋଗେ ଚାଷ ସମ୍ପର୍କିତ ସମସ୍ୟା ସିଧା ସଳଖ କୃଷି ବିଜ୍ଞାନୀମାନଙ୍କୁ ପ୍ରଶ୍ନ କରି ପାରିବେ ଓ ଉତ୍ତର ମଧ ପାଇପାରିବେ। ସେହିଭଳି ଆଗୁଆ ପାଣିପାଗ ଆକଳନ ମଧ ପାଇପାରିବେ ଓ ଏହା ସହ ସହଜ ଭାବେ ପ୍ରସ୍ତୁତ ଏହି ଆପରେ ଫଟୋ, ଭିଡ଼ିଓ ଓ ଅଡିଓ ମାଧ୍ୟମରେ ଚାଷୀ ସିଧା ସଳଖ କୃଷି ବିଶେଷଜ୍ଞଙ୍କ ସହ ଯୋଡି ହୋଇପାରିବେ। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଚାଷୀଙ୍କୁ ସଚେତନ କରାଇବାକୁ କୁଳପତି ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଇସିଏଆର ଉପମହାନିର୍ଦ୍ଦେଶକ ଡ଼. ରାଜବୀର ସିଂହ, ଆଇସିଏଆର ନୂଆଦିଲ୍ଲୀ (ଆଇସିଏଆର) ର ସହାୟକ ମହାନିର୍ଦ୍ଦେଶକ ଡ଼. ଅନିଲ ରାୟ ଯୋଗ ଦେଇଥିଲେ।

## ହର୍ବାଲ ହୋଲି ଖେଳ ପାଇଁ ପ୍ରସ୍ତୁତି ପର୍ବ



ଭୁବନେଶ୍ୱର, ୨୦।୨(ସମିସ): ସବୁ ବର୍ଷ ପରି ଏଥର ମଧ ଭୁବନେଶ୍ୱରରେ ୧୫ତମ ହର୍ବାଲ ହୋଲି ପାଳନ କରିବା ହେବାକୁ ଯାଉଛି। ଲାଭିନ୍ସଉଡ୍ ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ସ୍ୱପ୍ନା ପତି ଫାଉଣ୍ଡେସନ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କେମିକାଲ୍ ମୁକ୍ତ ହୋଲି ଉତ୍ସବ ବିଷୟରେ ସଚେତନତା ପ୍ରସାର କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେହି ପରିପ୍ରେକ୍ଷୀରେ କଳିଙ୍ଗ ରେଳ ସଂଗ୍ରହାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ଆୟୋଜିକା ସ୍ୱପ୍ନା ପତି, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ପ୍ରିୟଙ୍କା, ଅଭିନେତା ଶୁଭାଶିଷ ଶର୍ମା, ଓଡିଶୀ ନୃତ୍ୟ ଗୁରୁ ଗୌରୀ ଶଙ୍କର ଦାସ, ପ୍ରଯୋଜକ ରାଜେଶ ମହାନ୍ତି, ରାକେଶ ମହାନ୍ତି, ସତ୍ୟଜିତ ମହାନ୍ତି, ହାସ୍ୟ ଅଭିନେତା ଡ. ଋଷି ପଟ୍ଟନାୟକ, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ହର୍ବାଲ ହୋଲି ୨୦୧୧ ମସିହାରେ ‘କେମିକାଲ୍ ରଙ୍ଗରୁ ଆପଣଙ୍କ ଚର୍ମକୁ ରକ୍ଷା କରନ୍ତୁ’ ବାର୍ତ୍ତା ସହିତ ଆରମ୍ଭ ହୋଇଥିଲା।

ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୨ରେ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀମାନେ ହଳଦୀ, ଚନ୍ଦନ, ମୁଲତାନି ମାଟି, ନିମ୍ବ ଏବଂ ବିଟ୍‌ରୁଟ୍ ପରି ପ୍ରାକୃତିକ ଉପାଦାନରୁ ନିର୍ମିତ ହର୍ବାଲ ରଙ୍ଗ ବ୍ୟବହାର କରି ହୋଲି ଖେଳିବେ। ଏହି ଉତ୍ସବରେ ଶେହଜାଦ୍ ଅଲ୍ଲୀ, ଶବାବ୍ ସାବ୍ରି, ଏଜାଜ୍ ଖାନ୍ ଏବଂ ଉର୍ଫି ଜାଭେଦ୍‌ଙ୍କ ସମେତ ଲୋକପ୍ରିୟ ବଲିଉଡ ଏବଂ ଓଲିଉଡ କଳାକାରଙ୍କ ଦ୍ୱାରା ଲାଇଭ୍ ପ୍ରଦର୍ଶନ ମଧ ରହିବ।

## ବୋଲଗଡ଼ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ନିନ୍ଦା

### ପିଡି ଡିଆରଡିଏଙ୍କୁ ବିଜେଡି ପ୍ରତିନିଧିଙ୍କ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର/ଖୋର୍ଦ୍ଧା, ୨୦।୨ (ସମିସ): ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଦ୍ୱାରା ଅଗଣତାନ୍ତ୍ରିକ କାର୍ଯ୍ୟ ଓ ଦଳୀୟ ଭିତ୍ତିରେ ପକ୍ଷପାତ ବ୍ୟବହାର, ପ୍ରଶାସନିକ ଅନିୟମିତାକୁ ତୀବ୍ର ଭାବେ ନିନ୍ଦା କରିଛି ବିଜୁ ଜନତା ଦଳ। ବୋଲଗଡ଼ ବ୍ଲକରେ ଘଟୁଥିବା ଘଟଣାକୁ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହା ପଞ୍ଚାୟତସ୍ତରରେ ଲୋକତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପାଇଁ କ୍ଷତିକାରକ ବୋଲି ବିଜେଡି କହିଛି।

ଗତ ୮ ଦିନ ଧରି ବିଭିନ୍ନ ରାଜନୈତିକ ଦଳର ନିର୍ବାଚିତ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ସାଧାରଣ ବିକାଶମୂଳକ ସମସ୍ୟାଗୁଡ଼ିକୁ ଉଠାଇ ଆସୁଛନ୍ତି। ଏଥିରେ କଲ୍ୟାଣକାରୀ ଯୋଜନାର ରୂପାୟନରେ ବିଳମ୍ବ, ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଅଧାଗଢ଼ା କାମ ଓ ଗ୍ରାମୀଣ ଲାଭାର୍ଥୀମାନଙ୍କ ସମସ୍ୟା ସମ୍ମିଳିତ ଅଛି। ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଚାଲିଛି। ସେହିପରି ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ଗଠନମୂଳକ ଆଲୋଚନା କରିବା ପରିବର୍ତ୍ତେ, ବିଡିଓ ମୁକାବିଲା ମନୋଭାବ ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସେହିଭଳି ଧାରଣା ସମୟରେ ନିର୍ବାଚିତ ବ୍ଲକ ଚେୟାରମ୍ୟାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିବାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି।




ସେହିଭଳି ବ୍ଲକ ପ୍ରଶାସନରେ କଥିତ ଦଳପକ୍ଷପାତୀ କାର୍ଯ୍ୟପ୍ରଣାଳୀ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିଛି। ସରକାରୀ କର୍ମଚାରୀମାନେ ରାଜନୈତିକ ନିରପକ୍ଷତା ରକ୍ଷା କରି ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସମନ୍ୱୟରେ ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ କାମ କରିବାକୁ ବାଧ୍ୟ ବୋଲି ଦଳ ଜୋର ଦେଇଛି। ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ନାରାୟଣ ଜେନା ଏବଂ ରିତାଞ୍ଜଳି ପ୍ରଧାନଙ୍କ ସମେତ ବିଜେଡି ନେତାମାନଙ୍କ ଏକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପିଡିଡିଆରଡିଏଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ବିଜେଡି ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ସ୍ୱଚ୍ଛ ଓ ସମୟସୀମାବଦ୍ଧ ତଦନ୍ତ, କଥିତ ଭାବେ ବ୍ଲକ ଚେୟାରମ୍ୟାନଙ୍କୁ ପ୍ରବେଶ ଅନୁମତି ନମିଳିବାର ପରିସ୍ଥିତିର ଅନୁଧାନ ଏବଂ ପ୍ରଶାସନିକ ନିରପେକ୍ଷତା ଓ ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ପୁନରୁଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ଦାବି କରିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୮ ● ପାଉଣ୍ଡ ୧୨୨.୯୦
- ୟୁରୋ ୧୦୭.୩୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୮୧୪.୦୦
- ନିଫ୍ଟି ୨୫,୫୭୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ୧୬ ଏଆଇ ଓ ଡିପ୍‌ଟେକ୍ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

# ଏଆଇ ନବସୃଜନର ବିଶ୍ୱ ଗତି କ୍ରମଶଃ ଭାରତମୁହାଁ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥଠାରେ ଏଆଇ ଏବଂ ଡିପ୍‌ଟେକ୍ ଷ୍ଟାର୍ଟଅପ୍ସ ସିଇଓମାନଙ୍କ ସହିତ ଏକ ଗୋଲଟେବୁଲ ବୈଠକ କରିଛନ୍ତି। ଗୋଲଟେବୁଲରେ ଅଂଶଗ୍ରହଣ କରିଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ଜନସଂଖ୍ୟାସ୍ତରୀୟ ଆହ୍ୱାନଗୁଡ଼ିକର ସମାଧାନ କରୁଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ସେମାନେ ଉନ୍ନତ ନିଦାନ, ଜିନ୍ ଥେରାପି ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ଗୁଣାତ୍ମକ ସେବା ଯୋଗାଇବା ନିମନ୍ତେ ପ୍ରଭାବୀ ରୋଗୀ ରେକର୍ଡ ପରିଚାଳନା ଲାଗି ଏଆଇ ବ୍ୟବହାର କରୁଛନ୍ତି। କୃଷିରେ ସେମାନେ ଉତ୍ପାଦକତା ବୃଦ୍ଧି ଓ ଜଳବାୟୁ ବିପଦର ମୁକାବିଲା ପାଇଁ ଭୂ-ସ୍ଥାନିକ ଏବଂ ଗଭୀରଜଳ ବୁଦ୍ଧିମତା ବ୍ୟବହାର କରୁଛନ୍ତି। ଏହି ଗୋଷ୍ଠୀରେ ସାଇବର ସୁରକ୍ଷା, ନୈତିକ ଏଆଇ, ମହାକାଶ, ଶିକ୍ଷା ଓ ନ୍ୟାୟିକ ସେବାରେ ଆଞ୍ଚଳିକ ଭାଷାର ବ୍ୟବହାର ଦ୍ୱାରା ସାମାଜିକ ସଶକ୍ତୀକରଣ ଏବଂ ଶିଳ୍ପ ଉତ୍ପାଦକତାକୁ ସୁଦୃଢ଼ କରିବା ପାଇଁ ପାରମ୍ପରିକ ବ୍ୟବସ୍ଥାର ଆଧୁନିକୀକରଣ ଉପରେ କେନ୍ଦ୍ରିତ ଷ୍ଟାର୍ଟଅପମାନେ ଅନ୍ତର୍ଭୁକ୍ତ ଥିଲେ। ମିଳିତ ଭାବେ ସେମାନେ ଏକ ଇକୋସିଷ୍ଟମର ପ୍ରତିନିଧିତ୍ୱ କରୁଛନ୍ତି ଯାହାକି ସ୍ଥାନୀୟ ଆବଶ୍ୟକତାକୁ ପୂରଣ କରିବା ସହ ଏଆଇ-ଚାଳିତ ନବସୃଜନରେ ବିଶ୍ୱ ନେତୃତ୍ୱ ନିର୍ମାଣ କରୁଛି।


ଏଆଇ ଷ୍ଟାର୍ଟଅପ୍‌ଗୁଡିକ କୃତ୍ରିମ ବୁଦ୍ଧିମତ୍ତା ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ସେମାନେ ଏହି କ୍ଷେତ୍ରର ଦ୍ରୁତ ପ୍ରସାର ଏବଂ ଅପାର ସମ୍ଭାବନା ଉପରେ ଆଲୋକପାତ କରି ପ୍ରକାଶ କରିଥିଲେ ଯେ ଏଆଇ ନବସୃଜନର ବିଶ୍ୱ ଗତି କ୍ରମଶଃ ଭାରତ ଆଡକୁ ଗତି କରୁଛି। ସେମାନେ କହିଥିଲେ ଯେ ଦେଶ ଏବେ ଏଆଇ ପ୍ରଗତି ପାଇଁ ଏକ ସହାୟକ ଏବଂ ଗତିଶୀଳ ପରିବେଶ ପ୍ରଦାନ କରୁଛି, ବିଶ୍ୱ ଏଆଇ

ପ୍ରେକ୍ଷାପଟରେ ନିଜର ଉପସ୍ଥିତିକୁ ଦୃଢ଼ ଭାବରେ ପ୍ରତିଷ୍ଠା କରୁଛି। ସେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀକୁ ମଧ୍ୟ ପ୍ରଶଂସା କରିଥିଲେ, ଏହାକୁ ଏଆଇ ସମ୍ବନ୍ଧୀୟ ବିଶ୍ୱ ଆଲୋଚନାକୁ ଆକାର ଦେବାରେ ଦେଶର ବର୍ଦ୍ଧିତ ପ୍ରତିଷ୍ଠାର ପ୍ରତିଫଳନ ବୋଲି କହିଥିଲେ। ବଡ଼ ବଡ଼ ରିସ୍କ ନେବା ଏବଂ ପ୍ରଭାବଶାଳୀ ସମାଧାନ ସୃଷ୍ଟି କରିବା ପାଇଁ ଉଦ୍ଭାବକମାନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ କ୍ଷେତ୍ର ଯେପରିକି କୃଷି ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷକରି ଫସଲ ଉତ୍ପାଦକତା ତଦାରଖ, ସାର ବ୍ୟବହାରଠାରୁ ଆରମ୍ଭ କରି ମୃତ୍ତିକା ସ୍ୱାସ୍ଥ୍ୟରକ୍ଷା ଆଦିରେ ଏଆଇ ପ୍ରଯୁକ୍ତିର ବ୍ୟବହାର ସମ୍ଭାବନା ଉପରେ ସେ ଆଲୋଚନା କରିଥିଲେ। ଭାରତୀୟ ଭାଷା ଓ ସଂସ୍କୃତିର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇ ସେ ମାତୃଭାଷାରେ ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ଏଆଇର ବ୍ୟବହାର ଲାଗି ଆହ୍ୱାନ କରିଥିଲେ। ଏହି ବୈଠକରେ ଏବ୍ରିଜ୍, ଅଦାଲତ ଏଆଇ, ବ୍ରେନସାଇଟ୍ ଏଆଇ, କ୍ରେଡୋ ଏଆଇ, ଏକା କେୟାର୍, ଗ୍ଲିନ୍, ଇନୋଗଲ୍,ଇନଭିଡିଓ, ମିକୋ, ଓରିଜିନ୍, ପ୍ରୋଫେଜ୍, ରାସେନ୍, ରୁବ୍ରିକ୍, ସାଟସ୍ୟୋର୍, ସୁପରନୋଭା ଏବଂ ସାଇଫା ଏଆଇର ସିଇଓ ଏବଂ ପ୍ରତିଷ୍ଠାତାମାନେ ଉପସ୍ଥିତ ଥିଲେ। ମୁଖ୍ୟ ସଚିବ ଶ୍ରୀ ପି. କେ. ମିଶ୍ର, ମୁଖ୍ୟ ସଚିବ-୨ ଶକ୍ତିକାନ୍ତ ଦାସ ଏବଂ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।



# ଆଣ୍ଟିଲିଆରେ ହିଲାରୀ କ୍ଲିଣ୍ଟନ୍

**ମୁମ୍ବାଇ,୨୦।୨(ଏଜେନ୍ସି):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ତାଙ୍କ ପତ୍ନୀ ତଥା ରିଲାଏନ୍ସ ଫାଉଣ୍ଡେସନର ଫାଉଣ୍ଡର ଅଧ୍ୟକ୍ଷା ନୀତା ଅମ୍ବାନୀ ଶୁକ୍ରବାର ଅପରାହ୍ନରେ ତାଙ୍କ ମୁମ୍ବାଇସ୍ଥିତ ବାସଭବନ ଆଣ୍ଟିଲିଆରେ ଆମେରିକାର ପୂର୍ବତନ ବୈଦେଶିକ ମନ୍ତ୍ରୀ ହିଲାରୀ କ୍ଲିଣ୍ଟନ୍‌ଙ୍କୁ ସ୍ୱାଗତ କରିଛନ୍ତି। ହିଲାରୀଙ୍କ ସହିତ ଅମ୍ବାନୀ ପରିବାର ଅପରାହ୍ନକୁ ବନ୍ଧୁତା, ସାଂସ୍କୃତିକ ଆଦାନ ପ୍ରଦାନ ଓ ଭବିଷ୍ୟତ ଚର୍ଚ୍ଚାରେ କଟାଇଛନ୍ତି। ଏହି ଅବସରରେ ନୀତା ଓ ମୁକେଶ ଅମ୍ବାନୀଙ୍କ ସହ ତାଙ୍କ ଝିଅ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ନିର୍ଦ୍ଦେଶିକା ଇଶା ଅମ୍ବାନୀ ମଧ୍ୟ ଉପସ୍ଥିତ ଥିଲେ। ଅମ୍ବାନୀ ପରିବାର ଓ କ୍ଲିଣ୍ଟନ୍‌ଙ୍କ ସାକ୍ଷାତ ଆଲୋଚନାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କ୍ଲିଣ୍ଟନଙ୍କ ସହିତ ଏହି ସାକ୍ଷାତ ଆଲୋଚନା ମୁମ୍ବାଇ କ୍ଲାଇମେଟ ୱିକ୍ ପୂର୍ବରୁ ଅନୁଷ୍ଠିତ ହୋଇଛି। ଏଥିରେ କ୍ଲିଣ୍ଟନ ଭାରତୀର ଜଳବାୟୁ ନବସୃଜନ ଗ୍ରହଣୀୟତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ହିଲାରୀ କ୍ଲିଣ୍ଟନ ତାଙ୍କବୈଦେଶିକ ମନ୍ତ୍ରୀତ୍ୱ କାଳର ସ୍ମୃତିଚାରଣ କରିଥିଲେ।



# ପୁଣି ରେକର୍ଡ ସ୍ତରରେ ବୈଦେଶିକ ମୁଦ୍ରାଭଣ୍ଡାର

**ମୁମ୍ବାଇ,୨୦।୨(ଏଜେନ୍ସି):** ଫେବୃଆରୀ ୧୩ରେ ଶେଷ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାରରେ ୮.୬୬ ବିଲିୟନ ଡଲାର ବୃଦ୍ଧି ଘଟି ୭୨୫.୭୨ ବିଲିୟନ ଡଲାରରେ ପହଞ୍ଚିଛି। ତେବେ ବୈଦେଶିକ ମୁଦ୍ରାଭଣ୍ଡାରରେ ଏହା ଏ ପର୍ଯ୍ୟନ୍ତର ଶୀର୍ଷ ସ୍ତର। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବୈଦେଶିକ ମୁଦ୍ରାଭଣ୍ଡାରର ଫଳାଫଳ ଶୁକ୍ରବାର ଘୋଷଣା କରିବା ପରେ ଏହା ଜଣାପଡିଛି। ଜାନୁୟାରୀରେ ଏହି ଭଣ୍ଡାର ଏହାର ପୁରୁଣା ରେକର୍ଡ ୭୨୩.୭୭୪ ବିଲିୟନ ଡଲାରରେ ଥିଲା। ଆରବିଆଇ ତଥ୍ୟ ଅନୁସାରେ ବିଦେଶୀ ମୁଦ୍ରା ଆସେଟ୍ (ପରିସମ୍ପତ୍ତି) ୩.୫୫ ବିଲିୟନ ଡଲାର ବଢି ୫୭୩.୬୦ ବିଲିୟନ ଡଲାର ହୋଇଯାଇଛି।



ବଜାର ବିଶେଷଜ୍ଞ କହିଛନ୍ତି ଯେ, ଏହି ଅଭିବୃଦ୍ଧି ଅନ୍ତର୍ଜାତୀୟ ବଜାରରେ ଟଙ୍କା ମଜଭୁତ ହେବାର ଲକ୍ଷଣ। ସେହିପରି ଏଥିରୁ ରପ୍ତାନୀ ଓ ଆମଦାନୀରେ ସୁଧାରର ମଧ୍ୟ ଏହା ସଂକେତ। ସମୀକ୍ଷାଧୀନ ସପ୍ତାହରେ ଭାରତର ସ୍ୱର୍ଣ୍ଣ ଭଣ୍ଡାର ୪.୯୯ ବିଲିୟନ ଡଲାରରୁ ବଢି ୧୨୮.୪୬ ବିଲିୟନ ଡଲାର ହୋଇଯାଇଛି। ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ବଜାରରେ ଆସିଥିବା ପରିବର୍ତ୍ତନ ତଥା ଆରବିଆଇଙ୍କ ଦ୍ୱାରା ସକ୍ରିୟତାର ସହ ସ୍ୱର୍ଣ୍ଣ କ୍ରୟ ପାଇଁ ହୋଇଛି। ଦେଶର ଆର୍ଥିକ ସୁରକ୍ଷା ଓ ଅନ୍ତର୍ଜାତୀୟ ପେଠରେ ସ୍ୱର୍ଣ୍ଣକୁ ମଜଭୁତ ଆଧାର ମନେ କରାଯାଏ। ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଯୋଗୁ ଭାରତର ବିଶେଷ ଆହରଣ ଅଧିକାର(ଏସଡିଆର)ରେ ୧୦.୩କୋଟି ଡଲାର ବୃଦ୍ଧି ହୋଇଛି। ଫଳରେ ଏହା ୧୮.୯୨ବିଲିୟନ ଡଲାରକୁ ପହଞ୍ଚି ଯାଇଛି। ସେହିପରି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ)ରେ ଭାରତର ସଂରକ୍ଷିତ ଅଂଶରେ ମଧ୍ୟ ୧.୯ କୋଟି ଡଲାର ବୃଦ୍ଧି ହୋଇଛି, ଯାହା ଏବେ ୭.୭୩୪ ବିଲିୟନ ଡଲାର ହୋଇଯାଇଛି। ବିଶେଷଜ୍ଞଙ୍କ ଅନୁସାରେ ଏହି ବୃଦ୍ଧି ଆର୍ଥିକ ସ୍ଥିରତା ଓ ନିବେଶକଙ୍କ ଭରସାର ସଂକେତ। ବୈଦେଶିକ ମୁଦ୍ରା ଭଣ୍ଡାରର ଆକାର ବଢିବା ଯୋଗୁ ଆରବିଆଇଙ୍କୁ ମୁଦ୍ରା ଓ ବିଦେଶୀ ନେଣଦେଣର ଉଠାପକା ମୁକାବିଲାରେ ସହାୟତା ମିଳିବ। ଏଥିରେ ଆରବିଆଇ ଅଧିକାରୀ କହିଛନ୍ତି ଯେ ଯଦିଓ ଭଣ୍ଡାର ବଢିଛି ତଥାପି ବୈଶ୍ୱିକ ବଜାରରେ ଅସ୍ଥିରତା ଓ ଡଲାରର ଚାଲ ଉପରେ ନଜର ରଖିବା ଜରୁରି। ଭବିଷ୍ୟତରେ ରପ୍ତାନୀ, ଆମଦାନୀ ଓ ଅନ୍ତର୍ଜାତୀୟ ନିବେଶ ତଥ୍ୟ ଅନୁସାରେ ଭଣ୍ଡାର ତଳ ଉପର ହୋଇପାରେ। ମୋଟ ଉପରେ ଫେବୃଆରୀ ୧୩ ତାରିଖ ସୁଦ୍ଧା ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ତାର ରେକର୍ଡ ସ୍ତରକୁ ପହଞ୍ଚି ଯାଇଛି, ଯାହା ଦେଶର ଆର୍ଥିକ ସୁରକ୍ଷା ଓ ଅନ୍ତର୍ଜାତୀୟ ଆର୍ଥିକ ସ୍ଥିତିକୁ ଦୃଢ କରିଛି।

# ମାର୍ଚ୍ଚ ପହିଲାରେ ହାରୋର ୪୦ ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୦।୨(ସମିସ):** ହୋଟେଲ ଆଣ୍ଡ ରେଷ୍ଟୋରାଁ ସଂଘ ଓଡ଼ିଶା (ହାରୋ)ର ୪୦ତମ ପ୍ରତିଷ୍ଠା ଦିବସ ଆସନ୍ତା ମାର୍ଚ୍ଚ ପହିଲା ପୁରୀଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ସମ୍ବିତ୍ ପାତ୍ର ଏବଂ ବିଧାୟକ ସୁନୀଲ ମହାନ୍ତି ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ହାରୋ ଅଧ୍ୟକ୍ଷ ଡ. ଜେ.କେ ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟକୁ ପର୍ଯ୍ୟଟନ କ୍ଷେତ୍ରରେ ଅନ୍ୟତମ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ହାରୋ ରାଜ୍ୟ ସରକାରଙ୍କ ସହଯୋଗରେ ରାଜ୍ୟର ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳୀଗୁଡିକକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ। ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି୨୦୨୬ରେ ହାରୋର କେତେକ ସୁପାରିସକୁ ରାଜ୍ୟ ସରକାର ବିଚାରକୁ ନେଇଛନ୍ତି। ସେଗୁଡିକ ହେଉଛି, ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି, ସଂଶୋଧିତ ପୁଞ୍ଜି ନିବେଶ ସବ୍‌ସିଡି, ସ୍ୱତନ୍ତ୍ର ବର୍ଗରେ ଅଧିକ ପ୍ରୋତ୍ସାହନ ରାଶି ଏବଂ ପୁରୁଣା ନୀତିରୁ ପର୍ଯ୍ୟଟନ ପ୍ରକଳ୍ପର ସ୍ଥାନାନ୍ତରଣ। ଏହାଛଡା, ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ(ଏସ୍‌ଟିପିସି)ରେ ହାରୋର ଜଣେ ପ୍ରତିନିଧିଙ୍କୁ ସାମିଲ କରିବାକୁ ସଂଘ ଦାବି କରିଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହାରୋର ଉପାଧ୍ୟକ୍ଷ ଜୋନାଥନ ରାଉଳ, ଉପାଧ୍ୟକ୍ଷ ମିଳନ୍ କୁମାର ସାହୁ, ଉପାଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି, ମହାସଚିବ ଧୀମନ୍ ମଜୁମଦାର,କାର୍ଯ୍ୟକାରୀ ସଭାପତି ଡ. ଶ୍ରୀନିବାସ ସୁବୁଦ୍ଧି ଏବଂ କୋଷାଧ୍ୟକ୍ଷ ସୁଜିତ୍ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାର୍ଲେ ଆଗ୍ରୋର ନୂଆ ସ୍ମୁଧ୍ କେସର ବାଦାମ୍

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି) :** ଭାରତୀୟ ମୃଦୁପାନୀୟ ବଜାରରେ ନବସୃଜନକୁ ଆଗେଇ ନେବା କ୍ଷେତ୍ରରେ ସର୍ବବୃହତ ଭାରତୀୟ ମୃଦୁପାନୀୟ କମ୍ପାନୀ ଭାବରେ ସୁପରିଚିତ ପାର୍ଲେ ଆଗ୍ରୋ ତାହାର ଅଗ୍ରଣୀ ଡେରୀ ମୃଦୁପାନୀୟ ବ୍ରାଣ୍ଡ ସ୍ମୁଧିରେ ଏକ ନବୀନତମ ସଂଯୁକ୍ତ ଭାବରେ ସ୍ମୁଧ୍ କେଶର ବାଦାମର ଶୁଭାରମ୍ଭ କରିଛି। ଏହି ନୂତନ ଉତ୍ପାଦ ସ୍ମୁଧ୍‌ର ସ୍ୱାଦଯୁକ୍ତ ଦୁଗ୍ଧ ବର୍ଗମାଳା ସହିତ କ୍ଲାସିକ କେଶର ବାଦାମର ସ୍ୱାଦ ଆଣିଦେଉଛି, ଯାହା ଏକ ସମୃଦ୍ଧ ଏବଂ ତଲ୍ଲିନକାରୀ ଡେରୀ ମୃଦୁପାନୀୟ ଅନୁଭୂତି ଚାହୁଁଥିବା ଉପଭୋକ୍ତାଙ୍କ ପାଇଁ ଆଉ ଏକ ପସନ୍ଦ ଭାବରେ ଯୋଗ ହୋଇଛି। ସ୍ମୁଧ୍ କେଶର ବାଦାମ ଆଲ୍‌ମଣ୍ଡର ଉତ୍ତମତା ଏବଂ କେଶରର ଉଷ୍ମତାକୁ ଏକତ୍ରିତ କରିଛି ଏବଂ ସ୍ମୁଥ୍, କ୍ରିମି ଦୁଗ୍ଧ ସହିତ ସମ୍ମିଶ୍ରଣରେ ସ୍ମୁଧ୍‌ର ସିଗ୍‌ନେଚର ଷ୍ଟାଇଲରେ ଏକ ପ୍ରିମିୟମ ତଲ୍ଲିନକାରୀ ଅନୁଭୂତି ପ୍ରଦାନ କରୁଛି। ୮୦ ମିଲିଲିଟର ନିମନ୍ତେ ୧୦ ଟଙ୍କା ଏବଂ ୧୫୦ ମିଲିଲିଟର ନିମନ୍ତେ ୨୦ ଟଙ୍କା ମୂଲ୍ୟ ରଖାଯାଇଥିବା ଏହି ଉତ୍ପାଦ ଦୈନନ୍ଦିନ ଆହରଣ ନିମନ୍ତେ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଏବଂ ସୁଲଭ୍ୟ ଭାବରେ ଡିଜାଇନ କରାଯାଇଛି।

# ଗ୍ଲୋବାଲ କ୍ଲିନ୍‌ଟେକ୍ ଏକ୍ସପୋ-ଓଡିଶା ୨୦୨୬

**ଭୁବନେଶ୍ୱର, ୨୦।୨ (ସମିସ):** ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ଗ୍ଲୋବାଲ କ୍ଲିନଟେକ ଏକ୍ସପୋ ଓଡିଶା ଉଦ୍‌ଘାଟିତ ହେବା ସହିତ ସବୁଜ ଶକ୍ତି ପାୱାରହାଉସ ଭାବେ ବିକଶିତ ହେବା ପାଇଁ ଓଡିଶାର ଲକ୍ଷ୍ୟକୁ ଏକ ମଜବୁତ ପ୍ରୋତ୍ସାହନ ମିଳିଛି। ଏହି ଦୁଇଦିନିଆ ସମ୍ମିଳନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଓଡିଶା ସରକାରଙ୍କ ଏମଏସଏମଇ ବିଭାଗର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ମଲ୍ଲିକ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ପାଇଁ ସ୍ୱଚ୍ଛ ଶକ୍ତିକୁ ସ୍ଥାନାନ୍ତରଣ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଓଡିଶା ରିନେୱେଲ ଏନର୍ଜି ଏଜେନ୍ସିର ସିଇଓ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ, ଗ୍ରୀଡ୍‌କୋ ଲିମିଟେଡର ଏମ୍‌ଡି ଡଃ ସତ୍ୟପ୍ରିୟ ରଥ, ଲୁମିନସ୍ ପାୱାର ଟେକ୍ନୋଲୋଜିସର ଅପରେଶନ୍ସ ଆଣ୍ଡ ଆର୍‌ଆଣ୍ଡଡି ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ଅମ୍ଲାନ କାନ୍ତି ଦାସ, ଓଡିଶା କ୍ଲିନଟେକ ଆସୋସିଏଶନ (ଓସିଟିଏ)ର ଅଧ୍ୟକ୍ଷ ଏବଂ ଗାୟତ୍ରୀ ସୋଲାରର ଏମ୍‌ଡି ପ୍ରଶାନ୍ତ ପାଣିଗ୍ରାହୀ ଏବଂ ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ମୁଖ ଉପସ୍ଥିତ ଥିଲେ।




# ଭାରତରେ ଫ୍ରେଶରଙ୍କ ବଢୁଛି ଚାହିଦା

**ନୂଆଦିଲ୍ଲୀ, ୨୦।୨(ଏଜେନ୍ସି):** ନବାଗତ ବା ଫ୍ରେଶରଙ୍କୁ ପସନ୍ଦ କରୁଛନ୍ତି ଭାରତୀୟ କମ୍ପାନୀ। ରିପୋର୍ଟରେ ସାମ୍ନାକୁ ଆସିଛି ଏମିତି କିଛି ସତ କଥା। ବିଭିନ୍ନ କମ୍ପାନୀ ଏବେ କମ୍ ବୟସର ଯୁବ ଆଶାୟୀଙ୍କୁ ସୁଯୋଗ ଦେଉଥିବା ଜଣାପଡିଛି। ପ୍ରାୟ ୭୩ ପ୍ରତିଶତ ସଂସ୍ଥା ଚଳିତ ଜାନୁଆରୀରୁ-ଜୁନ ମଧ୍ୟରେ ନବାଗତଙ୍କ ପ୍ରତି ସକରାତ୍ମକ ଆଭିମୁଖ୍ୟ ରଖୁଥିବା ରିପୋର୍ଟରେ ପ୍ରକାଶ ପାଇଛି।

ଟିମ୍ ଲିଜ୍ ଏଡଟେକ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୬ ଜାନୁଆରୀରୁ ଜୁନ ମଧ୍ୟରେ କଲେଜରୁ ପାସ୍ ଆଉଟ୍ ହୋଇଥିବା ଯୁବକଙ୍କୁ ଚାକିରି ଦେବାକୁ ବିଭିନ୍ନ ସଂସ୍ଥା ଇଚ୍ଛା ପ୍ରକାଶ କରୁଛନ୍ତି। ଯାହା ଗତ ୬ ମାସ ତୁଳନାରେ ତିନି ପ୍ରତିଶତ ଅଧିକ। ସେହିପରି କ୍ୟାରିଅର୍ ଆଉଟ୍ ଲୁକ୍ ରିପୋର୍ଟ କହିଛି ଯେ, ୨୦୨୫ ଜାନୁଆରୀରୁ୨୦୨୬ ମଧ୍ୟରେ ଭାରତର ବିଭିନ୍ନ ସହରରେ ୧୦୫୧ ନିଯୁକ୍ତିଦାତାଙ୍କ ଉପରେ ସର୍ଭେ କରାଯାଇଥିଲା। ଯେଉଁଥିରେ ଇ କମର୍ସ ଏବଂ ଷ୍ଟାର୍ଟ ଅପ୍‌ରେ ୯୦ ପ୍ରତିଶତ ନବାଗତଙ୍କୁ ଚାକିରି ଦେବାକୁ ନିଯୁକ୍ତିଦାତା ଇଚ୍ଛା ପ୍ରକାଶ କରିଛନ୍ତି । ଡାର୍କ ଷ୍ଟୋର୍ ଆସିଷ୍ଟାଣ୍ଟ ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟରେ ସବୁଠୁ ଅଧିକ ଫ୍ରେଶର୍ସଙ୍କ ଡିମାଣ୍ଡ ରହିଛି। ଓ୍ୱେବ୍ ଡେଭଲପିଂରେ ମଧ୍ୟ ଫ୍ରେଶର୍ସଙ୍କୁ କମ୍ପାନୀମାନେ ପସନ୍ଦ କରୁଛନ୍ତି।

**କମ୍ପାନୀଙ୍କ ପ୍ରଥମ ପସନ୍ଦ ଯୁବ ପ୍ରତିଭା**



ଟିମ୍ ଲିଡ୍ ଏଡଟେକ୍ ପ୍ରତିଷ୍ଠାତା ତଥା ସିଇଓ ଶାନ୍ତନୁ ରୁଜ୍ କହିଛନ୍ତି ଯେ, ନୂଆ ସ୍ନାତକ ବା ଗ୍ରାଜୁଏଟ ଏବେ ସମସ୍ତଙ୍କ ଫେଭରେଟ୍। କମ୍ପାନୀମାନଙ୍କ ମନରେ ସେମାନଙ୍କୁ ଚାକିରି ଦେବାକୁ ୭୩ ପ୍ରତିଶତ ଇଚ୍ଛା ରହିଛି। ଅର୍ଥାତ ସେମାନେ ଯୁବପ୍ରତିଭାକୁ ଅଧିକ ଫୋକସ ଦେଉଛନ୍ତି। ଯୁବ ପ୍ରତିଭାଙ୍କ ଦକ୍ଷତା ଉପରେ ବିଭିନ୍ନ ନିଯୁକ୍ତିଦାତାଙ୍କ ଭରସା ରହିଛି। ସେ ଆହୁରି କହିଛନ୍ତି ଯେ, ସମୟ ବଦଳିଛି। ନୂଆ ପଦରେ ଏବେ ବାଛିବାଛି ପିଲାଙ୍କୁ ଭର୍ତ୍ତି କରାଯାଉଛି । ଯେଉଁମାନଙ୍କ ପାଖରେ ପୂର୍ବରୁ ପ୍ରୋଜେକ୍ଟ, ଇଣ୍ଟର୍ଣ୍ଣସିପ ଆଦିର ଅନୁଭବ ରହିଛି ସେମାନେ ବହୁତ ଆଗକୁ ଯିବେ। କେବଳ ଡିଗ୍ରୀଧାରୀ ଯୁବକମାନଙ୍କୁ ଚାକିରି ଦେବାକୁ ସମୟ ଲାଗିବ। ତେବେ ବେଙ୍ଗାଲୁରୁରେ ସର୍ବାଧିକ ୮୪ ପ୍ରତିଶତ ଯୁବକଙ୍କୁ ନିଯୁକ୍ତି ପାଇଁ କମ୍ପାନୀ ଇଚ୍ଛା ରଖୁଛନ୍ତି। ସେହିପରି ୭୨ ପ୍ରତିଶତ ସହ ମୁମ୍ବାଇ ଦ୍ୱିତୀୟ ସ୍ଥାନରେ ରହିଥିବା ରିପୋର୍ଟରେ ଜଣାପଡିଛି।

# ୨୦୨୬ ସଷ୍ଟେନେବିଲିଟି ଇୟରବୁକରେ ଜିନ୍ଦଲ ଷ୍ଟିଲ୍ ସାମିଲ

**ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି):** କର୍ପୋରେଟ ସଷ୍ଟେନବିଲିଟି ମୂଲ୍ୟାଙ୍କନ (ସିଏସଏ)ରେ ଜିନ୍ଦଲ ଷ୍ଟିଲର ଉଲ୍ଲେଖନୀୟ ଉତ୍‌ଥାନ ହୋଇଛି। ୨୦୨୫ ବର୍ଷରେ ଉତ୍ତମ ପ୍ରଦର୍ଶନ ପାଇଁ ସିଏସଏ ସ୍କୋର ୪୨ ପଏଣ୍ଟ ବୃଦ୍ଧି ପାଇ ୭୨ରେ ପହଞ୍ଚିଛି ଏବଂ କମ୍ପାନୀକୁ ୨୦୨୬ ସଷ୍ଟେନେବିଲିଟି ଇୟରବୁକରେ ଏକ ଇୟରବୁକ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି। ବିଶ୍ୱର ୯୨୦୦ରୁ ଅଧିକ କମ୍ପାନୀର ମୂଲ୍ୟାଙ୍କନ କରାଯାଇ, ୫୯ଟି ଶିଳ୍ପର ୮୪୮ ଟି କମ୍ପାନୀକୁ ଚୟନ କରାଯାଇଛି। ଇସ୍ପାତରେ, ୧୨୯ଟି ମୂଲ୍ୟାଙ୍କିତ କମ୍ପାନୀ ମଧ୍ୟରୁ ୧୧ଟି କମ୍ପାନୀକୁ ଅନ୍ତର୍ଭୁକ୍ତ କରାଯାଇଛି। ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ଉତ୍ଥାନ ଜିନ୍ଦଲ ଷ୍ଟିଲର ଶକ୍ତିଶାଳୀ ପ୍ରଶାସନ ବ୍ୟବସ୍ଥା, ସୁସଂଗଠିତ ଓ ପାରଦର୍ଶୀ ସୂଚନା ପ୍ରକାଶନ ପ୍ରଣାଳୀ, ଉନ୍ନତ ସାମାଜିକ ପ୍ରଦର୍ଶନ ଏବଂ ସୁଦୃଢ଼ ଜଳବାୟୁ ନିରୀକ୍ଷଣ ବ୍ୟବସ୍ଥାକୁ ପ୍ରତିଫଳିତ କରେ। ଜିନ୍ଦଲ ଷ୍ଟିଲ୍ ଏହାର ସାର୍ବଜନୀନ ସୂଚନା ଅଂଶୀଦାର ହାରକୁ ୯୬% ବୃଦ୍ଧି କରିଛି। କମ୍ପାନୀ 'ଟ୍ରାନ୍ସପାରେନ୍ସି ଏବଂ ରିପୋର୍ଟିଂ' ରେ ଶତ ପ୍ରତିଶତ ନମ୍ବର ହାସଲ କରିଛି, ଯେତେବେଳେ କି ଶିଳ୍ପର ହାରାହାରି ମାତ୍ର ୪୬। ୨୦୨୫ ଆର୍ଥିକ ବର୍ଷରେ ଦ୍ୱିମୁଖୀ ଆକଳନ କରିବା ସହ ଜୈବ ବିବିଧତା ସମ୍ପର୍କିତ ଆଶଙ୍କାର ସମୀକ୍ଷା, ପରିବେଶ ସମ୍ପର୍କିତ ଆଶଙ୍କା ସହ ବ୍ୟବସାୟିକ ଆଶଙ୍କା ପରିଚାଳନାକୁ କମ୍ପାନି ପକ୍ଷରୁ ସମ୍ମନ୍ୱିତ ଭାବେ ଆକଳନ କରାଯାଇଛି।

## ରାଜ୍ୟରେ ବଢୁଛି ଡ୍ରପ୍‌ଆଉଟ୍ ହାର

# ଅଧାରୁ ପାଠ ଛାଡୁଛନ୍ତି ୧୫% ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୦।୨(ସମିସ): ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପଆଉଟ୍ ହାର କ୍ରମାଗତ ଭାବେ ବଢୁଛି। ପୂର୍ବବର୍ଷ ତୁଳନାରେ ୨୦୨୪-୨୫ ଶିକ୍ଷାବର୍ଷରେ ଡ୍ରପ୍‌ଆଉଟ୍ ହାର ବଢ଼ି ୧୫ ପ୍ରତିଶତରେ ପହଞ୍ଚିଛି। ଅଧିକ ସଂଖ୍ୟାରେ ନବମ ଓ ଦଶମ ଶ୍ରେଣୀ ପିଲାମାନେ ଅଧାରୁ ପାଠପଢ଼ା ଛାଡୁଛନ୍ତି। ରାଜ୍ୟରେ ଡ୍ରପ୍-ହାଉଟ୍ ହାର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବିଧାନସଭାରେ ଆଜି ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି।

ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରଖିଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ ଶିକ୍ଷାବର୍ଷରେ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ୧୫ ପ୍ରତିଶତ ଛାତ୍ରଛାତ୍ରୀ ପାଠ ଛାଡ଼ିଛନ୍ତି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ତୁଳନାରେ ନବମ ଓ ଦଶମ ଶ୍ରେଣୀରୁ ଅଧିକ ପିଲା ଡ୍ରପ୍-ଆଉଟ୍ ହୋଇଛନ୍ତି। ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ଅଧାରୁ ପାଠ ଛାଡୁଛନ୍ତି। ୧୭.୩ ପ୍ରତିଶତ ଛାତ୍ର ବିଦ୍ୟାଳୟ ଛାଡ଼ିଥିବା ବେଳେ ୧୨.୫ ପ୍ରତିଶତ ଛାତ୍ରୀ ଅଧାରୁ ବିଦ୍ୟାଳୟ ଆସିନାହାନ୍ତି। ନବରଙ୍ଗପୁର ଜିଲ୍ଲାରେ ଏହି ସ୍ଥିତି ଅଧିକ ଉତ୍କଟ ହୋଇଛି। ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାରୁ

**■ ନବମ ଓ ଦଶମ ଶ୍ରେଣୀରେ ସର୍ବାଧିକ**

**■ ୨୦୨୦ରୁ କମୁଥିଲା ୨୦୨୪ରେ ବଢ଼ିଲା**

୨୯.୭ ପ୍ରତିଶତ ଛାତ୍ରଛାତ୍ରୀ ପାଠ ଛାଡ଼ିଛନ୍ତି। ସେହିପରି, ବୌଦ୍ଧ ଜିଲ୍ଲାର ଡ୍ରପ୍‌ଆଉଟ୍ ହାର ୨୩.୮ ପ୍ରତିଶତ ରହିଥିବା ବେଳେ ସୀମାନ୍ତ ନୂଆପଡ଼ା ଜିଲ୍ଲାରେ ୨୩.୨, ଭଦ୍ରକ, ଗଜପତି, ମାଲକାନାଗିରି, କୋରାପୁଟ ଜିଲ୍ଲାରେ ଡ୍ରପ୍‌ଆଉଟ୍ ହାର ୨୧ ପ୍ରତିଶତରୁ ଅଧିକ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଖଣି ସମୃଦ୍ଧ ଜିଲ୍ଲା ଅନୁଗୋଳ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ଡ୍ରପ୍-ଆଉଟ୍ ହାର ଉଦବେଗଜନକ ଭାବେ ବୃଦ୍ଧି ପାଇ ୨୦ ଉପରକୁ ଯାଇଛି। ସମସ୍ତ ଜିଲ୍ଲାରେ ଛାତ୍ରୀଙ୍କ ତୁଳନାରେ ଛାତ୍ରଙ୍କ ପାଠ ଛାଡ଼ିବା ହାର ଅଧିକ ରହିଛି। ମାତ୍ର ଖୋର୍ଦ୍ଧା ଜିଲ୍ଲାରେ ଏହାର ଓଲଟା ଚିତ୍ର ଅର୍ଥାତ୍ କେହି ଛାତ୍ରଛାତ୍ରୀ ଡ୍ରପ୍-ଆଉଟ୍ ହୋଇନାହାନ୍ତି। ଅପରପକ୍ଷରେ ପ୍ରାଥମିକ ବିଦ୍ୟାଳୟ ଅର୍ଥାତ୍ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପଆଉଟ୍ ହାର ୦.୭ ପ୍ରତିଶତ ରହିଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠ ଛାଡ଼ିବା ହାର ୩.୨ ପ୍ରତିଶତ ରହିଛି।

୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ଭାବେ ଡ୍ରପଆଉଟ୍ ହାର ହ୍ରାସ ପାଇଥିବା ବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ଡ୍ରପ ଆଉଟ୍ ହାର ବଢ଼ିଛି। ଅପରପକ୍ଷରେ ଚଳିତ ବର୍ଷ ପ୍ରଥମ ଦିନରେ ପ୍ରାୟ ୧୨ ହଜାର ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇନାହାନ୍ତି। ଏଣୁ ଏହି ହାର ଆଗକୁ ଅଧିକ ବଢ଼ିପାରେ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ୩୨୦୮ ପିଲା ଦେଲେନି +୨ ପରୀକ୍ଷା

ଭୁବନେଶ୍ୱର, ୨୦।୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଚାଲିଥିବା ବେଳେ ଡ୍ରପ-ଆଉଟ୍ ସଂଖ୍ୟା ଆଶ୍ଚର୍ଯ୍ୟଚକିତ କରିଛି। ଚଳିତବର୍ଷ ବିଜ୍ଞାନ ବିଭାଗର ମାତୃଭାଷା(ଓଡ଼ିଆ) ପରୀକ୍ଷାରେ ୧୫୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବେଳେ କଳା ଓ ବାଣିଜ୍ୟ ବିଭାଗର ମୋଟ୍ ୩୨୦୮ ପିଲା ପରୀକ୍ଷା ଦେଇ ନାହାନ୍ତି। ଅର୍ଥାତ୍ ଧନ୍ଦାମୂଳକ ବର୍ଗ ବ୍ୟତୀତ ଚଳିତ ବର୍ଷ ସମୁଦାୟ ୩୩୬୫ ପିଲା ଯୁକ୍ତ ଦୁଇ ଡ୍ରପ୍ ଆଉଟ୍ ହୋଇଛନ୍ତି।

**ଡ୍ରପ୍-ଆଉଟ୍ ସଂଖ୍ୟା ୩୩୬୫ ଛୁଇଁଲା**

**କପି କରି ଧରାପଡ଼ିଲେ ଜଣେ**

ସିଏଚ୍‌ଏସ୍‌ଇର ତଥ୍ୟ ଅନୁଯାୟୀ, ଆଜି କଳା ବିଭାଗର ମାତୃଭାଷା (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହୋଇଛି। ସମୁଦାୟ ୨ ଲକ୍ଷ ୪୯ ହଜାର ୪୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବା ବେଳେ ତହିଁରୁ ୨୮୯୯ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଅନୁରୂପ ଭାବେ ବାଣିଜ୍ୟରେ ୧୯ ହଜାର ୧୪ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ୩୨୦୮ ପିଲା ପରୀକ୍ଷା ଦେଇନାହାନ୍ତି। ଏହା ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ବିଭାଗର ମାତୃଭାଷା (ଓଡ଼ିଆ) ପରୀକ୍ଷାରେ ୧୫୭ଜଣ ଅନୁପସ୍ଥିତ ଥିଲେ। ଅର୍ଥାତ୍ ଚଳିତ ବର୍ଷ ସମୁଦାୟ ୩୩୬୫ ପିଲା ଯୁକ୍ତ ଦୁଇ ପରୀକ୍ଷା ଦେଇନାହାନ୍ତି। ଅନୁପାତ ଦେଖିଲେ, ବାଣିଜ୍ୟରେ ଅଧିକ ପିଲା ପରୀକ୍ଷା ଦେଇନାହାନ୍ତି ବା ଅଧାରୁ ପାଠ ଛାଡ଼ିଛନ୍ତି। ଏହି ସଂଖ୍ୟା ଶିକ୍ଷାବିତ୍‌ମହଲରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ତ୍ୱରିତ ତର୍ଜମା କରାଯାଇ ଡ୍ରପ୍-ଆଉଟ୍ ରୋକିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଅପରପକ୍ଷେ, ଆଜି ସମସ୍ତ ୧୩୫୭ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ପରୀକ୍ଷାରେ ବିଭ୍ରାଟ ନେଇ କୌଣସି ଅଭିଯୋଗ ହୋଇନଥିବା ବେଳେ କପି କରି ଜଣେ ଧରାପଡ଼ିଛନ୍ତି।

**■ ଶିକ୍ଷା ସହାୟକ ନିଯୁକ୍ତି ମାମଲା**

# ଆବେଦନକାରୀ ପ୍ରାର୍ଥୀଙ୍କ ସପକ୍ଷରେ ହାଇକୋର୍ଟଙ୍କ ରାୟ

କଟକ, ୨୦।୨ (ସମିସ): ରାଜ୍ୟରେ ଶିକ୍ଷା ସହାୟକ ନିଯୁକ୍ତିକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବୟସ ଅଧିକ ହେବା କାରଣରୁ ନିଯୁକ୍ତିରୁ ବଞ୍ଚିତ ହୋଇଥିବା ଆବେଦନକାରୀ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସହ ସରକାରଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ଏହି ଆବେଦନଗୁଡ଼ିକୁ ପୂର୍ବରୁ ପ୍ରଦତ୍ତ ହାଇକୋର୍ଟଙ୍କ ବବିତା ଶତପଥୀ ବନାମ ଓଡ଼ିଶା ସରକାର ମାମଲାର ରାୟ ଆଧାରରେ ବିଚାର କରିବା ସହ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ନେଇ ଗଠିତ ଖଣ୍ଡପୀଠ ତନ୍ମୟ କୁମାର ପାତ୍ର ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ୨୦୧୬ ମସିହାରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସହାୟକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ପ୍ରାର୍ଥୀମାନେ ତାଲିମପ୍ରାପ୍ତ ଗ୍ରାଜୁଏଟ୍ ଏବଂ ଓଟିଇଟି ପାସ୍ କରିଥିଲେ ମଧ୍ୟ ସେମାନଙ୍କ ଆବେଦନକୁ କେବଳ ଅଧିକ ବୟସ କାରଣ ଦର୍ଶାଇ ଖାରଜ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ପ୍ରାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମାନ ଧରଣର ଅନ୍ୟ ଏକ ମାମଲାରେ ପୂର୍ବରୁ ହାଇକୋର୍ଟ କେତେକ ପ୍ରାର୍ଥୀଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିବାରୁ ଏହି ମାମଲାରେ ସମାନ ଆଦେଶ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ଅସ୍ତ୍ରୋପଚାରଜନିତ ତ୍ରୁଟିରୁ ମହିଳାଙ୍କ ମୃତ୍ୟୁ ମାମଲା**

# ନିମ୍ନ ଅଦାଲତରେ ଆତ୍ମସମର୍ପଣ ପରେ ଜାମିନରେ ମୁକୁଳିବେ ଡାକ୍ତର

କଟକ, ୨୦।୨ (ସମିସ): ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ପେଟ ଭିତରେ ଗଜ୍ କପଡ଼ା ଛାଡ଼ିଦେବା ଭଳି ସଂଘାତିକ ଚିକିତ୍ସା ଅବହେଳା ମାମଲାରେ ଅଭିଯୁକ୍ତ ଡାକ୍ତର ସଞ୍ଜିତ ମହାପାତ୍ରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଆବେଦନକାରୀ ଡାକ୍ତରଙ୍କୁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବା ସହ ଜାମିନରେ ମୁକୁଳିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତର ମହାପାତ୍ରଙ୍କ ତରଫରୁ ରୁଜୁ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଡାକ୍ତର ଆଗାମୀ ୧୪ଦିନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଜିଲ୍ଲା ଓ ଦୌରାଜଜ୍ ତଥା ଏସସି/ଏସ୍‌ଟି ଆକ୍ଟ ଅନ୍ତର୍ଗତ ସ୍ୱତନ୍ତ୍ର କୋର୍ଟରେ ଆତ୍ମସମର୍ପଣ କରିବେ। ଆତ୍ମସମର୍ପଣ ପରେ ତାଙ୍କୁ ୩୦ ହଜାର ଟଙ୍କା ଏବଂ ଜଣେ ଜାମିନଦାରଙ୍କ ବଦଳରେ ଜାମିନରେ ମୁକ୍ତ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୨୫ ସେପ୍ଟେମ୍ବର ୨୭ ତାରିଖରେ ଜଣେ ମହିଳା ଏକ ନର୍ସିଂହୋମ୍‌ରେ ସନ୍ତାନ ପ୍ରସବ କରିଥିଲେ। ସେଠାରେ ଡାକ୍ତର ସଞ୍ଜିତ ମହାପାତ୍ର ତାଙ୍କର ଅସ୍ତ୍ରୋପଚାର କରିଥିଲେ। ମାତ୍ର ଅଭିଯୋଗ ଅନୁଯାୟୀ, ଅସ୍ତ୍ରୋପଚାର ସମୟରେ ଡାକ୍ତରଜଣଙ୍କ ମହିଳାଙ୍କ ପେଟ ଭିତରେ ଏକ ଗଜ୍ କପଡ଼ା ଛାଡ଼ି ଦେଇଥିଲେ। ଫଳରେ, ପରବର୍ତ୍ତୀ ସମୟରେ ମହିଳାଙ୍କ ଶରୀରରେ ସଂକ୍ରମଣ ସେପ୍ଟିସିମିଆ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ବାଲିଅନ୍ତା ଥାନାରେ ଆବେଦନକାରୀଙ୍କ ବିରୋଧରେ ଆଇପିସି ଧାରା ୩୦୪-କ ସମେତ ଏସ୍‌ସି/ଏସ୍‌ଟି ଆକ୍ଟ ଅଧୀନରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ପ୍ରକ୍ରିୟା ଶେଷ ହୋଇ ଚାର୍ଜସିଟ୍ ଦାଖଲ ସରିଥିବା କୋର୍ଟଙ୍କୁ ଅବଗତ କରାଯାଇଥିଲା।

# ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହେବେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ

କଟକ, ୨୦।୨(ସମିସ): କରିଲୋପାଟଣା ଡିଗ୍ରି କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ ପ୍ରସଙ୍ଗରେ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୩ରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ହାଜର ହୋଇ ଅଦାଲତ ଅବମାନନା ମାମଲାରେ ଉତ୍ତର ରଖିବେ। କରିଲୋପାଟଣା କଲେଜ ଅଧ୍ୟକ୍ଷ ଲଳିତ ମୋହନ ସାମନ୍ତରାୟଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତକ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଦରମା ବନ୍ଦକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୫ ନଭେମ୍ବର ୧୦ରେ ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ଦାବିପତ୍ର ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କ ଦାବି ଉପରେ କୌଣସି ନିଷ୍ପତ୍ତି ନିଆନଯିବାରୁ ସେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି।

**ବୁଢ଼ାବଳଙ୍ଗରୁ ଅବୈଧ ବାଲି ଉତ୍ତୋଳନ**

# ପ୍ରତିପକ୍ଷଙ୍କୁ ଏନଜିଟିର ନୋଟିସ୍ ଜାରି

ବାରିପଦା, ୨୦।୨ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତର ଶଙ୍ଖମୁଣ୍ଡ ଗ୍ରାମରେ ଥିବା ବୁଢ଼ାବଳଙ୍ଗ ନଦୀ ବାଲିଖାଦାନ (ବାଲିଶଯ୍ୟା-୩)ରେ ଚାଲିଥିବା ଅବୈଧ ବାଲି ଉତ୍ତୋଳନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ଏକ ଆବେଦନ ଦାଖଲ ହୋଇଛି। ପ୍ରମୋଦ କୁମାର ହେମ୍ବ୍ରମ ଏହି ଆବେଦନ କରି ବାଲି ଉତ୍ତୋଳନ ବନ୍ଦ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଏନ୍‌ଜିଟି




ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସମ୍ପାଦକ, ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ ସଦସ୍ୟ ସମ୍ପାଦକ, ମୟୂରଭଞ୍ଜ ଜିଲ୍ଲାପାଳ, ବେତନଟୀ ତହସିଲଦାର ଓ ଲିଜ୍‌ଧାରୀଙ୍କୁ ଏନ୍‌ଜିଟି ପକ୍ଷରୁ ଗୁରୁବାର ନୋଟିସ୍ ଜାରି ହୋଇଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଆବେଦନରେ ଦର୍ଶାଯାଇଛି ଯେ ଲିଜ୍‌ଧାରୀ ପ୍ରିୟଙ୍କା ବେହେରା ପରିବେଶ ଅନୁମତି (ଇସି), କନସେଣ୍ଟ ଟୁ ଅପରେଟ୍ (ସିଟିଓ) ଓ ସ୍ଥାୟୀ ବାଲି ଖନନ ନିର୍ଦ୍ଦେଶାବଳୀ-୨୦୧୬ର ନିୟମ ଉଲ୍ଲଂଘନ କରି ବାଲି ଉତ୍ତୋଳନ କରୁଛନ୍ତି।

**ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ**

# ରାଜରାସ୍ତାରେ ବସିଲେ ଆଇନଜୀବୀ

ପୁରୀ,୨୦।୨(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର ପାଇଁ ମସୁଧା ଚାଲିଛି। ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ।

**ଜାତୀୟ ରାଜପଥରେ ଅଟକି ରହିଲା ଶହଶହ ଗାଡ଼ି**

**ଦାବି ପୂରଣ ନ ହେଲେ ୨୭ରେ ପୁରୀ ବନ୍ଦ**



ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଏହି ସତ୍ୟାଗ୍ରହକୁ ୩୬୦ ଦିନ ବିତିଯାଇଥିଲେ ମଧ୍ୟ ନା ପ୍ରଶାସନ ନା ସରକାର, କେହି ଶୁଣିବାକୁ ନାରାଜ। ଫଳରେ, ପୂର୍ବ ନିଷ୍ପତ୍ତି ଆଧାରରେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଥିଲେ ଆଇନଜୀବୀ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଅବରୋଧ କରିଥିଲେ। ଶହଶହ ଓକିଲ ଏହି ରାସ୍ତାରୋକରେ ସାମିଲ ହୋଇ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିଥିଲେ। ତୁରନ୍ତ ପୁରୀ କୋର୍ଟ କମ୍ପ୍ଲେକ୍ସ ସ୍ଥାନାନ୍ତର ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଥିଲେ। ଏହି ରାସ୍ତାରୋକ ଫଳରେ ପ୍ରାୟ ୫ ଘଣ୍ଟା ଧରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ଫଳରେ ଭକ୍ତ, ପର୍ଯ୍ୟଟକ ଦୀର୍ଘ ସମୟ ଧରି ହନ୍ତସନ୍ତ ହୋଇଥିଲେ। ଯଦି ସରକାର ଆଇନଜୀବୀଙ୍କ ଏହି ଦାବି ପୂରଣ ନ କରନ୍ତି, ଆସନ୍ତା ୨୭ ତାରିଖରେ ପୁରୀ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛି ପୁରୀ ଜିଲ୍ଲା ଓକିଲ ସଂଘ।

ଓକିଲ ସଂଘ ସଭପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ, ସୋମନାଥ ଦାସ, କର୍ଣ୍ଣବୀର ମହାପାତ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ଅନୀଲ ସାହୁ, ବିଶ୍ୱଜିତ୍ ପ୍ରଧାନ, ପ୍ରିୟଦର୍ଶନ ପଟ୍ଟନାୟକ, ସାରଦା ସାମଲ, ବିଭୂତି ତ୍ରିପାଠୀ, ବୈଦ୍ୟନାଥ ପାଣି, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂ, ବିମଳେନ୍ଦୁ ଦାସ, ତୃପ୍ତିମୟୀ ମହାପାତ୍ର, ସୋମନାଥ ରଣା, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଗିରିଧାରୀ ମହାପାତ୍ର, ମନୋଜ ଦାସ, ରମେଶ ପ୍ରଧାନ, ଜୟନାରାୟଣ ପଟ୍ଟନାୟକ, ରବିନାରାୟଣ ପ୍ରଧାନ, ଉମାକାନ୍ତ ବରାଳ, ସୁଶାନ୍ତ ଦାସ, ସରୋଜିନୀ ସିଂହ, ଅରୁନ୍ଧତୀ ବେହେରା, ଜୟନ୍ତ ମହାପାତ୍ର, ସୁସ୍ମିତା ମହାନ୍ତି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା**

# ସରକାରଙ୍କୁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

କଟକ, ୨୦।୨ (ସମିସ): କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିଷେଧ, ନିବାରଣ ତଥା ପ୍ରତିକାର) ଆଇନ-୨୦୧୩ର କଡ଼ାକଡ଼ି କାର୍ଯ୍ୟକାରିତାକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ସରକାର ପାଳନ କରିନଥିବା ଦର୍ଶାଇ ଡକ୍ଟର ସୁଜାତା ଦାଶଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ବିଚାର କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧୫ରେ ହାଇକୋର୍ଟ ଏହି ଆଇନର ଧାରା ୧୯ (ବି) ଅନୁଯାୟୀ ବିହିତ ପଦକ୍ଷେପ ନେବାକୁ ସରକାରଙ୍କୁ ୩ ମାସ ସମୟ ଦେଇଥିଲେ। ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ହସ୍ପିଟାଲ ଏବଂ ସାର୍ବଜନୀନ ପରିବହନ (ବସ୍) ଆଦି ସ୍ଥାନରେ ମହିଳାଙ୍କ ସୁରକ୍ଷା ନିମନ୍ତେ ସଚେତନତା

**ମାର୍ଚ୍ଚ ୧୩ ସୁଦ୍ଧା ଦାଖଲ ହେବ ଜବାବ**

**୨୦୧୩ ଯୌନ ଉତ୍ପୀଡନ ନିଷେଧ ଆଇନର ଅନୁପାଳନରେ ଅବହେଳା ଅଭିଯୋଗ**

**ବିଲ୍‌ବୋର୍ଡ ଓ ଟୋଲ-ଫ୍ରି' ନମ୍ବର ପ୍ରଦର୍ଶନ ନେଇ ପକ୍ଷ ରଖିବେ ସରକାର**

ସୃଷ୍ଟି କରାଯିବ। ବିଶେଷକରି ସେଠାରେ ବିଲ୍‌ବୋର୍ଡ ମାଧ୍ୟମରେ ଏକ ପ୍ରତିବଦ୍ଧ ଟୋଲ-ଫ୍ରି' ହେଲ୍ପଲାଇନ୍ ନମ୍ବର ପ୍ରଦର୍ଶନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ମହିଳା କର୍ମକ୍ଷେତ୍ରରେ ନିର୍ଯାତନା ବା ଗରିମା ଉଲ୍ଲଂଘନର ସମ୍ଭାବନା ଦେଖନ୍ତି, ତେବେ ସେ ତୁରନ୍ତ ସେହି ନମ୍ବରରେ ରିପୋର୍ଟ କରିପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଉଲ୍ଲଂଘନକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହୋଇପାରିବ।

ଶୁଣାଣି ସମୟରେ ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ଦର୍ଶାଇଥିଲେ ଯେ ମହିଳାଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କେଉଁ ସବୁ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଛି ଏବଂ ଆଗକୁ କ'ଣ ଯୋଜନା ରହିଛି, ସେନେଇ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ହେବାକୁ ଧାର୍ଯ୍ୟ କରାଯାଇଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ଦ୍ଦେଶ ଅନୁପାଳନ ନ ହୁଏ, ଏହାକୁ ଅଦାଲତଙ୍କ ଆଦେଶର ଅବମାନନା ଭାବେ ଗ୍ରହଣ କରାଯିବ।

# ନିଶା ନିବାରଣ କେନ୍ଦ୍ରର ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ

ବାରିପଦା, ୨୦।୨ (ସମିସ): ବାରିପଦା ସହରର ୧୫ନଂ ୱାର୍ଡରେ ଚାଲିଥିବା ନିଉଷ୍ଟେପ୍ ନିଶା ନିବାରଣ କେନ୍ଦ୍ରର ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ବାରିପଦା ସହରର ୭ନଂ ଓ୍ୱାର୍ଡର ଅରୁଣ ସାହୁ(୫୫)।

ସେ ସାଙ୍ଗମାନଙ୍କ ସହିତ ମିଶି ଅଧିକାଂଶ ସମୟରେ ମଦ୍ୟପାନ/ନିଶାସେବନ କରୁଥିବାରୁ ପରିବାରଲୋକେ ତାଙ୍କୁ ନ୍ୟୁ-ଷ୍ଟେପ୍ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ଶୁକ୍ରବାର ତାଙ୍କର ଛାତିବ୍ୟଥା ହେବାରୁ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଟାଉନ୍ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ନିଶା ନିବାରଣ କେନ୍ଦ୍ରର ଦାୟିତ୍ୱହୀନତା ଅରୁଣଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ଟାଉନ୍ ଥାନା ପୁଲିସ ମୃତକଙ୍କ ସହ ରହୁଥିବା ସାଥୀ ୩ ଅନ୍ତେବାସୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ କେନ୍ଦ୍ରର ସିସି କେମେରା ଯାଞ୍ଚ କରୁଛି। ଅପରପକ୍ଷେ ନିଶା ନିବାରଣ କେନ୍ଦ୍ରର ମାଲିକ କିମ୍ବା ଘରଭଡ଼ା ଦେଇଥିବା ବ୍ୟକ୍ତି ଘଟଣାରେ ନିଜକୁ ସୁରକ୍ଷିତ ଦୂରତାରେ ରଖିବାରେ ସଫଳ ରହିଛନ୍ତି।

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରରେ ଛାତ୍ର ଅଶାନ୍ତି**

# ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ

 କୋରାପୁଟ/ସୁନାବେଡ଼ା, ୨୦।୨(ସମିସ): କିଛି ଦିନର ବ୍ୟବଧାନ ପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ବିଭିନ୍ନ ସମସ୍ୟା ନେଇ ପୁଣି ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ସକାଳେ ଛାତ୍ରଛାତ୍ରୀ ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସ୍‌ର ମେନ୍-ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ସେମାନେ କୁଳପତିଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଧ୍ୟ ଛାତ୍ରଛାତ୍ରୀଙ୍କ ଦାବିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲା।




ଆନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟର ହଷ୍ଟେଲ କ୍ୟାଣ୍ଟିନ ସହ ମେସ୍ ସମ୍ପୂର୍ଣ୍ଣ ଅବ୍ୟବସ୍ଥାରେ ଥିବା ବେଳେ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। ବିଭିନ୍ନ ବିଭାଗରେ ବାରମ୍ବାର ଦାବି ସତ୍ତ୍ୱେ ଅଧ୍ୟାପକ ନିଯୁକ୍ତି କରାଯାଉନି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ଠିକ୍ ସମୟରେ ପରୀକ୍ଷା କରା ନଯିବା ଓ ପରୀକ୍ଷା ଫଳ ପ୍ରକାଶ ନହେବା ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନଷ୍ଟ ହେଉଥିବା, ନୂତନ ବାଳିକା ହଷ୍ଟେଲରେ ୱାଇଫାଇ ସୁବିଧା ନଥିବା ଏବଂ ବିଏସସି ଡାଇରୀ ଟେକ୍ନୋଲୋଜି ପରୀକ୍ଷା ଫଳାଫଳ ବିଳମ୍ବ ହେଉଛି। ଅଭିଯୋଗ କଲେ ଭାରପ୍ରାପ୍ତ କୁଳପତିଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଓଲଟା ଧମକ ମିଳୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରିବା ସହ ସତ୍ୟାସତ୍ୟ ଯାଞ୍ଚ କରି ଭାରପ୍ରାପ୍ତ କୁଳପତିଙ୍କୁ ବିଶ୍ୱବିଦ୍ୟାଳୟର ଦାୟିତ୍ୱରୁ ମୁକ୍ତ କରିବାକୁ ଦାବି କରାଯାଇଛି।

ଅନ୍ୟପକ୍ଷରେ ଭାରପ୍ରାପ୍ତ କୁଳପତି ଡ. ନୃସିଂହ ଚରଣ ପଣ୍ଡା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

# ପ୍ରଦୀପ ଜେନାଙ୍କ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲା ପ୍ରତ୍ୟାହୃତ

କଟକ, ୨୦।୨(ସମିସ): ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପ୍ରଦୀପ କୁମାର ଜେନାଙ୍କ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ପ୍ରତ୍ୟାହାର ପାଇଁ ନିବେଦନ କରିବା ପରେ ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସୁବ୍ରତ କୁମାର ତ୍ରିପାଠୀଙ୍କ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମାମଲାରୁ ପ୍ରକାଶ ଯେ ଶ୍ରୀ ଜେନା ଓଇଆରସି ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ଗତବର୍ଷ ଭୁବନେଶ୍ୱର କ୍ଲବର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଆଇନ ଅନୁସାରେ ଏହା ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ୨୦୨୫, ଅକ୍ଟୋବରରେ ହାଇକୋର୍ଟରେ ଦାୟର କରାଯାଇଥିଲା।

# ଶିମିଳିପାଳରୁ ୩୯ ଶିକାରୀ ଗିରଫ

ବାରିପଦା, ୨୦।୨(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରୁ ବନ ବିଭାଗ ଏକାଥରକେ ୩୯ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୯ଟି ଦେଶୀ ବନ୍ଧୁକ, ୨୦ଟି ଧନୁ, ବାରୁଦ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

**୯ ଦେଶୀ ବନ୍ଧୁକ ଓ ୨୦ ଧନୁ ଜବତ**



ଅଭିଯୁକ୍ତମାନେ ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର, ମହାଲିସାହି, ଲୁକୁଇଡା, ମାଟାକମାଟିଆ, ଜିତୁସାହି, ଖଳାଡି, ଲଙ୍ଗାଡି ଗ୍ରାମର ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଗୁରୁବାର ରାତିରେ ଏହି ଶିକାରୀମାନେ ସଂଘବଦ୍ଧ ଭାବେ ଅଭୟାରଣ୍ୟର ଜେନାବିଲ ରେଞ୍ଜରେ ପ୍ରବେଶ କରିଥିଲେ। ବନବିଭାଗ ପକ୍ଷରୁ ଜଙ୍ଗଲରେ ଖଞ୍ଜାଯାଇଥିବା ଏଆଇ କ୍ୟାମେରାରୁ ଏହା ସଙ୍ଗେସଙ୍ଗେ ଜଣାପଡ଼ିଯାଇଥିଲା। ତେଣୁ, ବନ ବିଭାଗ ଅଧିକାରୀ ଓ କର୍ମଚାରୀ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପହଞ୍ଚି କମ୍ବିଂ ଅପରେସନ୍ ଆରମ୍ଭ କରିଥିଲେ। ଏହି ଅପରେସନରେ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ଫୋର୍ସ (ଏସଟିପିଏଫ)ର ୩ଟି ଦଳ ଓ ୩ଟି ରେଞ୍ଜର୍ କର୍ମଚାରୀ ସାମିଲ ହୋଇଥିଲେ। ୨୪ ଘଣ୍ଟାର ଅପରେସନ୍ ପରେ ସମସ୍ତ ଅଭିଯୁକ୍ତଙ୍କୁ ଠାବ କରାଯାଇଥିଲା। ପରେ ଶିକାରୀମାନେ ନିରୁପାୟ ହୋଇ ଆତ୍ମସମର୍ପଣ କରିଥିଲେ। ଏନେଇ ଜେନାବିଲ ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ବେଆଇନ ବନ୍ଧୁକ ରଖିବାକୁ ନେଇ ଆର୍ମସ୍ ଆକ୍ଟ ଅନୁଯାୟୀ ଥାନାରେ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଡ. ଗୋଗେନାନୀ କହିଛନ୍ତି।

### ବେଲୁଚ୍ ବିଦ୍ରୋହୀଙ୍କ କବ୍‌ଜାରେ କାନ୍ଦୁଛନ୍ତି ପାକ୍ ସୈନିକ

# ‘ଦେଶ ପାଇଁ ଲଢୁଛୁ; ସରକାର ପଚାରୁନାହାନ୍ତି’

ଇସଲାମାବାଦ୍, ୨୦।୨(ଏଜେନ୍ସି): ପାକିସ୍ତାନ ସେନାରେ ଅଧିକାରୀଙ୍କ ଦବଦବା କାହାକୁ ଅଛପା ନାହିଁ। କିଏ ବିଦେଶରେ ଘର କିଣିଲାଣି ତ ଆଉ କିଏ ସେବା ସାରିବା ପରେ ଅନ୍ୟ ଦେଶରେ ରହିବାକୁ ପ୍ରସ୍ତୁତ କଲାଣି। ସବୁ ବଡ଼ ବଡ଼ ଅଧିକାରୀ ଅମାପ ସମ୍ପତ୍ତିର ମାଲିକ। ମାତ୍ର ପାକିସ୍ତାନ ସେନାର ସାଧାରଣ ସୈନିକ ସ୍ଥିତି ସବୁଠାରୁ ଖରାପ ରହିଛି। ବିପଦରେ ପଡ଼ିଲେ ସହାୟତା ଦେବାର ଦୂରର କଥା, ଯବାନଙ୍କ ହାତ ମଧ୍ୟ ଛାଡ଼ି ଦେଉଛି। ଏହାର ଏକ ବିକଳ ଭିଡିଓ ଭାଇରାଲ ହେବାରେ ଲାଗିଛି। ବିଦ୍ରୋହୀ ସଂଗଠନ ବେଲୁଚ୍ ଲିବରେସନ ଆର୍ମି (ବିଏଲ୍ଏ) ପକ୍ଷରୁ ଏକ ନୂତନ ଭିଡ଼ିଓ ଜାରି କରାଯାଇଛି। ଏଥିରେ ବନ୍ଦୀଥିବା ପାକିସ୍ତାନ ସୈନ୍ୟମାନେ କାନ୍ଦି କାନ୍ଦି ନିଜ ସରକାରଙ୍କୁ ସାହାଯ୍ୟ ମାଗୁଥିବା ଦେଖାଯାଇଛି।

ଏହି ଭିଡ଼ିଓ ପାକ୍ ସେନାର ସେହି ଦାବିକୁ ମିଥ୍ୟା ପ୍ରମାଣିତ କରିଛି, ଯେଉଁଥିରେ କୁହାଯାଇଥିଲା ଯେ ସେମାନଙ୍କର କୌଣସି ସୈନିକ ନିଖୋଜ ହୋଇନାହାନ୍ତି। ଏହି ଭିଡ଼ିଓରେ ୭-୮ ଜଣ ସୈନିକ ଆଣ୍ଠୁମାଡ଼ି ବସିଥିବା ଦେଖାଯାଇଛି। ପାକିସ୍ତାନ ସେନା ଆମକୁ ନିଜର ଭାବୁନାହିଁ ଓ ସେନା ଦେଇଥିବା ଆମର ପରିଚୟପତ୍ରକୁ ବୈଧ ବୋଲି ଭାବୁନାହିଁ। ଫେବୃଆରୀ ୧୪ରେ ବିଏଲ୍ଏ ଏହି ସୈନିକଙ୍କୁ ଅପହରଣ କରିଥିଲା। ବିଏଲ୍ଏ ସରକାରଙ୍କୁ ଫେବୃଆରୀ ୨୨ ପର୍ଯ୍ୟନ୍ତ କଣ୍ଟ ଦେଇଛି। ଯଦି ବନ୍ଦୀ ବିନିମୟ (ବେଲୁଚ ବନ୍ଦୀଙ୍କ ମୁକ୍ତି) ନେଇ ଆଲୋଚନା ନଲ ହୁଏ, ତେବେ ଏହି ସୈନିକମାନଙ୍କୁ ଫାଶୀ ଦିଆଯାଇପାରେ



ବୋଲି ବିଏଲ୍ଏ ଚେତାବନୀ ଦେଇଛି। ତେବେ ପାକିସ୍ତାନ ସେନା ପକ୍ଷରୁ କୁହାଯାଇଥିଲା ଯେ ସେମାନଙ୍କର କୌଣସି ସୈନିକ ଆତଙ୍କବାଦୀ ଗୋଷ୍ଠୀର ହେପାଜତ୍‌ରେ ନାହାନ୍ତି। ଭିଡ଼ିଓରେ ସୈନିକମାନେ ସେମାନଙ୍କ ଅଫିସିଆଲ ସର୍ଭିସ କାର୍ଡ କ୍ୟାମେରା ସମ୍ମୁଖରେ ଦେଖାଉଛନ୍ତି। ତେଣୁ ପାକ୍ ସେନାର ଦାବି ମିଥ୍ୟା ବୋଲି ପ୍ରମାଣିତ ହେଉଛି।

### ‘ଏଆଇ ସମ୍ମିଳନୀ’ରେ ଯୁଥ୍ କଂଗ୍ରେସର ହଙ୍ଗାମା

# ପୋଷାକ ଖୋଲି ବିକ୍ଷୋଭ ପ୍ରଦର୍ଶନ

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ‘ଇଣ୍ଡିଆ ଏଆଇ ସମ୍ମିଳନୀ ୨୦୨୬’ରେ ଶୁକ୍ରବାର ଦିନ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ଭାରତୀୟ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପୋଷାକ ଖୋଲି ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ପ୍ରାୟ ୧୫ରୁ ୨୦ ଜଣ ଯୁବ କଂଗ୍ରେସ କର୍ମକର୍ତ୍ତା ସମ୍ମିଳନୀ କକ୍ଷ ଭିତରରେ ପଶି ଟି-ସାର୍ଟ ଖୋଲି ‘ମୋଦୀ ଇଜ୍ କମ୍ପ୍ରୋମାଇଜ୍‌ଡ’ ଅର୍ଥାତ ପ୍ରଧାନମନ୍ତ୍ରୀ ମୋଦୀ ମୁଣ୍ଡ ନଇଁବା ସହ ବୁଝାମଣା କରିଛନ୍ତି। ସେମାନଙ୍କ ହାତରେ ଥିବା ଟି-ସାର୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଟୋ ଥିଲା। ସୂଚନା ପାଇବା ମାତ୍ରେ ସୁରକ୍ଷାକର୍ମୀ ଓ ଦିଲ୍ଲୀ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଦର୍ଶନକାରୀଙ୍କୁ କାବୁ କରିନେଇଥିଲା। ଏହି ଘଟଣାରେ ୪ରୁ ୫ ଜଣଙ୍କୁ ଗିରଫ କରାଯାଇଛି। କଡ଼ା ସୁରକ୍ଷା ଓ କ୍ୟୁଆର କୋଡ୍ ବ୍ୟବସ୍ଥା ସତ୍ତ୍ୱେ ସେମାନେ କିପରି ଭିତରକୁ ପ୍ରବେଶ କଲେ, ସେ ନେଇ ତଦନ୍ତ ଜାରି ରହିଛି। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଭିଡ଼ିଓ ସେୟାର କରି ଯୁଥ କଂଗ୍ରେସ ଲେଖିଛି ଯେ ଏଆଇ ସମ୍ମିଳନୀରେ ଚକଚକିଆ ମଞ୍ଚ ପଛରେ ସତ୍ୟକୁ ଦବାଇ ଦିଆଯାଇପାରିବ ନାହିଁ। ଯେତେବେଳେ ଦେଶହିତ ଅପେକ୍ଷା କର୍ପୋରେଟ୍ ସଂସ୍କୃତି ଓ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଏ, ସେତେବେଳେ ବିରୋଧ କରିବା ଆମର କର୍ତ୍ତବ୍ୟ।

ବିଜେପି ମଧ୍ୟ କଂଗ୍ରେସର ଏଭଳି ଆଭିମୁଖ୍ୟକୁ ନିନ୍ଦା କରିଛି। ବିଜେପି




ମୁଖପାତ୍ର ଶେହଜାଦ ପୁନାୱାଲା ଏହି ଘଟଣାକୁ ନିନ୍ଦା କରି କହିଛନ୍ତି ଯେ କଂଗ୍ରେସ ପାଇଁ ଏଆଇର ଅର୍ଥ ହେଉଛି ‘ଆଣ୍ଟି ଇଣ୍ଡିଆ’। ଏହା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନୁହେଁ, ବରଂ ଭାରତର ସଫଳତା ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି। ଉଲ୍ଲେଖଥାଉ କି, ପ୍ରଧାନମନ୍ତ୍ରୀ ଗତ ୧୬ ତାରିଖରେ ଏହି ୫ ଦିନିଆ ଏଆଇ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ରୁ ଅଧିକ ଦେଶରେ ପ୍ରତିନିଧି, ୨୦ରୁ ଅଧିକ ରାଷ୍ଟ୍ରମୁଖ୍ୟ ଏବଂ ୪୫ରୁ ଅଧିକ ବୈଷୟିକ କମ୍ପାନୀର ମୁଖ୍ୟ ସାମିଲ ହୋଇଛନ୍ତି। ‘ସର୍ବଜନ ହିତାୟ, ସର୍ବଜନ ସୁଖାୟ’ ଥିମ୍‌ରେ ଆୟୋଜିତ ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଏଆଇର ପ୍ରୟୋଗ। ଏହି ସମ୍ମିଳନୀ ପିପୁଲ (ଲୋକ), ପ୍ଲାନେଟ (ଗ୍ରହ) ଓ ପ୍ରୋଗ୍ରେସ (ପ୍ରଗତି) - ଏହି ୩ଟି ସ୍ତମ୍ଭ ଉପରେ ଆଧାରିତ।

## ରଣବୀରଙ୍କୁ ୧୦ କୋଟି ବଟି ମାଗିଲା ଲରେନ୍ସ ଗ୍ୟାଙ୍ଗ୍

ମୁମ୍ବଇ, ୨୦।୨(ଏଜେନ୍ସି): ବଲିଉଡ ଅଭିନେତା ରଣବୀର ସିଂଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ୧୦ କୋଟି ଟଙ୍କାର ଦାଦାବଟି ମଗାଯାଇଛି। ଗ୍ୟାଙ୍ଗର ସଦସ୍ୟ ହରି ବକ୍ସର ଏକ ଭଏସ୍ ନୋଟ୍ ଜରିଆରେ ରଣବୀରଙ୍କ ମ୍ୟାନେଜରଙ୍କୁ ଏହି ଧମକ ଦେଇଥିବା ଅଭିଯୋଗ ହୋଇଛି। ଏକ ଆମରେକୀୟ ନମ୍ବରରୁ ରଣବୀରଙ୍କ ମ୍ୟାନେଜରଙ୍କ ହ୍ୱାଟ୍ସଆପ୍‌କୁ ଏହି ଭଏସ୍ ନୋଟ ଆସିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ସ୍ୱର ଲରେନ୍ସ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ ହରି ବକ୍ସର ସହ ମିଶୁଥିବା ଜଣାଯାଇଛି। ଏହି ଧମକ ପରେ ରଣବୀର ଓ ତାଙ୍କ ପତ୍ନୀ ତଥା ଦୀପିକା ପାଦୁକୋନ ନିଜର ବ୍ୟକ୍ତିଗତ ସୁରକ୍ଷା ବଢ଼ାଇ ଦେଇଛନ୍ତି। ସେମାନଙ୍କ ବାସଭବନରେ ୬ ଜଣ ସଶସ୍ତ୍ର ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ମୁମ୍ବଇ ପୁଲିସର କ୍ରାଇମ ବ୍ରାଞ୍ଚ୍ ଏହି ମାମଲାର ତଦନ୍ତ କରୁଛି।

## ମୋଦୀ-ଟ୍ରମ୍ପ ସାକ୍ଷାତ ଶୀଘ୍ର

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ଖୁବଶୀଘ୍ର ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାକ୍ଷାତ ନେଇ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର ସୂଚନା ଦେଇଛନ୍ତି। ଦୁଇ ନେତା ଉପଯୁକ୍ତ ସମୟରେ ପରସ୍ପରକୁ ଭେଟିବେ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରେ ଚାଲିଥିବା ଏଆଇ ସମ୍ମିଳନୀରେ ଯୋଗ ଦେବା ଅବସରରେ ସେ ଏହି କଥା କହିଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତି ଖୁବଶୀଘ୍ର ସ୍ୱାକ୍ଷରିତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଶିବାଜୀ ଜୟନ୍ତୀରେ ଦେଶରେ ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ଉତ୍ତେଜନା

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ସାରା ଦେଶରେ ଗୁରୁବାର ଛତ୍ରପତି ଶିବାଜୀ ମହରାଜଙ୍କ ଜୟନ୍ତୀ ପାଳନ କରାଯାଉଥିବା ବେଳେ କେତେକ ରାଜ୍ୟର ସାମ୍ପ୍ରଦାୟିକ ଉତ୍ତେଜନାର ଖବର ହସ୍ତଗତ ହୋଇଛି। କର୍ଣ୍ଣାଟକର ବାଗଲ୍‌କୋଟରେ ଶୋଭାଯାତ୍ରା ବେଳେ ପଥର ମାଡ଼ ହୋଇଥିବାବେଳେ ହାଇଦରାବାଦ୍‌ରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବାଗଲକୋଟରେ ଏସ୍‌ପି ସିଦ୍ଧାର୍ଥ ଗୋଏଲଙ୍କ ସୂଚନା ଅନୁଯାୟୀ, ଏହି ପଥର ମାଡ଼ରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଅଞ୍ଚଳରେ ଧାରା ୧୬୩ ଲାଗୁ କରାଯାଇଛି। ଅପରାହ୍ଣ ୩.୩୦ରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ଏକ ମସଜିଦ ପାଖ ଦେଇ ଯାଉଥିବା ବେଳେ ପଥର ଫିଙ୍ଗା ଯାଇଥିଲା। ହାଇଦରାବାଦ୍‌ର ଅମ୍ବରପେଟ୍ ଅଞ୍ଚଳରେ ଜଣେ ୟୁଟ୍ୟୁବର ମସଜିଦ ନିକଟରେ ଭିଡ଼ିଓ ରେକର୍ଡିଂ କରୁଥିବା ବେଳେ ବିବାଦ ଆରମ୍ଭ ହୋଇଥିଲା ଓ ତାଙ୍କୁ ଆକ୍ରମଣ କରାଯାଇଥିଲା।

## ମଣିପୁର ହିଂସାରେ ବିଜେପି ବିଧାୟକଙ୍କ ମୃତ୍ୟୁ

ଇମ୍ଫାଲ, ୨୦।୨ (ଏଜେନ୍ସି): ମଣିପୁର ହିଂସାରେ ବିଜେପି ବିଧାୟକ ଭୁଙ୍ଗଜାଗିନ ଭାଲଟେଙ୍କ ପରଲୋକ ହୋଇଛି। ସେ ଶୁକ୍ରବାର ସକାଳେ ହରିୟାଣାର ଗୁରୁଗ୍ରାମ ସ୍ଥିତ ଏକ ଡାକ୍ତରଖାନାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୨୦୨୩ ମେ’ରୁ ରାଜ୍ୟରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ହିଂସା ସମୟରେ ଜୋମି ଜନଜାତିର ଭାଲଟେଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ଦିଲ୍ଲୀରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ସେ ନିକଟରେ ନିଜ ଅଞ୍ଚଳ ଚୁରାଚାନ୍ଦପୁରକୁ ଫେରି ଥିଲେ। ଆକ୍ରମଣ ପରଠାରୁ ସେ ହ୍ୱିଲଚେୟାର ବ୍ୟବହାର କରୁଥିଲେ। ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ସେ ଶାରୀରିକ କାର୍ଯ୍ୟକଳାପ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିଲେ। ଗତ ୮ ତାରିଖରେ ପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଗୁରୁଗ୍ରାମ ନିଆଯାଇଥିଲା।

## ଫୁଟସଲ ଖେଳ ସମୟରେ ଟଳିଗଲେ ସାଂସଦ

ସିଲଂ, ୨୦।୨ (ଏଜେନ୍ସି): ମେଘାଳୟ ସାଂସଦ ତଥା ଭାଇସ ଅଫ ଦ ପିପୁଲ ପାର୍ଟି (ଭିପିପି) ନେତା ରିକି ଏଣ୍ଡ୍ରୁ ଜେ ସିଙ୍ଗକୋନଙ୍କ ଅକାଳ ବିୟୋଗ ହୋଇଛି। ସେ ସିଲଂରେ ଫୁଟସଲ୍ ଖେଳୁଥିବା ସମୟରେ ଅଚାନକ ଖସି ପଡ଼ିଥିଲେ। ଏହା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଗୁରୁବାର ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଥିଲା। ଖାସି-ଜେନ୍ତିଆ ହିଲ୍ସର ଏହି ନେତା ଲୋକଙ୍କ ସହ ସକ୍ରିୟ ରହୁଥିଲେ। ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ କାନରଡ ସାଙ୍ଗମା ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଟ୍ରମ୍ପଙ୍କ ‘ବୋର୍ଡ ଅଫ୍ ପିସ୍’ ବୈଠକ

# ଗାଜାକୁ ୧.୫ ଲକ୍ଷ କୋଟିର ସହାୟତା

ୱାଶିଂଟନ, ୨୦।୨(ଏଜେନ୍ସି): ଗାଜାରେ ଶାନ୍ତିର ପ୍ରତିଷ୍ଠା ସହ ପୁନଃନିର୍ମାଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଗଠିତ ‘ବୋର୍ଡ ଅଫ୍ ପିସ୍’ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ୱାସିଂଟନ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ ଭାରତ ଏକ ପର୍ଯ୍ୟବେକ୍ଷକ

- **ଶାନ୍ତି ଚୁକ୍ତି ପାଇଁ ଇରାନକୁ ୧୦ ଦିନିଆ କଣ୍ଟ**
- **ପର୍ଯ୍ୟବେକ୍ଷକ ଭାବେ ବୈଠକରେ ସାମିଲ ହେଲା ଭାରତ**
- **ଟ୍ରମ୍ପଙ୍କ ଇସାରାରେ ଛିଡ଼ା ହେଲେ ପାକ୍ ପ୍ରଧାନମନ୍ତ୍ରୀ**

ଦେଶ ଭାବେ ଅଂଶଗ୍ରହଣ କରିଛି। ଭାରତ ପକ୍ଷରୁ ବରିଷ୍ଠ ଅଧିକାରୀ ନମଗ୍ୟା ସି ଖମ୍ପା ଏଥିରେ ଯୋଗ ଦେଇଥିଲେ। ଏହି ହାଇପ୍ରୋଫାଇଲ ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଯୁଦ୍ଧ ବିଧ୍ୱସ୍ତ ଗାଜାର ପୁନଃନିର୍ମାଣ ପାଇଁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଏଥିରୁ ଆମେରିକା ଏକାକୀ ୯୦ ହଜାର କୋଟି ଟଙ୍କା ଦେବ। ପୁଣି ଗାଜାରେ ଶାନ୍ତି ବଜାୟ ରଖିବା ପାଇଁ ୫ଟି ଦେଶ ନିଜର ସୈନ୍ୟ ମୁତୟନ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହି ଅନ୍ତର୍ଜାତୀୟ ବାହିନୀରେ ପ୍ରାୟ ୨୦, ୦୦୦ ସୈନିକ ଓ ୧୨, ୦୦୦ ପୁଲିସକର୍ମୀ ରହିବେ।

ପରମାଣୁ କାର୍ଯ୍ୟକ୍ରମକୁ ନେଇ ଟ୍ରମ୍ପ ଏହି ବୈଠକରୁ ଇରାନକୁ ଧମକ ଦେଇଛନ୍ତି। ଏଥିପାଇଁ ୧୦ ଦିନର କଣ୍ଟ ପ୍ରଦାନ କରିଛନ୍ତି। ଯଦି ଏହି ସମୟରେ କୌଣସି ସମାଧାନ




ନ ହୁଏ, ତେବେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ମୋଟ୍ ୫୦ଟି ଦେଶର ପ୍ରତିନିଧି ସାମିଲ ହୋଇଥିଲେ। ଏହି ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଛିଡ଼ା ହୋଇ ତାଙ୍କ କଥା ଶୁଣିବାକୁ ନିର୍ଦ୍ଦେଶ ଦେଇଥିଲେ। ବୋଲକରା ତଥା ଆନୁଗତ୍ୟଙ୍କ ଭଳି ସରିଫ ମଧ୍ୟ ତାହା କରିଥିଲେ। ଟ୍ରମ୍ପଙ୍କ ଆଜ୍ଞାଧୀନ ହୋଇଥିଲେ ବି ତାଙ୍କୁ ଗ୍ରୁପ୍‌ରେ ସବୁଠାରୁ ପଛରେ ଛିଡ଼ାହେବାକୁ ପଡ଼ି ଥିଲା। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ସେ ପରିହାସର ପାତ୍ର ହୋଇଛନ୍ତି। ଶାହବାଜଙ୍କ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇସ୍ରାଏଲ, ସାଉଦି ଆରବ, ୟୁଏଇ, ପାକିସ୍ତାନ, ତୁର୍କୀ ଓ ଇଜିପ୍ଟ ସମେତ ୨୭ଟି ଦେଶ ଏହି ବୋର୍ଡରେ ସାମିଲ ହୋଇଛନ୍ତି।

ଭାରତ ବର୍ତ୍ତମାନ ଏହି ବୋର୍ଡରେ ପୂର୍ଣ୍ଣକାଳୀନ ସଦସ୍ୟ ହେବା ନେଇ କୌଣସି ନିଷ୍ପତ୍ତି ଜଣାଇନାହିଁ। କେବଳ ପର୍ଯ୍ୟବେକ୍ଷକ ଭାବେ ଏହି ବୈଠକରେ ଯୋଗ ଦେଇଛି। ଟ୍ରମ୍ପଙ୍କ ଅନୁଯାୟୀ, ଏହି ବୋର୍ଡ କେବଳ ଗାଜା ଯୁଦ୍ଧ ଶେଷ କରିବା ପାଇଁ ନୁହେଁ, ବରଂ ବିଶ୍ୱସ୍ତରୀୟ ସଂଘର୍ଷର ସମାଧାନ ପାଇଁ କାର୍ଯ୍ୟ କରିବ। ପୁଣି ଏହି ବୋର୍ଡ ଜାତିସଂଘର କାର୍ଯ୍ୟକଳାପ ଉପରେ ନଜର ରଖିବ। ଏହି ବିଶ୍ୱ ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁଛି କି ନା ତାହା ନିଶ୍ଚିତ କରିବ। ଯେଉଁ ଦେଶ ୩ ବର୍ଷରୁ ଅଧିକ ସମୟ ପାଇଁ ଏହାର ସଦସ୍ୟ ରହିବାକୁ ଚାହୁଁଛନ୍ତି, ସେମାନଙ୍କୁ ୧ ବିଲିୟନ ଡଲାର ଅର୍ଥାତ ୮, ୩୦୦ କୋଟି ଟଙ୍କା ଦେବାକୁ ପଡ଼ିବ। ହମାସ ମଧ୍ୟ ଏ ନେଇ ନିଜର ପ୍ରତିକ୍ରିୟା ଦେଇଛି। ଯେପର୍ଯ୍ୟନ୍ତ ଇସ୍ରାଏଲ ସେନା ଗାଜାରୁ ନ ହଟିଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ଅସ୍ତ୍ରଶସ୍ତ୍ର ଛାଡ଼ିବେ ନାହିଁ। ସେପଟେ ଇସ୍ରାଏଲ ହମାସକୁ ଅସ୍ତ୍ରଶସ୍ତ୍ର ଛାଡ଼ିବା ପାଇଁ ୬୦ ଦିନର ସମୟ ଦେଇଛି।

## ଏୟାରବେସ୍ ଦେବାକୁ ବ୍ରିଟେନର ନା; ଚାଗୋସ ଚୁକ୍ତିରୁ ଓହରିଲା ଆମେରିକା

ଲଣ୍ଡନ, ୨୦।୨(ଏଜେନ୍ସି): ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା ପ୍ରସ୍ତୁତି କରୁଛି। ଏପରି ସମୟରେ ସହଯୋଗୀ ଆମେରିକାକୁ ବ୍ରିଟେନ ବଡ଼ ଝଟ୍‌କା ଦେଇଛି। ନିଜର ଏୟାରବେସ ବ୍ୟବହାର କରିବାକୁ ଅନୁମତି ଦେବାକୁ ମନା କରିଦେଇଛି ବ୍ରିଟେନ। ବ୍ରିଟେନର ଏହି ନିଷ୍ପତ୍ତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କ୍ଷୁବ୍ଧ ହୋଇଛନ୍ତି। ଖାସ୍ ଏହି କାରଣ ଯୋଗୁଁ ଟ୍ରମ୍ପ ଚାଗୋସ ଦୀପପୁଞ୍ଜ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାରୁ ନିଜ ସମର୍ଥନ ପ୍ରତ୍ୟାହାର କରି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଇରାନ ଉପରେ ଆକ୍ରମଣ କରିବା ପାଇଁ ଆମେରିକା ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ଓ ବ୍ରିଟେନର ଆରଏଏଫ୍ ଫେୟାରଫୋର୍ଡ ଏୟାରବେସ୍ ବ୍ୟବହାର କରିବାକୁ ଚାହୁଁଥିଲା। କିନ୍ତୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଏହି ଅନୁରୋଧକୁ ପ୍ରତ୍ୟାଖାନ କରି ଦେଇଛନ୍ତି। ସେ କହିଛନ୍ତି ଯେ ଏଭଳି ପୂର୍ବ ନିର୍ଦ୍ଧାରିତ ଆକ୍ରମଣରେ ସହଯୋଗ କରିବା ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ହୋଇପାରେ। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, ଯଦି କୌଣସି ଦେଶ ଜାଣିଶୁଣି ଏକ ଭୁଲ ସାମରିକ କାର୍ଯ୍ୟାନୁଷ୍ଠାନରେ ସହାୟତା ପ୍ରଦାନ କରେ, ତେବେ ସେହି ଦେଶକୁ ମଧ୍ୟ ଦାୟୀ କରାଯିବ। ସେପଟେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ‘ଟ୍ରୁଥ ସୋସିଆଲ୍’ରେ ବ୍ରିଟେର ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ‘ଯଦି ଇରାନ ବୁଝାମଣା ନ କରେ, ତେବେ

- **ଇରାନରେ ସୈନ୍ୟ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ଘୁଞ୍ଚାଇଲେ ଟ୍ରମ୍ପ**
- **୧୦-୧୫ ଦିନରେ ଆକ୍ରମଣ ହେବ କି ନାହିଁ ନିଷ୍ପତ୍ତି ନେବେ**

ଏକ ଅସ୍ଥିର ଓ ବିପଜ୍ଜନକ ଶାସନର ଆକ୍ରମଣକୁ ରୋକିବା ପାଇଁ ଆମେରିକାକୁ ଡିଏଗୋ ଗାର୍ସିଆ ଓ ଫେୟାରଫୋର୍ଡ ଏୟାରବେସ୍ ବ୍ୟବହାର କରିବାକୁ ପଡ଼ିପାରେ’।

ସୂଚନାଯୋଗ୍ୟ ଯେ ବ୍ରିଟେନ ଓ ମରିସସ୍ ମଧ୍ୟରେ ଏକ ଚୁକ୍ତି ହୋଇଥିଲା, ଯେଉଁଥିରେ ଚାଗୋସ ଦୀପପୁଞ୍ଜର ସାର୍ବଭୌମତ୍ୱ ମରିସସ୍‌କୁ ହସ୍ତାନ୍ତର କରାଯିବାର ଥିଲା। କିନ୍ତୁ ଚୁକ୍ତିରେ ଡିଏଗୋ ଗାର୍ସିଆ ବେସ୍‌କୁ ୯୯ ବର୍ଷ ପାଇଁ ଲିଜ୍‌ରେ ରଖିବାକୁ ବ୍ୟବସ୍ଥା ଥିଲା। ଟ୍ରମ୍ପ ପ୍ରଥମେ ଏହି ଚୁକ୍ତିକୁ ସମର୍ଥନ କରୁଥିଲେ। କିନ୍ତୁ ଏୟାରବେସ ବ୍ୟବହାରକୁ ନେଇ ବିବାଦ ହେବା ପରେ ସେ ଏବେ ଏହି ଚୁକ୍ତିକୁ ବିରୋଧ କରୁଛନ୍ତି। ଏବେ ଏହାକୁ ଏକ ବଡ଼ ଭୁଲର ଆଖ୍ୟା ଦେଇଛନ୍ତି। ଡିଏଗୋ ଗାର୍ସିଆ ହେଉଛି ଚାଗୋସ ଦୀପପୁଞ୍ଜର ସବୁଠାରୁ ବଡ଼ ଦୀପ। ୧୯୭୦ ଦଶକରୁ ଏହା ବ୍ରିଟେନ ଓ ଆମେରିକାର ଏକ ମିଳିତ ସାମରିକ ବେସ୍ ଭାବେ ବ୍ୟବହାର ହୋଇ ଆସୁଛି। ମଧ୍ୟପ୍ରାଚ୍ୟ ଓ ଭାରତ ମହାସାଗରରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟପକ୍ଷରେ ଇରାନରେ ସମ୍ଭାବ୍ୟ ସୈନ୍ୟ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧିତ ନିଷ୍ପତ୍ତିକୁ ଟ୍ରମ୍ପ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ୧୦ରୁ ୧୫ ଦିନ ଭିତରେ ଆକ୍ରମଣ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଟ୍ରମ୍ପ ପୁଣି ଇରାନ ସହ ଚୁକ୍ତି କରିବାକୁ କହିଛନ୍ତି। ଏବେ ଟ୍ରମ୍ପ କୂଟନୈତିକ ସମାଧାନକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି ହ୍ୱାଇଟ ହାଉସ ଅଧିକାରୀ ସୂଚନା ଦେଉଛନ୍ତି। ରିପୋର୍ଟ ଅନୁଯାୟୀ, ଯଦି ଟ୍ରମ୍ପ ଆକ୍ରମଣର ନିଷ୍ପତ୍ତି ନେବେ ତେବେ ତାଙ୍କ ପାଖରେ ଅନେକ ସାମରିକ ବିକଳ୍ପ ରହିଛି। ତେଣୁ ସଂଘର୍ଷ ହେଲେ ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଚାଲିପାରେ। ସେହିପରି ତେହେରାନର ଶୀର୍ଷ ନେତୃତ୍ୱକୁ ନିଶାଣ କରିବା ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।

## ୟୁଏଫ୍‌ଓ ଫାଇଲ୍ ସାର୍ବଜନୀନ କରିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

ୱାଶିଂଟନ, ୨୦।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଘୋଷଣା କରିଛନ୍ତି। ଏଲିୟନ ଅର୍ଥାତ ବାହାର ଗ୍ରହର ମଣିଷ, ମହାକାଶ ଜୀବନ ଓ ଅନଆଇଡେଣ୍ଟିଫାଇଏଡ୍ ଫ୍ଲାଇଂ ଅବଜେକ୍ଟ (ୟୁଏଫ୍‌ଓ) ଅର୍ଥାତ ଉଡ଼ନ୍ତା ଥାଳିଆ ସମ୍ପର୍କିତ ସରକାରୀ ଫାଇଲଗୁଡ଼ିକୁ ସାର୍ବଜନୀନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଟ୍ରୁଥ ସୋସିଆଲ’ରେ ସେ ଉଲ୍ଲେଖ କରିଛନ୍ତି ଯେ ଲୋକଙ୍କ ପ୍ରବଳ ଆଗ୍ରହ ଦୃଷ୍ଟିରେ ରଖି ମୁଁ ସଚିବ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ଏଲିୟନ, ଅଜ୍ଞାତ ମହାକାଶୀୟ ଘଟଣା ଓ ୟୁଏଫ୍‌ଓ ସମ୍ପର୍କୀତ ସରକାରୀ ଫାଇଲଗୁଡ଼ିକୁ ଚିହ୍ନଟ କରି ପ୍ରକାଶ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏହା ପୂର୍ବରୁ ସେ ପୂର୍ବତନ ରାଷ୍ଟ୍ରପତି ବାରକା ଓବାମାଙ୍କୁ ସମାଲୋଚନା କରିଥିଲେ। ଓବାମା ଏକ ପୋଡକାଷ୍ଟର ସାକ୍ଷାତକାରରେ ‘ଏଲିୟନ ସତ୍ୟ’ ବୋଲି କହିବା ପରେ ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ, ଓବାମା ଗୁପ୍ତ ତଥ୍ୟ ପ୍ରକାଶ କରି ବଡ଼ ଭୁଲ କରିଛନ୍ତି। ସେ ଏଭଳି କରିବା ଉଚିତ ନୁହେଁ। ଟ୍ରମ୍ପ କହିଛନ୍ତି ଏଲିୟନ ସତ୍ୟ କି ନା ସେ ବିଷୟରେ ଜାଣିନାହିଁ। ଏ ବିଷୟରେ କେବେ କଥା ହୁଏନାହିଁ।

### ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ରାହୁଲଙ୍କ ସମାଲୋଚନା

## ‘ଭାରତ ସମ୍ପୂର୍ଣ୍ଣ ଭାବେ ନଇଁ ଯାଇଛି’

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟ ଚୁକ୍ତିକୁ ନେଇ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ଏହି ଚୁକ୍ତିରେ ଭାରତ ଅଧିକ ଦେଉଛି ପ୍ରତିବଦଳରେ କମ୍ ପାଉଛି। ସେ ଏହାକୁ ଆମେରିକା ସମ୍ମୁଖରେ ଭାରତର ‘ସମ୍ପୂର୍ଣ୍ଣ ଆତ୍ମସମର୍ପଣ’ ବୋଲି ଅଭିହିତ କରିଛନ୍ତି। ଶୁକ୍ରବାର ସାମାଜିକ

- **ଭାରତ ଦେଉଛି ବେଶୀ, ପାଉଛି କମ୍**
- **ଡାଟା କଲୋନୀରେ ପରିଣତ ହେବ ଦେଶ**

ଗଣମାଧ୍ୟମ ପ୍ଲାଟଫର୍ମ ‘ଏକ୍ସ’ରେ ପୋଷ୍ଟ କରି ରାହୁଲ ଜିଓ-ଜିତ୍ସୁ ଭଳି କ୍ରୀଡ଼ାର ଉଦାହରଣ ଦେଇ କହିଛନ୍ତି ଯେ ସେ ସଂସଦରେ ଦେଇଥିବା ଭାଷଣରେ ଏହି କ୍ରୀଡ଼ା ବିଷୟରେ ଉଲ୍ଲେଖ କରିଥିଲେ। ଜଣେ ବ୍ୟକ୍ତିଙ୍କୁ ଚାପି ରଖି କିପରି ନିୟନ୍ତ୍ରଣ କରାଯାଏ ତାହା କହିଥିଲେ। ରାଜନୀତିରେ ମଧ୍ୟ ସେଭଳି କିଛି ଚାପ ରହିଥାଏ, ଯାହା ବାହାରକୁ ଦେଖାଯାଇ ନ ଥାଏ। ଏହି ପ୍ରସଙ୍ଗରେ ରାହୁଲ ୪ଟି ପ୍ରଶ୍ନ ପଚାରିଛନ୍ତି। ସେଗୁଡ଼ିକ ହେଲା, କାହିଁକି ଚାଷୀମାନଙ୍କୁ କ୍ଷତି ସହିବାକୁ ସୁଯୋଗ ଦିଆଗଲା, ଆମେରିକାରୁ ଅଧିକ ତେଲ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ କାହିଁକି ସମ୍ମତି ଦିଆଗଲା, ପ୍ରତିବର୍ଷ ଆମଦାନୀକୁ ୧୦୦ ବିଲିୟନ ଡଲାର ବୃଦ୍ଧି କରିବା ପ୍ରସ୍ତାବକୁ କାହିଁକି ଗ୍ରହଣ କରାଗଲା ଓ ଭାରତରେ ଗୁରୁତ୍ୱପୂର୍ଣ୍ଣ ଡାଟା କାହିଁକି ବିଦେଶୀ କମ୍ପାନୀକୁ ଦିଆଯାଉଛି?

ରାହୁଲ ଚେତାବନୀ ଦେଇ କହିଛନ୍ତି ଯେ ଏହି ଚୁକ୍ତି ଯୋଗୁଁ ଭାରତ ଏକ ‘ଡାଟା କଲୋନୀ’ରେ ପରିଣତ ହୋଇପାରେ। ଅର୍ଥାତ ଦେଶର ସମସ୍ତ ଗୁପ୍ତ ତଥ୍ୟ ଅନ୍ୟ ଦେଶର ହାତକୁ ଚାଲିଯିବ। ଆମେରିକା ଓ ଚୀନ ସହ ଜଡ଼ିତ ଚାପ ଯୋଗୁଁ ଭାରତ ଏଭଳି ଚୁକ୍ତି କରିବାକୁ ବାଧ୍ୟ ହୋଇଛି ବୋଲି ସେ କହିଛନ୍ତି। ଏହି ବାଣିଜ୍ୟ ଚୁକ୍ତି ଦ୍ୱାରା ଭାରତର ଚାଷୀ, ବୟନ ଶିଳ୍ପ ଓ ସାମଗ୍ରୀକ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ। ଦେଶର ସ୍ୱାର୍ଥ ଓ ସ୍ୱାଧୀନତା ସହ କୌଣସି ପ୍ରକାରର ବୁଝାମଣା କରାଯିବା ଉଚିତ ନୁହେଁ ବୋଲି କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଅମିତ ଶାହାଙ୍କ ମାନହାନୀ ମାମଲା

## କୋର୍ଟରେ ଅଭିଯୋଗକୁ ରାହୁଲଙ୍କ ପ୍ରତ୍ୟାଖ୍ୟାନ

ସୁଲତାନପୁର, ୨୦।୨(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଉତ୍ତର ପ୍ରଦେଶର ସୁଲତାନପୁରସ୍ଥିତ ଏମ୍‌ପି/ଏମ୍‌ଏଲ୍ଏ କୋର୍ଟରେ ହାଜର ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ କଥିତ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ହୋଇଥିବା ମାନହାନୀ ମାମଲାରେ ସେ ନିଜର ବୟାନ ରେକର୍ଡ କରିଛନ୍ତି। ରାହୁଲ କୋର୍ଟରେ ପ୍ରାୟ ୨୦ ମିନିଟ ରହିଥିଲେ। ତାଙ୍କ ଓକିଲଙ୍କ ସୂଚନା ଅନୁଯାୟୀ, ରାହୁଲ ସମସ୍ତ ଅଭିଯୋଗକୁ ପ୍ରତ୍ୟାଖାନ କରିବା ସହ ଏହି ମାମଲାକୁ ରାଜନୈତିକ ପ୍ରତିହିଂସା ବୋଲି କହିଛନ୍ତି। କୋର୍ଟରେ ପହଞ୍ଚିବା ପରେ ରାହୁଲ ବିଚାରପତିଙ୍କୁ ହାତଯୋଡ଼ି ଅଭିବାଦନ କରିଥିଲେ। କାର୍ଯ୍ୟ ଶେଷରେ କୋର୍ଟଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୯ରେ ହେବ।

ଏହି ମାମଲା ୨୦୧୮ ମସିହାରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟର। ରାହୁଲ କହିଥିଲେ ଯେ ଯେଉଁ ଦଳ ସଚ୍ଚୋଟତାର କଥା କୁହେ, ତାଙ୍କର ସଭାପତି ଅର୍ଥାତ ଅମିତ ଶାହା ଜଣେ ହତ୍ୟା ମାମଲାର ଅଭିଯୁକ୍ତ। ଏହି ମନ୍ତବ୍ୟ ପରେ ବିଜେପି ନେତା ବିଜୟ ମିଶ୍ରା ୨୦୧୮ ଅଗଷ୍ଟ ୪ରେ ରାହୁଲଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ। କୋର୍ଟର ରାହୁଲ ପହଞ୍ଚିବା ପରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କୋର୍ଟରୁ ଫେରିବା ପରେ ରାହୁଲ ବାଟରେ ସ୍ୱର୍ଗତ ରାମଚେତ ମୋଚିଙ୍କ ଦୋକାନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଗତବର୍ଷ ରାହୁଲ ରାମଚେତଙ୍କ ଦୋକାନରେ ବସି ଜୋତା ସିଲାଇ କରିଥିଲେ ଓ ତାଙ୍କୁ ସିଲେଇ ମେସିନ ଉପହାର ସ୍ୱରୂପ ଦେଇଥିଲେ। କିନ୍ତୁ ୩ ମାସ ତଳେ କର୍କଟ ରୋଗ କାରଣରୁ ରାମଚେତଙ୍କ ମୃତ୍ୟୁ ହୋଇଥିଲା।

## ଅନୁପ୍ରବେଶ ପାଇଁ କଂଗ୍ରେସକୁ ଦାୟୀ କଲେ ଅମିତ ଶାହା

କାଛାର, ୨୦।୨(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦୁଇ ଦିନିଆ ଆସାମ ଗସ୍ତରେ ପହଞ୍ଚି କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। କଂଗ୍ରେସ ଶାସନ କାଳରେ ଦେଶର ସୀମାକୁ ଅସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା। ଯାହାଫଳରେ ଆସାମରେ ଅନୁପ୍ରବେଶ ବୃଦ୍ଧି ପାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ବିଜେପି ସରକାର ଏହି ସମସ୍ୟାର କଡ଼ା ମୁକାବିଲା କରିଥିବା ସେ ଦାବି କରିଛନ୍ତି। ସୀମାନ୍ତ ଗ୍ରାମ ପାଇଁ ସେ ୬, ୯୦୦ କୋଟି ଟଙ୍କାର ଯୋଜନା ସେ ଘୋଷଣା କରିଛନ୍ତି। ଏହା ଦ୍ୱାରା ଦେଶର ୧୫ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯିବ। ସେ ଏହି କ୍ରମରେ ଭାଇବ୍ରେଣ୍ଟ ଭିଲେଜେସ୍ ପ୍ରୋଗ୍ରାମ୍‌ର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ପୁଣି ଆସନ୍ତା ୫ ବର୍ଷ ମଧ୍ୟରେ ଆସାମକୁ ଏକ ବନ୍ୟାମୁକ୍ତ ରାଜ୍ୟରେ ପରିଣତ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଆସାମରେ ଏବେ ପ୍ରତିଦିନ ୧୪ କିମି ରାସ୍ତା ନିର୍ମାଣ ହେଉଛି ଓ ଏହା ଦେଶର ସର୍ବାଧିକ ବୋଲି ସେ କହିଛନ୍ତି। ଅମିତ ଶାହାଙ୍କ ସ୍ୱାଗତ କରିବା ପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିମାନ ବନ୍ଦରରେ ଉପସ୍ଥିତ ଥିଲେ।



# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

ଟି-୨୦ ବିଶ୍ୱକପ୍ କ୍ରିକେଟ

# ଆଜିଠାରୁ ସୁପର ଏଇଟ୍‌ସ ମୁକାବିଲା

କଲମ୍ବୋ, ୨୦।୨(ଏଜେନ୍ସି)

ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା-୨୦୨୬ର ସୁପର ଏଇଟ୍‌ସ ମୁକାବିଲା ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ। ୨୦ଟି ଦଳକୁ ନେଇ ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ଏହି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ମୁକାବିଲା ଆଜି ଶେଷ ହୋଇଛି। ଫଳରେ ଆସନ୍ତାକାଲିଠାରୁ ଦଳଗୁଡ଼ିକ ଲାଗି ଅସଲ ପରୀକ୍ଷାର ବେଳ ଆସିଛି। ଏହି ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ବାଦ୍ ଦେଲେ ପ୍ରାୟ ସମସ୍ତ ଶ୍ରେଷ୍ଠ ଦଳ ସୁପର-ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ବଦଳରେ ଜିମ୍ବାୱେ ଅପରାଜେୟ ରହି ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ଗ୍ରୁପ୍ ପର୍ଯ୍ୟାୟରେ ଦଳଗୁଡିକ ସେମାନଙ୍କ ମଧ୍ୟରେ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ଅର୍ଥାତ୍ ଲିଗ୍ ପର୍ଯ୍ୟାୟରେ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳଗୁଡିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳିଥିଲେ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ନିୟମ ରହିଛି। ଏଣୁ ୮ଟି ଶ୍ରେଷ୍ଠ ଦଳ ଏହି ପର୍ଯ୍ୟାୟରେ ଭାଗନେବେ। ସୁପର-ଏଇଟ୍‌ରେ ଏହି ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆଇସିସିର ସର୍ବଶେଷ ର‌୍ୟାଙ୍କିଙ୍ଗ୍ ଅନୁଯାୟୀ ଟିମ୍ ଗୁଡିକର ସିଡିଂ ହୋଇଥିଲା। ଯାହା ଫଳରେ ଗ୍ରୁପ୍-୧'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଯଥା ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେକୁ ସ୍ଥାନ ମିଳିଛି। ଏହି ଦଳଗୁଡିକ ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ପ୍ରି ସିଡିଂ ହୋଇ ନ ଥିଲେ ଏହି ଗ୍ରୁପ୍‌ରୁ ୨ଟି ଦଳ ଗ୍ରୁପ୍-୨'ରେ ରହିଥାନ୍ତେ। ଗ୍ରୁପ୍-୨ରେ ସ୍ଥାନ ପାଇଥିବା ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ ୩ଟି ମ୍ୟାଚ୍ ଜିତିଥିଲାବେଳେ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯିବେ। ଏହାର ଅର୍ଥ ଲିଗ୍ ପର୍ଯ୍ୟାୟରେ ୪ଟି ଲେଖାଏଁ ମ୍ୟାଚ୍ ଜିତିଥିବା ଦଳ ମଧ୍ୟରୁ ଦୁଇଟି ଦଳ ସୁପର-ଏଇଟ୍ ପର୍ଯ୍ୟାୟରୁ ବିଦା ହେବେ।



ଟୁର୍ଣ୍ଣାମେଣ୍ଟ ପୂର୍ବରୁ ହୋଇଥିବା ସିଡିଂ ଯୋଗୁ ଗ୍ରୁପ୍ ପର୍ଯ୍ୟାୟରେ ଶ୍ରେଷ୍ଠ ସଫଳତା ପାଇଥିବା ଦଳଗୁଡିକ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛନ୍ତି। ଗ୍ରୁପ୍-୧'ରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ଗତଥରର ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା, ୨ ଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଭଳି ଦଳକୁ ହରାଇଥିବା ଜିମ୍ବାୱେକୁ ସ୍ଥାନ ମିଳିଛି। ଏହା ମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯିବେ। ସେହିପରି ୨ଥରର ଚାମ୍ପିଅନ ଇଂଲଣ୍ଡ, ଦ୍ୱିତୀୟ ସଂସ୍କରଣର ଚାମ୍ପିଅନ ପାକିସ୍ତାନ, ୨୦୧୪ ଚାମ୍ପିଅନ ଶ୍ରୀଲଙ୍କା ଓ ୨୦୨୧ରେ ଶ୍ରେଷ୍ଠ ପ୍ରଦର୍ଶନ ସହ ରନର୍ସ ଅପ୍ ହୋଇଥିବା ନ୍ୟୁଜିଲାଣ୍ଡ ଗ୍ରୁପ୍-୨'ରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଏହି ୪ଟି ଦଳ ସମାନ ସାମର୍ଥ୍ୟ ରଖିଛନ୍ତି। ଏଣୁ ସୁପର-ଏଇଟ୍‌ରେ ଦମ୍‌ଦାର ମୁକାବିଲା ହେବ ବୋଲି ଆଶା କରାଯାଉଛି। ଚଳିତ ସଂସ୍କରଣରେ ସହଯୋଗୀ ରାଷ୍ଟ୍ରଗୁଡିକ ମଧ୍ୟ ବେଶ ଲଢୁଆ ଖେଳିଥିଲେ। କିଛି ମୁକାବିଲାକୁ ଛାଡିଦେଲେ ପ୍ରାୟ ସମସ୍ତ ମ୍ୟାଚ୍‌ରେ ଜୋରଦାର ଲଢ଼େଇ ହୋଇଥିଲା। ଭାରତ ଓ ଶ୍ରୀଲଙ୍କାରେ ଏହି ମୁକାବିଲା ଆୟୋଜିତ ହେଉଥିବାରୁ ପିଚ୍ ପ୍ରାୟତଃ ସ୍ପିନରଙ୍କୁ ସୁହାଉଛି। ସ୍ପିନ୍ ବୋଲିଂରେ ଏବେ ପାକିସ୍ତାନ ଦଳରେ ୬ଜଣ ଅନ୍ତର୍ଜାତୀୟ ସ୍ତରର ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ଏଣୁ ସୁପର ଏଇଟ୍‌ରେ ପାକିସ୍ତାନକୁ ଫେବରାଟ୍ ଦଳ ଭାବେ ବିବେଚନା କରାଯାଇପାରେ। ଘରୋଇ ମାଟି ଏବଂ ଉନ୍ନତ ସ୍ପିନର ଥିଲେ ମଧ୍ୟ ଭାରତ ଦୁଇ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍‌ଠାରୁ କଡ଼ା ମୁକାବିଲାର ଆଶା ରଖୁଛି।

## ଭାରତର ଆଶଙ୍କା ଅଧିକ

ଯୁଗ୍ମ ଆୟୋଜକ ଭାରତ ସୁପର ଏଇଟ୍ ଗ୍ରୁପ୍-୧'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ଭଳି ଶକ୍ତିଶାଳୀ ଦଳ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ଦଳର କ୍ଷମତା ଓ ଖେଳାଳିଙ୍କ ଦକ୍ଷତା ବେଶ ଶକ୍ତିଶାଳୀ। ବିଶେଷ କରି ଟି-୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଭାରତୀୟ ମାଟିରେ ବେଶ ଶକ୍ତିଶାଳୀ। ଏହି ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଦୁଇଥରଯାକ ଟାଇଟଲ ଭାରତୀୟ ଉପମହାଦେଶୀୟ ପିଚ୍‌ରେ ହାସଲ କରିଛି। ୨୦୧୨ରେ ଦଳ ପ୍ରଥମଥର କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ଏଥିରେ ଆୟୋଜକ ଶ୍ରୀଲଙ୍କାକୁ ହରାଇ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟାଇଟଲ ଜିତିଥିଲା। ସେହିପରି ୨୦୧୬ରେ ଇଂଲଣ୍ଡକୁ କୋଲକାତାର ଇଡେନ ଗାର୍ଡେନ୍ସରେ ହରାଇ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଏଣୁ ଭାରତୀୟ ପିଚ୍‌ରେ ଏହି ଦଳ ଭଲ ଖେଳିବ। ନିକଟରେ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦକ୍ଷିଣ ଆଫ୍ରିକା ଭାରତକୁ ହରାଇଥିଲା। କିନ୍ତୁ ଟି-୨୦ ଫର୍ମାଟରେ ଦଳ ସିରିଜ୍ ହାରିଥିଲା। ଏଣୁ ଦକ୍ଷିଣ ଆଫ୍ରିକା ଭାରତୀୟ ପିଚ୍ ଓ ଭାରତୀୟ ଖେଳାଳିଙ୍କ ଦକ୍ଷତା ସମ୍ପର୍କରେ ବେଶ ଅବଗତ ରହିଛି। ଗ୍ରୁପ୍-ଏ ଲିଗ୍‌ରେ ଭାରତ ଉଭୟ ପ୍ରଭାବୀ ଓ ସଂଘର୍ଷ କରି ୪ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ୟୁଏସ୍‌ଏର ଆକ୍ରମଣ ହେଉ କିମ୍ବା ପାକିସ୍ତାନର ସ୍ପିନ୍ ସମସ୍ତ ପ୍ରତିବନ୍ଧକଙ୍କୁ ଏଡାଇଛି ଭାରତ। ଦଳର ଷ୍ଟାର ଖେଳାଳି ଅଭିଷେକ ଶର୍ମା ହ୍ୟାଟ୍ରିକ୍ 'ଶୂନ'ରେ ଆଉଟ ହୋଇଥିଲେ ମଧ୍ୟ ଦଳ ନିକଟରେ ଏକାଧିକ ପାୱାର ହିଟର ତାଙ୍କ ବିଫଳତାକୁ ଅନୁଭବ କରିବାକୁ ଦେଇନାହାନ୍ତି। ଏଣୁ ଘରୋଇ ମାଟିରେ ଖେଳୁଥିବାରୁ ଭାରତ ଉପରେ ଅଧିକ ଚାପ ରହିଛି। ଏହି ଚାପକୁ ଯଦି ଖେଳାଳିମାନେ ମୁକାବିଲା କରିବାରେ ସମର୍ଥ ହୁଅନ୍ତି ତେବେ ଦଳକୁ ସେମିଫାଇନାଲରେ ପ୍ରବେଶ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

ଭାରତ ତାହାର ପ୍ରଥମ ସୁପର ଏଇଟ୍ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ସହ ଫେବୃଆରୀ ୨୨ରେ, ଦ୍ୱିତୀୟ ମୁକାବିଲା ଜିମ୍ବାୱେ ସହ ୨୬ରେ ଓ ତୃତୀୟ ତଥା ଶେଷ ସୁପର ଏଇଟ୍ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ସହ ମାର୍ଚ୍ଚ ୧ରେ ଖେଳିବ।

### ସୁପର ଏଇଟ୍‌ସ ଖେଳସୂଚୀ

| କେବେ | କାହା ମଧ୍ୟରେ | କେଉଁଠି | ଖେଳ ଆରମ୍ଭ |
|---|---|---|---|
| ୨୧।୨ | ନ୍ୟୁଜିଲାଣ୍ଡ-ପାକିସ୍ତାନ | କଲମ୍ବୋ | ରାତି ୭ଟା |
| ୨୨।୨ | ଶ୍ରୀଲଙ୍କା-ଇଂଲଣ୍ଡ | ପାଲେକେଲେ | ଅପରାହ୍ନ ୩ଟା |
| ୨୨।୨ | ଭାରତ-ଦ.ଆଫ୍ରିକା | ଅହମ୍ମଦାବାଦ୍ | ରାତି ୭ଟା |
| ୨୩।୨ | ୱେଷ୍ଟଇଣ୍ଡିଜ୍-ଜିମ୍ବାୱେ | ମୁମ୍ବଇ | ରାତି ୭ଟା |
| ୨୪।୨ | ଇଂଲଣ୍ଡ-ପାକିସ୍ତାନ | ପାଲେକେଲେ | ରାତି ୭ଟା |
| ୨୫।୨ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ | ରାତି ୭ଟା |
| ୨୬।୨ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ଅହମ୍ମଦାବାଦ୍ | ଅପରାହ୍ନ ୩ଟା |
| ୨୬।୨ | ଭାରତ-ଜିମ୍ବାୱେ | ଚେନ୍ନଇ | ରାତି ୭ଟା |
| ୨୭।୨ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ | ରାତି ୭ଟା |
| ୨୮।୨ | ଶ୍ରୀଲଙ୍କା-ପାକିସ୍ତାନ | ପାଲେକେଲେ | ରାତି ୭ଟା |
| ୦୧।୩ | ଦ.ଆଫ୍ରିକା-ଜିମ୍ବାୱେ | ନୂଆଦିଲ୍ଲୀ | ଅପରାହ୍ନ ୩ଟା |
| ୦୧।୩ | ଭାରତ-ୱେଷ୍ଟଇଣ୍ଡିଜ୍ | କୋଲକାତା | ରାତି ୭ଟା |
| ୦୪।୩ | ପ୍ରଥମ ସେମିଫାଇନାଲ | ପରେ ସ୍ଥିର ହେବ | ରାତି ୭ଟା |
| ୦୫।୩ | ଦ୍ୱିତୀୟ ସେମିଫାଇନାଲ | ୱାଙ୍ଖେଡେ | ରାତି ୭ଟା |
| ୦୮।୩ | ଫାଇନାଲ | ପରେ ସ୍ଥିର ହେବ | ରାତି ୭ଟା |

ଗ୍ରୁପ-୧: ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ

ଗ୍ରୁପ୍-୨: ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକ୍/ୟୁଏସ୍

ଟି-୨୦ ବିଶ୍ୱକପ୍: ଜିଓ-ହଟ୍‌ଷ୍ଟାରରେ ୧୬.୩ କୋଟି ୟୁଜର୍ସ

## ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଦେଖିଲେ ରେକର୍ଡ ଦର୍ଶକ

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲଟେଜ ଗ୍ରୁପ୍ ମ୍ୟାଚ୍‌ର ଭ୍ୟୁୟରସିପ୍ ଅର୍ଥାତ ଦର୍ଶକଙ୍କ ସଂଖ୍ୟା ସବୁ ପୁରୁଣା ରେକର୍ଡକୁ ପଛରେ ପକାଇ ନୂଆ ରେକର୍ଡ ସୃଷ୍ଟି କରିଛି। ଡିଜିଟାଲ ପ୍ଲାଟଫର୍ମରେ ଏହି ମ୍ୟାଚ୍‌କୁ ୧୬.୩ କୋଟି ୟୁଜର୍ସ ଦେଖିଛନ୍ତି। ଟି-୨୦ ଫର୍ମାଟ୍‌ରେ ଯେକୌଣସି ଆଇସିସି ଇଭେଣ୍ଟ ପାଇଁ ଏହା ଏକ ନୂଆ ରେକର୍ଡ ସାବ୍ୟସ୍ତ ହୋଇଛି। ଏହି ମ୍ୟାଚ୍ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲ (ଭାରତ ବନାମ ଦକ୍ଷିଣ ଆଫ୍ରିକା)ର ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ଏହି ମ୍ୟାଚ୍‌ର ମୋଟ୍ ୱାଚ୍ ଟାଇମ୍ ୨୦ ବିଲିୟନ ଅର୍ଥାତ ୨,୦୦୦ କୋଟି ମିନିଟ ରେକର୍ଡ କରିଛି, ଯାହା ଗତ ସଂସ୍କରଣ ତୁଳନାରେ ୪୨ ପ୍ରତିଶତ ଅଧିକ। ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଭାରତ- ପାକିସ୍ତାନ ମ୍ୟାଚ୍ ତୁଳନାରେ ଏଥର ଡିଜିଟାଲ ଭ୍ୟୁୟରସିପ୍‌ରେ ୫୬ ପ୍ରତିଶତ ବୃଦ୍ଧି ହୋଇଛି। ଏହି ମ୍ୟାଚ୍ ଗତ ୧୫ ତାରିଖରେ କଲମ୍ବୋର ଆର ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିଲା ଓ ଭାରତ ଏଥିରେ ୬୧ ରନ୍‌ରେ ପାକିସ୍ତାନକୁ ହରାଇ ବୃହତ୍ ବିଶ୍ୱକପ୍ ବିଜୟ ହାସଲ କରିଥିଲା।

ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ

## ୧୦ ଓଭରରେ ଜିତିଲା ଅଷ୍ଟ୍ରେଲିଆ

ପାଲେକେଲେ,୨୦।୨(ଏଜେନ୍ସି):ଲେଗ୍ ସ୍ପିନର ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ ଓ ଅଧିନାୟକ ମିଚେଲ ମାର୍ଶଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଚଳିତ ଟି-୨୦ ବିଶ୍ୱକପ୍‌ର ୪୦ତମ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ୱିକେଟରେ ଓମାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ବିଜୟ ସହ ବିଶ୍ୱକପ୍‌ରୁ ବିଦାୟ ନେଇଛି। ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ ୨ଟି ବିଜୟ ଓ ୨ଟି ପରାଜୟ ସହ ତୃତୀୟ ସ୍ଥାନରେ ରହି ସୁପର-୮'କୁ ଉନ୍ନୀତ ହୋଇପାରି ନାହିଁ। ଏହି ମ୍ୟାଚ୍‌ରେ ୨୧ ରନ୍ ଦେଇ ୪ଟି ୱିକେଟ ନେଇଥିବା ଜାମ୍ପାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପାଲେକେଲେ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଯାଦୁକରୀ ବୋଲିଂ କରି ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଜାମ୍ପା ୪ଟି, ଜାଭିୟର ବାର୍ଟଲେଟ ଓ ଗ୍ଲେନ୍ ମ୍ୟାକ୍ସୱେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଓମାନ ୧୬.୨ ଓଭରରେ ୧୦୪ ରନ୍ କରିଥିଲା। ଦଳ ପକ୍ଷରୁ ୪ଜଣ ଖେଳାଳି ଡବଲ ଫିଗର ଛୁଇଁଥିଲାବେଳେ ୱାସିମ ଅଲି ସର୍ବାଧିକ ୩୨, ଅଧିନାୟକ ଜତିନ୍ଦର ସିଂହ ୧୭,



ହାମ୍ମଦ୍ ମିର୍ଜା ୧୬ ଓ କରଣ ସୋନୋଭାଲେ ୧୨ ରନ୍ କରିଛନ୍ତି। ଜବାବରେ ଅଷ୍ଟ୍ରେଲିଆ ୯.୪ ଓଭରରେ ଟ୍ରାଭିସ୍ ହେଡ୍‌ଙ୍କ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ହେଡ୍ ୧୯ ବଲ୍‌ରେ ୩୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ ୩୩ବଲ୍‌ରୁ ୭ ଚୌକା ଓ ୪ଛକା ସହ ୬୪ ଏବଂ ଜୋଶ ଇଂଲିଶ ୬ ବଲରୁ ୧୨ ରନ୍ କରି ଅପରାଜିତ ରହିଥିଲେ।

## ଭାରତ-ଏ' ଫାଇନାଲ୍‌ରେ

ବ୍ୟାଙ୍ଗକ୍,୨୦।୨(ଏଜେନ୍ସି): ଶ୍ରୀଲଙ୍କା-ଏ'କୁ ୫ ୱିକେଟରେ ପରାସ୍ତ କରି ଭାରତ-ଏ' ଏଠାରେ ଚାଲିଥିବା ଏସିସି ୱିମେନ୍ସ ଏସିଆ କପ୍ ରାଇଜିଂ ଷ୍ଟାର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ବାଂଲାଦେଶ ଓ ପାକିସ୍ତାନ ମୁକାବିଲାର ବିଜେତା ସହ ଭାରତ ରବିବାର ଫାଇନାଲ ଖେଳିବ।

■ ଦୃଷ୍ଟିବାଧିତ ଫୁଟବଲ

## ଭାରତୀୟ ଦଳରେ ପଦ୍ମିନୀ, ଆକାଶ





ଭୁବନେଶ୍ୱର,୨୦।୨(ସମିସ): ଜାପାନରେ ଆସନ୍ତା ଏପ୍ରିଲ ମାସରେ ଖେଳାଯିବ ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଚୟନ ସକାଶେ ଅନୁଷ୍ଠିତ ଜାତୀୟ ଶିବିରରେ ଉଚ୍ଚକୋଟୀର ପ୍ରଦର୍ଶନ କରି ପଦ୍ମିନୀ ଟୁଡୁ ଓ ଆକାଶ ପଡ଼ିଆମୀ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଖେଳାଳିମାନଙ୍କୁ ବୁଲ୍ସ ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ଓଡ଼ିଶା ଦୃଷ୍ଟିବାଧିତ ସଂଘର କର୍ମକର୍ତ୍ତାମାନେ ଏହି ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଦ ହଣ୍ଡ୍ରେଡ୍ ନିଲାମୀ

## ପାକିସ୍ତାନୀଙ୍କୁ କିଣିବେନି ଭାରତୀୟ ମାଲିକ

ଲଣ୍ଡନ,୨୦।୨(ଏଜେନ୍ସି): ଇଂଲଣ୍ଡରେ ଅନୁଷ୍ଠିତ ହେଉଥିବା ଦ ହଣ୍ଡ୍ରେଡ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ନିଲାମ ଲାଗି ଚର୍ଚ୍ଚା ଜୋର ଧରିଛି। ଏହି ଚର୍ଚ୍ଚା ହେଉଛି ଦ ହଣ୍ଡ୍ରେଡ୍‌ରେ ଥିବା ୪ଟି ଫ୍ରାଞ୍ଚାଇଜ୍ ଟିମ୍ ପାକିସ୍ତାନୀ ଖେଳାଳିଙ୍କୁ କିଣିବେ ନାହିଁ। ବର୍ତ୍ତମାନ ବିଶ୍ୱକପ୍ ଖେଳୁଥିବା ସମସ୍ତ ପାକିସ୍ତାନୀ ଖେଳାଳିଙ୍କ ସମେତ ୫୭ଜଣ ଏହି ନିଲାମି ଲାଗି ନାମ ପଞ୍ଜିକରଣ କରିଛନ୍ତି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଉଷ୍ମତା ଯୋଗୁଁ ଏହି ଖେଳାଳିମାନଙ୍କୁ ଭାରତୀୟ ମାଲିକାନାରେ ଥିବା ଦଳଗୁଡିକ କଣିବେ ନାହିଁ ବୋଲି ଇଂଲଣ୍ଡ ଗଣମାଧ୍ୟମରେ ପ୍ରକାଶ ପାଇଛି। ଆଇପିଏଲ୍ ଟିମ୍ ସହ ଜଡିତ ଥିବା ମାଞ୍ଚେଷ୍ଟର ସୁପର ଜ୍ୟାଣ୍ଟସ, ଏମ୍‌ଆଇ ଲଣ୍ଡନ, ସଦର୍ଣ୍ଣ ବ୍ରେଭ୍ ଓ ସନ୍‌ରାଇଜର୍ସ ଲିଡ୍ସ ପାକିସ୍ତାନୀ ଖେଳାଳିଙ୍କୁ ନିଲାମିରେ କିଣିବେ ନାହିଁ ବୋଲି ସୂଚନା ମିଳିଛି। ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ପାକିସ୍ତାନ ଖେଳାଳିମାନେ ଖେଳିଥିଲେ। ୨୦୦୯ ପରଠାରୁ ସେମାନଙ୍କୁ ଆଇପିଏଲ୍ ସାମିଲ କରାଯାଉନାହିଁ କିମ୍ବା ଆଇପିଏଲ୍ ମାଲିକଙ୍କ ଜଡିତ ଅନ୍ୟ ଦେଶର ଫ୍ରାଞ୍ଚାଇଜ୍ ଟିମ୍ ମଧ୍ୟ ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ନେଉନାହିଁ। ଦକ୍ଷିଣ ଆଫ୍ରିକାର ଏସ୍‌ଏ-ଟି୨୦ ଟୁର୍ଣ୍ଣାମେଣ୍ଟରେ ୬ଟି ଫ୍ରାଞ୍ଚାଇଜ୍ ଟିମ୍ ଭାଗ ନେଉଛନ୍ତି। ଏ ସମସ୍ତ ଟିମ୍ ଆଇପିଏଲ ମାଲିକ ମାନଙ୍କର। ଏଣୁ ସେଠାରେ ପାକିସ୍ତାନୀ ଖେଳାଳିଙ୍କୁ ସୁଯୋଗ ନାହିଁ। ଆମେରିକାରେ ଖେଳାଯାଉଥିବା ମେଜର ଲିଗ୍ କ୍ରିକେଟରେ ମଧ୍ୟ ସମାନ ଅବସ୍ଥା। କିନ୍ତୁ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳିମାନଙ୍କୁ ଦଳରେ ନିଆଯିବା ଲାଗି କୌଣସି ପ୍ରତିବନ୍ଧକ ନାହିଁ। ୱେଷ୍ଟଇଣ୍ଡିଜ୍‌ର କ୍ୟାରିବିୟାନ ପ୍ରିମିୟର ଲିଗ୍‌ରେ ଭାରତୀୟ ମାଲିକାନାରେ ଥିବା ଟିମ୍ କିଛି ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ନେଇଥିବାର ପ୍ରମାଣ ରହିଛି। ଆଜମ ଖାନ୍ ଓ ଫାତିମା ସାନା ବାର୍ବାଡୋସ୍ ରୟାଲ୍ସ ପକ୍ଷରୁ ଖେଳିଛନ୍ତି। ୟାସିର ଶାହ, ସଦାବ ଖାନ୍, ମହମ୍ମଦ୍ ହାସନେନ୍ ମଧ୍ୟ ତ୍ରିନିବାଗୋ ନାଇଟ୍ ରାଇଡର୍ସ ପକ୍ଷରୁ ଖେଳିଛନ୍ତି।

ବିହାରୀଲାଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହାବୀର, କିଶୋର କ୍ଲବ୍ ବିଜୟୀ

ଭୁବନେଶ୍ୱର,୨୦।୨(ସମିସ):ଚଳିତ୨୭ତମ ବିହାରୀଲାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ପୁରୀର ମହାବୀର କ୍ଲବ ୫ ରନରେ ଭୁବନେଶ୍ୱରର ଜାଗୃତି କ୍ଲବକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଶୋର କ୍ଲବ ୧୧ ରନରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଅନ୍ୟପଟେ ଭେଟେରାନ ବିଭାରେ ଦୁଇଟି ମ୍ୟାଚ୍ ଖେଳଯାଇଥିଲା।



ପ୍ରଥମ ମ୍ୟାଚ୍‌ରେ ମହାବୀର ଭେଟେରାନକୁ ୨୮ ରନରେ ପରାସ୍ତ କରିଥିଲା କିଶୋର କ୍ଲବ। ଦ୍ୱିତୀୟ ମ୍ୟାଚ୍‌ରେ ନିମାପଡ଼ା ଭେଟେରାନ୍‌କୁ ବିହାରୀଲାଲ ଭେଟେରାନ ଦଳ ୮ ୱିକେଟରେ ପରାସ୍ତ କରିଛି। ଶ୍ରୀବତ୍ସ ବଲ୍ଲଭ ସାମନ୍ତରାୟ, କେଦାରନାଥ ରଣସିଂହ, ମନୋଜ ବିଶ୍ୱାଳ, ଅକ୍ଷୟ ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

● କଳାହାଣ୍ଡି କପ୍

## ବିଶ୍ୱଜିତ୍‌ଙ୍କ ଶତକ: ନୟାଗଡ଼ ୭୩ ରନରେ ବିଜୟୀ

ଭୁବନେଶ୍ୱର,୨୦।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗ୍‌ରେ ନୟାଗଡ଼ ୭୩ ରନରେ ନବରଙ୍ଗପୁରକୁ ପରାସ୍ତ କରିଛି। ଗୁରୁବାରର ଏହି ବାକି ଥିବା ମ୍ୟାଚ୍ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା।





ବିଶ୍ୱଜିତ ପ୍ରଧାନ ରୁଦ୍ରନାରାୟଣ ବେହେରା

ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୪୮.୧ ଓଭରରେ ୨୮୧ ରନ୍‌କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବିଶ୍ୱଜିତ ପ୍ରଧାନ ୧୧୨ ବଲର ସମ୍ମୁଖୀନ ହୋଇ ୧୨୭ ରନର ଶତକୀୟ ପାଳି ଖେଳିଥିଲେ। ନବରଙ୍ଗପୁର ତରଫରୁ ବୋଲିଂରେ ଦୀପକ ତିୱାରୀ ୩ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବରଙ୍ଗପୁର ୪୨ ଓଭରରେ ୨୦୮ ରନକରି ଅଲଆଉଟ ହୋଇଥିଲା। ଦଳର ଦୀଲିପ ବିଶୋଇ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବାବେଳେ ନୟାଗଡ଼ର ରୁଦ୍ରନାରାୟଣ ବେହେରା ୫ ଓ ଆଶୁତୋଷ ଦାସ ୪ ୱିକେଟ ଅକ୍ତିଆର କରିଥିଲେ।

ଅଭିଷେକ ଯାଦବଙ୍କ ଅଲରାଉଣ୍ଡ ସଫଳତା, ଚମକିଲେ ଆଇପିଏଲ୍ ଖେଳାଳି ବିଶ୍ୱନାଥ

## ତମାଣ୍ଡୋ ପ୍ରିମିୟର ଲିଗ୍ ଫାଇନାଲରେ ଟିସିସି

ଭୁବନେଶ୍ୱର,୨୦।୨(ସମିସ)

ସମ୍ବଲପୁରର ଏମ୍‌ଏମ୍‌ସିସି'କୁ ୪୫ ରନ୍‌ରେ ପରାସ୍ତ କରି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଭୁବନେଶ୍ୱରର ଦୁଇ ଦଳ ଯୁବି ରକ୍‌ଷ୍ଟାର ଓ ଆଦିତ୍ୟ ଏକାଦଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚର ବିଜେତା ଦଳ ସହ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଫାଇନାଲ ମୁକାବିଲା ଆସନ୍ତା ରବିବାର ଖେଳାଯିବ। ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଅଭିଷେକ ଯାଦବଙ୍କ ଅଲରାଉଣ୍ଡ ସଫଳତା ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଆୟୋଜକ କ୍ଲବ୍‌ର ବରିଷ୍ଠ ସଦସ୍ୟ ଅନଙ୍ଗ ବିହାରୀ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପ୍ରଦାନ କରିଥିଲେ। ଅଭିଷେକ ବ୍ୟାଟିଂରେ ୧୫ ବଲ୍‌ରୁ ୪୦ ରନ୍ କରିଥିଲାବେଳେ ବୋଲିଂ ୩ ଓଭରରେ ୩୦ ରନ୍‌ରେ ୩ୱିକେଟ ନେଇଥିଲେ।





ତମାଣ୍ଡୋ କ୍ରିକେଟ ପଡ଼ିଆରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଟିସିସି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କ୍ଷମାସାଗର ବଳଙ୍କ ୩୧ ବଲ୍‌ରୁ ୫୬ ଓ ଆକାଶ ମହାପାତ୍ରଙ୍କ ୨୦ ବଲ୍‌ରୁ ୪୮ ରନ୍ ସହାୟତାରେ ଟିସିସି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୨୯ ରନ୍ କରିବାକୁ ସମର୍ଥ ହୋଇଥିଲା। ପ୍ରତିପକ୍ଷ ଦଳର ଆଶୁତୋଷ ନାୟକ ୩୨ ରନ୍‌ରେ ୪ ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଆବ୍ରାର ହାସନଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ସମ୍ବଲପୁରର ଏମ୍‌ଏମ୍‌ସିସି ୧୭.୧ ଓଭରରେ ୧୮୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୨୦୨୪ରେ ପଞ୍ଜାବ କିଙ୍ଗ୍‌ସର ଆଇପିଏଲ୍ ଖେଳାଳି ବିଶ୍ୱନାଥ ପ୍ରତାପ ସିଂହ ୩୧ ବଲ୍‌ରୁ ୬୩ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇ ନ ଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ସୌମ୍ୟରଞ୍ଜନ ବିଶ୍ୱାଳ ୧୩ ବଲ୍‌ରେ ୨୬ ରନ୍ କରିଥିଲେ। ବିଜୟୀ ତମାଣ୍ଡୋ ଦଳ ପକ୍ଷରୁ ଅଭିଷେକଙ୍କ ୩ ୱିକେଟ ବ୍ୟତୀତ ଅତୁଲ ସରୱାର ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ସୌମେନ୍ଦ୍ର ପାତ୍ର ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ। ସୁଶିଲ ସୁନ୍ଦରାୟ ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ।

■ ବଧିର ଏସିଆ କପ୍ କ୍ରିକେଟ

## ଭାରତର କ୍ରମାଗତ ବିଜୟ

କଟକ,୨୦।୨(ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଏସୀୟ ବଧିର କ୍ରିକେଟ ଆସୋସିଏସନ (ଏଡିସିଏ), ଭାରତୀୟ ବଧିର କ୍ରିକେଟ ଆସୋସିଏସନ (ଆଇଡିସିଏ) ଓ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସିଆ କପ୍ କ୍ରିକେଟ ଟୁର୍ଣ୍ଣରାମେଣ୍ଟରେ ଆୟୋଜକ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଗୁରୁବାର ଶ୍ରୀଲଙ୍କାକୁ ୪ ୱିକେଟରେ ପରାସ୍ତ କରିବା ପରେ ଶୁକ୍ରବାର ୧୦ ୱିକେଟରେ ନେପାଳକୁ ପରାସ୍ତ ବୃହତ୍ ବିଜୟ ହାସଲ କରିଛି। ଟସ୍ ଜିତି ନେପାଳ ପ୍ରଥମେ ବ୍ୟାଟିଂ କରି ୧୭.୪ ଓଭରରେ ୯ ୱିକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କ୍ରିଷ୍ଣା ଧାମୀ ୧୯, ଅଭିଷେକ କୁମାର ମିଶ୍ର ୧୧, ଅଜୟ କର୍ଣ୍ଣ ୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ଜିଗର ଠାକ୍କର ସର୍ବାଧିକ ୫, ଆକାଶ ସଇନି ଓ ସନିଥ ସେଚ୍ଚୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତୀୟ ଓପନର ଦୀପକ ଲାମ୍ବା ୨୮ ଓ ସନିଥ ସେଚ୍ଚୀ ୨୫ ରନକରି ଅପରାଜିତ ରହିବା ସହ ଦଳକୁ ବୃହତ ବିଜୟ ପ୍ରଦାନ କରିଥିଲେ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଦିନରେ

- ୧୮୪୨- ଆମେରିକାରେ ସିଲେଇ ମେସିନ୍‌ଙ୍କୁ ପେଟେଣ୍ଟ କରାଗଲା।
- ୧୯୪୬- ମିଶରରେ ବ୍ରିଟେନ ବିପକ୍ଷରେ ବିରୋଧ ପ୍ରଦର୍ଶନ।
- ୧୯୮୬- ଦକ୍ଷିଣ ଆଫ୍ରିକା ସରକାର ଜୋହାନ୍ସବର୍ଗକୁ ଅଶ୍ୱେତଙ୍କ ଉଦ୍ଦେଶ୍ୟରେ ଖୋଲିଦେଲେ।
- ୧୯୯୧- ବଲିଉଡ୍ ଅଭିନେତ୍ରୀ ନୂତନଙ୍କ ପରଲୋକ।



# ଏକାସାଙ୍ଗେ ଆସିବେ ରଣବୀର-ଅକ୍ଷୟ

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର ୨'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହା ଆସନ୍ତା ମାର୍ଚ୍ଚ ୧୯ ରେ ପରଦାକୁ ଆସିବ। ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ମଧ୍ୟ ପରଦାକୁ ଆସିବ। ଏହି ଦୁଇଟି ଫିଲ୍ମ ପରସ୍ପରକୁ କଡ଼ା ଟକ୍କର ଦେବେ ବୋଲି କୁହାଯାଉଛି। ତେବେ ଏକାସାଙ୍ଗେ ଦୁଇ ଜଣ ବଡ଼ ଅଭିନେତାଙ୍କ ଫିଲ୍ମ ରିଲିଜ୍ ହେଉଥିବାରୁ ଏଥିପାଇଁ ଏହି ସମୟରେ ରିଲିଜ୍ ହେବାକୁ ଥିବା ଅନେକ ଫିଲ୍ମକୁ ଘୁଞ୍ଚାଇ ଦିଆଯାଇଛି। ଇତିମଧ୍ୟରେ ଏହି ଦୌଡ଼ରେ ଅକ୍ଷୟ କୁମାର ମଧ୍ୟ ସାମିଲ ହୋଇଛନ୍ତି। 'ଧୁରନ୍ଧର: ଦ ରିଭେଞ୍ଜ' ସହ ଦର୍ଶକଙ୍କୁ ଏକ ବଡ଼ ସରପ୍ରାଇଜ୍ ମିଳିବାକୁ ଯାଉଛି। ଅକ୍ଷୟଙ୍କ ଅଭିନୀତ 'ଭୂତ୍ ବଙ୍ଗଲା'ର ଏକ ପ୍ରମୋସନାଲ ଗୀତକୁ ମାର୍ଚ୍ଚ ୧୯ ରେ ରିଲିଜ୍ କରାଯିବା ଯୋଜନା ରହିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାକୁ 'ଧୁରନ୍ଧର ୨' ସହ ଥିଏଟର୍‌ରେ ରିଲିଜ୍ କରାଯିବ। 'ଭୂତ୍ ବଙ୍ଗଲା' ନିର୍ଦ୍ଦେଶନା ଦେଇଛନ୍ତି ପ୍ରିୟଦର୍ଶନ। ଦୀର୍ଘ ୧୪ ବର୍ଷ ପରେ ଅକ୍ଷୟ ଏହି ଫିଲ୍ମ ମାଧ୍ୟମରେ ପ୍ରିୟଦର୍ଶନଙ୍କ ସହ କାମ କରୁଛନ୍ତି। ଏହା ଆସନ୍ତା ଏପ୍ରିଲ୍ ୧୦ରେ ପରଦାକୁ ଆସିବ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ



ମାତୃଭାଷା ଗୋଟିଏ ଜାତିର ଅସ୍ମିତାର ପ୍ରତୀକ। ଯେଉଁ ଜାତି ନିକଟରେ ମାତୃଭାଷା ଯେତେ ଆଦୃତି ଲାଭ କରିଛି ସେ ଜାତି ସେତେ ଉନ୍ନତ ଓ ପ୍ରଗତିଶୀଳ। ଭାଷା, ସାଂସ୍କୃତିକ ବିବିଧତା ଏବଂ ବହୁଭାଷୀତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୨୧କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଏ। ୟୁନେସ୍କୋ ୧୭ ନଭେମ୍ବର, ୧୯୯୯ରେ ଏହି ଦିବସ ଘୋଷଣା କରିଥିଲା। ପରେ ୨୧ ଫେବୃୟାରୀ, ୨୦୦୦ରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ପ୍ରତି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ। ଭାଷା ହେଉଛି ଏକ ମାତ୍ର ମାଧ୍ୟମ ଯାହା, ଲୋକଙ୍କୁ ପରସ୍ପର ସହ ଯୋଡ଼ି ରଖିବାରେ ସହାୟକ ହୋଇଥାଏ। ସେହିଭଳି ଶିଶୁଟିଏ ତା'ର ବାପାମା' ଠାରୁ ଶିଖୁଥିବା ପ୍ରଥମ ଭାଷା ହେଉଛି ତା'ର ମାତୃଭାଷା। ଏହା ବ୍ୟତୀତ ଜଣେ ନିଜ ପୂର୍ବଜଙ୍କ ଠାରୁ ଶିଖିଥିବା ଭାଷା ମଧ୍ୟ ମାତୃଭାଷା ହୋଇଥାଏ। ନିଜର ମାତୃଭାଷା ନିଜ ରାଜ୍ୟ ଭାଷା କିମ୍ବା ଆଞ୍ଚଳିକ ଭାଷାଠାରୁ ଭିନ୍ନ ହୋଇପାରେ କିନ୍ତୁ ମାତୃଭାଷା ସର୍ବଦା ତାହା ହୋଇଥାଏ ଯାହା ପରିବାରର ସଦସ୍ୟମାନଙ୍କ ଦ୍ୱାରା ବ୍ୟବହୃତ ହୁଏ। 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ ବୋଲି ଏହି ଦିବସ ବାର୍ତ୍ତା ଦେଇଥାଏ।

# ପତ୍ନୀଙ୍କ ସ୍ମୃତିରେ...





ବିହାର ଛାପ୍ରାର ଜଣେ ଦମ୍ପତିଙ୍କ ପ୍ରେମ କାହାଣୀ ଏବେ ଚର୍ଚ୍ଚା ସାଉଁଟୁଛି। ସ୍ଥାନୀୟ ଅଞ୍ଚଳର ବାଲ୍ କିସୁନ୍ ରାମଙ୍କ ବାହାଘର ୧୭ ବର୍ଷ ବୟସରେ ହୋଇଥିଲା। ସେତେବେଳେ ତାଙ୍କ ଘରର ଆର୍ଥିକ ସ୍ଥିତି ଭଲ ଥିଲା। ତେଣୁ ବାଲ୍ କିସୁନ୍‌ଙ୍କ ପାଠପଢ଼ା ଅଧାରେ ରହିଯାଇଥିଲା। ତାଙ୍କ ସ୍ତ୍ରୀ ଶାରଦା ଦେବୀ କିନ୍ତୁ ସ୍ୱାମୀଙ୍କୁ ପାଠ ପଢ଼ାଇବା ପାଇଁ ମନସ୍ଥ କଲେ। ସେ ନିଜେ ଦିନ ମଜୁରିଆ ଭାବେ କାମ କରି ଘରର ସମସ୍ତ ଦାୟିତ୍ୱ ନେଲେ। ଏପରିକି ସ୍ୱାମୀଙ୍କୁ ପାଠ ପଢ଼ାଇବା ପାଇଁ ସେ ତାଙ୍କର ସମସ୍ତ ସୁନା ଗହଣା ବିକ୍ରି କରି ଦେଇଥିଲେ। ଏତେସବୁ ମଧ୍ୟରେ ଏହି ପତିପତ୍ନୀଙ୍କ ମଧ୍ୟରେ ପରସ୍ପର ପ୍ରତି ଅଭିଯୋଗ ନ ଥିଲା। କେବଳ ଥିଲା ନିରୁତା ପ୍ରେମ ଓ ଭଲପାଇବା। ବାଲ୍ କିସୁନ୍‌ଙ୍କୁ ସରକାରୀ ଚାକିରି ମଧ୍ୟ ମିଳିଗଲା। ହେଲେ ସେ ଅବସର ନେବାର ଛଅମାସ ପୂର୍ବରୁ ଶାରଦା ଦେବୀଙ୍କର ୨୦୨୨ ମସିହାରେ ହୃଦ୍‌ଘାତରେ ମୃତ୍ୟୁ ହେଲା। ଶାରଦାଙ୍କ ମୃତ୍ୟୁ ପରେ ବାଲ୍ କିସୁନ୍ ଭାଙ୍ଗି ପଡ଼ିଥିଲେ। ସେ ତାଙ୍କର ଅବସରକାଳୀନ ସହାୟତା ରାଶିରେ ସ୍ତ୍ରୀଙ୍କ ପାଇଁ ଏକ ମନ୍ଦିର ତିଆରି କରିବାକୁ ଇଚ୍ଛା କଲେ। ସେ ବୁଝିଲେ ଧନ ଓ ସମ୍ପତ୍ତିରେ କିଛି ଅର୍ଥ ନାହିଁ, ଯଦି ପ୍ରତି ମୁହୂର୍ତ୍ତରେ ସାଥ୍ ଦେଇ ଆସୁଥିବା ଜୀବନ ସାଥୀ ପାଖରେ ନ ଥିବ। ବାଲ୍ କିସୁନ୍ ପତ୍ନୀଙ୍କ ସ୍ମୃତିରେ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ୬୫ ଫୁଟର ଏକ ମନ୍ଦିର ତିଆରି କଲେ। ସେଠାରେ ସେ ଶାରଦା ଦେବୀଙ୍କ ମୂର୍ତ୍ତିକୁ ସ୍ଥାପନା କରିଛନ୍ତି। ଏ ଲାଗି ତାଙ୍କୁ ୬୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲେ ବି ସେ କରିଥାନ୍ତେ ବୋଲି ବାଲ୍ କିସୁନ୍ କହିଛନ୍ତି। ପ୍ରତିଦିନ ସକାଳେ ଓ ସଂଧ୍ୟାବେଳେ ସେ ଶାରଦାଦେବୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳିତ କରିବା ସହ ଏକ କପ୍‌ରେ ଚା' ରଖି ଦିଅନ୍ତି। ସେ ନିତିଦିନ ତାଙ୍କ ପତ୍ନୀଙ୍କ ମୂର୍ତ୍ତି ସମ୍ମୁଖରେ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନ ମଧ୍ୟ ରଖିଥାନ୍ତି। ଯଦି ସ୍ତ୍ରୀମାନେ ସ୍ୱାମୀଙ୍କୁ ପତି ପରମେଶ୍ୱର କହି ପୂଜା କରିପାରୁଛନ୍ତି ତେବେ ଜଣେ ସ୍ୱାମୀ ତା ସ୍ତ୍ରୀକୁ ଦେବୀ ଭାବେ ପୂଜା କରିପାରିବ ନାହିଁ କି ବୋଲି ବାଲ୍ କିସୁନ୍ କହିଛନ୍ତି।

## ପ୍ରହେଳିକା

- ବୃହତ ଗଛ ସେ ଛୋଟିଆ ଫଳ
  ତା' ଡାଳରେ ଝୁଲୁଥାଏ ଓହଳ
  ଗ୍ରୀଷମ କାଳେ ସେ ଦିଅଇ ଛାଇ
  ତା' ମୂଳେ ବସିଲେ ଥକ୍କା ମେଣ୍ଟଇ
  ଗାଆଁ ଆଖପାଖେ ଥାଏ
  ତା' ଫଳକୁ ପକ୍ଷୀ ସରାଗେ ଖାଆନ୍ତି
  କୁହ ତା'ର ନାମ କିଏ।

  ଉତ୍ତର-ବରଗଛ

- ମୋ ଦେହରେ ଥାଏ ଚକ ଦୁଇଟି
  ବିନା ଇନ୍ଧନରେ ଚାଲେ ମୁହିଁଟି
  ପେଡାଲ୍ ମାରିଲେ ଆଗକୁ ବଢ଼େ
  ପକ୍କା କଚ୍ଚା ସବୁ ରାସ୍ତାରେ ଗଡ଼େ
  ସୁନ୍ଦର ବାହନଟିଏ
  ଟିଙ୍ଗ୍ ଟିଙ୍ଗ୍ ଘଣ୍ଟି ଶବଦ ଦିଅଇ
  କୁହ ତ ମୋ ନାମ କିଏ।

  ଉତ୍ତର-ସାଇକଲ



- ହଳଦୀ ରଙ୍ଗର ଚଢ଼େଇଟିଏ
  କିଚିରି ମିଚିରି ଗୀତ ସେ ଗାଏ
  ମୁଣ୍ଡ କଳା ତା'ର ଥଣ୍ଟଟି ନାଲି
  ବଗିଚାରୁ ଖାଏ ପାଚିଲା କୋଳି
  ମନୋହର ପକ୍ଷୀଟିଏ
  ବସନ୍ତ ଋତୁରେ ଦେଖାଦିଏ ସିଏ
  କୁହ ତା'ର ନାମ କିଏ।

  ଉତ୍ତର-ହଳଦୀ ବସନ୍ତ


ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ପରୀକ୍ଷା ବେଳ ହେଲା



ନିରଞ୍ଜନ ସାହୁ

ହେଲା ପରୀକ୍ଷା ବେଳ
ଖେଳିବା ନାହିଁ ଖେଳ
ପଢ଼ାରେ ଦେବା ମନ
ପରୀକ୍ଷା ଯେବେ ସରିବ ତେବେ
ଯେତେ ଖେଳୁଥା ଧନ ।
ବିଦ୍ୟାଳୟକୁ ଯିବା
ଅଭ୍ୟାସ କରୁଥିବା
ପଢ଼ାରେ ଥିବ ଲୟ
ସମୟ ଜ୍ଞାନ ଶ୍ରମରେ ଧ୍ୟାନ
ନ ଥିବ ଆଉ ଭୟ ।
ପରୀକ୍ଷା କଥା ହେଜି
ଆଳସ୍ୟ ଭାବ ତେଜି
ଲାଗିପଡ଼ିବା କାମେ
ଖଟିବା ଯେତେ ପାଇବା ସେତେ
ଖୁସି ହୋଇବା ଆମେ ।
କଥାଟି ପୁରା ଯଥା
ପାଠରେ ପୁରା ମଥା
ପଢ଼ା କାମଟି ଆଗ
ସନ୍ଦେହ ଯାହା ବୁଝିବ ତାହା
ଏକାଗ୍ର ଚିତ୍ତେ ଲାଗ ।
ଯଥା ସମୟେ ଖାଅ
ଶାନ୍ତିରେ ଶୋଇ ଯାଅ
ଦେହକୁ ଜଗିଥିବ
ନହେଲେ ଜାଣ ପଢ଼ାର ଟାଣ
ସମୂଳେ ଭାଙ୍ଗିଯିବ ।
ଅପେକ୍ଷା ନାହିଁ ଆଉ
ବେଳହୁଁ ଥାଉଥାଉ
ପଢ଼ାରେ ଯିବା ମାତି
ପରୀକ୍ଷା ହେବ ସୁଫଳ ଦେବ
ଫୁଲି ଉଠିବ ଛାତି ।



ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ

## ଆମ ପରିବାର



କୁଞ୍ଜ ବିହାରୀ ସାହୁ

ବାପା ଆମର ବୁଝାନ୍ତି ପାଠ
ଭଲ ପଢ଼ିକି ହୁଅରେ ଚାଟ
ବହିରେ ଅଛି ଜ୍ଞାନ,
ମନଦେଇକି ପଢ଼ି ଯା ବସି
ବଢ଼ିବ ଯଶ-ମାନ ।
ମାଆ ଆମର ଆଦର କରି
ମନରେ ସ୍ନେହ-ସରାଗ ଭରି
କହନ୍ତି ଖାଆ ଖାଆ,
ହାତ ପରଷା ଖାଇଲେ ପରା
କହିବେ ଜେଜି ବାଃ ।
ସାଇକଲଟି ଶିଖାନ୍ତି ଭାଇ
ନାନାବାୟାର ଗୀତଟି ଗାଇ
କରନ୍ତି କେତେ ମଜା,
ଭାଇ ସାଥିରେ ବଜାରେ ବୁଲୁ
ଖାଉ ବିସ୍କୁଟ୍ ଖଜା ।
ଦାଣ୍ଡପିଣ୍ଡାରେ ପକେଇ ସପ
ଜେଜେ କୁହନ୍ତି ଗାଉଁଲି ଗପ
ବଢ଼ିଆ ଲାଗେ ସତେ
ଜେଜିମା ଆସି ପାଖରେ ବସି
ଆଉଁଶିଦିଏ ମୋତେ ।
ଏଇଟି ଆମ ଛୋଟିଆ ଘର
ଘର ଅଟଇ ସରଗପୁର
ସଭିଏଁ ମିଶି ରହୁ
ସୁନ୍ଦର ଆମ ପରିବାରଟି
ଏଇକଥାଟି କହୁ ।

ପାତ୍ରପଡ଼ା, ଭୁବନେଶ୍ୱର

## ସୁମନ

# ସୁଖ-ଦୁଃଖର ସାଥୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ଗୋଟେ ଘର, ଗୋଟେ ଗଛ, ଗୋଟେ ଗାଈ ପଡ଼ୋଶୀ ହୋଇ ଚଳୁଥାନ୍ତି। ଗଛକୁ ରାତିରେ ଚାଲିବାର ବେମାର ଥାଏ। ଘରେ କେହି ବି ମଣିଷ ରୁହନ୍ତି ନାହିଁ। ଘରେ ବସବାସ କରିବାକୁ ସେ ପ୍ରତିଦିନ ମଣିଷଙ୍କୁ ଡାକ ମାରେ। ଯେବେ କେହି ଆସି ଘରେ ରହିବାକୁ ଲାଗେ ଘର କେତେପ୍ରକାର ଭାବ ଭଙ୍ଗୀ ଦେଖାଇ ଭୟଭୀତ କରାଏ। ମଣିଷ ତା' ଭୟରେ ଛାଟିପିଟି ହୋଇ ସେଠାରୁ ପଳାଇଯାଏ। ଗାଈକୁ ଗୀତ ଗାଇବାରେ ବଡ଼ ସଉକ ଥାଏ। ସେ ଦିନସାରା ବେସୁରା ଧ୍ୱନିରେ ଗୀତ ଗାଉଥାଏ। ସେପାଇଁ ତା' ପାଖ କେହି ମାଡ଼ନ୍ତି ନାହିଁ। ଏ ତିନି ଜଣଙ୍କ ବ୍ୟତୀତ ଅଳ୍ପ ଦୂରରେ ଗୋଟେ କୁକୁର ରହୁଥାଏ। ସେ ଏ ତିନିଜଣଙ୍କ ହାବଭାବକୁ ପରଖୁଥାଏ। ଦିନେ ମୂଷଳ ଧାରାରେ ବର୍ଷା ବର୍ଷିଲା। ଗଛ ତା' ଡାଳ ପତ୍ର ମେଲି ଖୁସି ମନରେ ନାଚିବାକୁ ଲାଗିଲା। ଗାଈ ବର୍ଷାର ପ୍ରକୋପ ଦେଖି ଭୟରେ ଚୁପ୍ ରହିଲା। ବିଚରା କୁକୁର ବର୍ଷାରେ ଅବିରାମ ଭିଜୁଥାଏ। ତା' ଅବସ୍ଥା ଦେଖି ଘର ସହି ନ ପାରି ପାଖକୁ ଡାକିଲା। ଓଦା ସରପଟ ହୋଇ କୁକୁର ଘର ଭିତରକୁ ଗଲା। ଘର ମଝିରେ ଗୋଟେ ଦରି ବିଛା ହୋଇଥାଏ। କୁକୁର ସେଇ ଦରି ଉପରେ ବସି ପଡ଼ିଲା। ଦରିରେ ବସିବା ପରେ ତାକୁ ବହୁତ ମଜା ଲାଗୁଥାଏ। ଧୀରେ ଧୀରେ ତା' ଦେହରୁ ବର୍ଷା ପାଣି ନିଗିଡ଼ିଗଲା। ହଠାତ୍ ତା' ନଜର ଖୋଲା ଝରକା ବାଟେ ନାଚୁଥିବା ଗଛ ଉପରେ ପଡ଼ିଲା। ଗଛ ତାକୁ ବାହାରକୁ ଆସି ନାଚିବାକୁ ଆମନ୍ତ୍ରଣ କରୁଥାଏ। ଗଛର ଆମନ୍ତ୍ରଣରେ ସେ ବାହାରକୁ ଗଲାନାହିଁ ସତ କିନ୍ତୁ ତା' ନାଚରେ ଭାବ ବିହ୍ୱଳ ହେଲା। ପୁଣି ଭୟଭୀତ ଗାଈକୁ ଦେଖି ତାକୁ ସାହାଯ୍ୟ କରିବାକୁ ମନ ବଳାଇ ଭୋ..ଓ...ଭୋ..ଓ.....ଶବ୍ଦରେ ଭୋକିବାକୁ ଲାଗିଲା। କୁକୁରର ଭୋ..ଓ ଭୋ..ଓ... ଶବ୍ଦ ଶୁଣି ଗାଈ ତା' ସ୍ୱରରେ ସ୍ୱର ମିଳାଇ ଗୀତ ଗାଇବାକୁ ଲାଗିଲା। ଘରଟି ବହୁଦିନ ଧରି ଧୂଳି, ଶୁଖିଲା ପତ୍ର, ଅଳନ୍ଧୁରେ ଅଳିଆ ହୋଇ ଯାଇଥାଏ। କୁକୁର ଝାଡ଼ିର ଗୁଚ୍ଛା କରି ଧୂଳି, ଅଳନ୍ଧୁ ଝାଡ଼ି ସଫା କରିଦେଲା।



କୁକୁରର ମହତ କାମ ଦେଖି ଘର କହିଲା- ଆଜିଠାରୁ ଆମେ ତିନିଜଣ ସାଙ୍ଗ ହୋଇ ରହିବା। ବହୁଦିନ ପରେ ସାଙ୍ଗ ହୋଇ କଥାବାର୍ତ୍ତା ହେବାର ମଉକା ମିଳିବାରୁ କୁକୁର ମନେ ମନେ ଭାରି ଖୁସି ହେଉଥାଏ। ତା' ମନରେ କିନ୍ତୁ ଗୋଟେ ପ୍ରଶ୍ନ ବାରମ୍ବାର ଉତ୍ତର ଖୋଜିବାକୁ ଇଚ୍ଛା କରୁଥାଏ। ତୁରନ୍ତ ସେ ପଚାରିଲା- ଆଚ୍ଛା, ଆମେ ତିନିଜଣ ତ ସାଙ୍ଗ ହେଲୁ କିନ୍ତୁ ଆମ ସୁଖ-ଦୁଃଖ ବୁଝିବ କିଏ ? ଗାଈ ମୁଣ୍ଡ ହଲେଇ ହଲେଇ କହିଲା- ସେକଥା ମୁଁ ଜାଣେନି। ଘର କିଛି ସମୟ ଚିନ୍ତା କରି କହିଲା-ଚାଲ, ଆମେ କେହି ମନୁଷ୍ୟକୁ ଡାକିଆଣି ଏଇଠି ରହିବାକୁ କହିବା। ସେ ଆମକୁ ସୁଖ ଦେବ ଦୁଃଖ ବି ଦେବ। ତାପରେ ସେମାନେ ମନୁଷ୍ୟକୁ ଅପେକ୍ଷା କଲେ। ଦିନେ ଜଣେ ମଣିଷ ରାସ୍ତାରେ ଯାଉ ଯାଉ ଘର ଭିତରକୁ ଯାଇ ପଚାରିଲା- ମୁଁ ଏଠି କିଛି ସମୟ ରହି ବିଶ୍ରାମ କରିପାରିବି? କୁକୁର ମଣିଷ ଚାରିପଟେ ଥରେ ଘୁରି ଆସି ପଚାରିଲା- ଆଚ୍ଛା, ତୁମ କାନ୍ଧରେ ଝୁଲୁଥିବା ପୁଟୁଳିରେ କ'ଣ ରଖିଛ? ମଣିଷ ଉତ୍ତର ଦେଲା- ସୁଖ ଓ ଦୁଃଖ। ଏହା ଶୁଣି ଘର, କୁକୁର, ଗାଈ ଏକାସାଙ୍ଗରେ କହିଉଠିଲେ- ଆମେ ତ ସେଇଦିନୁ ସୁଖ-ଦୁଃଖକୁ ଖୋଜି ହେଉଛୁ। ଚାହିଁବ ତ ତୁମେ ସବୁଦିନ ପାଇଁ ଏଇଠି ରହିପାରିବ। ସେବେଠାରୁ ମଣିଷ, କୁକୁର, ଗାଈ ସାଥୀହୋଇ ଘରେ ରହୁଛନ୍ତି। ସୁଖ-ଦୁଃଖ ମିଳିମିଶି ସହୁଛନ୍ତି। (ଭାରତ ଲୋକକଥା)।

ବିସି-୭୪, ସଲ୍ଟ ଲେକ୍, କଲିକତା


## ରଙ୍ଗ ଆଉ ତୁଳି




ଆସ୍ଥା ଚୌରାଶିଆ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଜୋବ୍ରା, କଟକ




ରିତଭିକ ସାହୁ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ




ସ୍ୱସ୍ତିକା ମହାପାତ୍ର
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଖାନନଗର, କଟକ





ସ୍ୱସ୍ତିତପା ମେକାପ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା